NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
3 SEPTEMBER 2025
ବୁଧବାର
୩ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 110 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୧୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



ସୁଦାନର ପଶ୍ଚିମ ଦାରଫୁର ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ । ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ସହ ଅନେକ ଭଗ୍ନାବଶେଷ ତଳେ ଥିବା ଆଶଙ୍କା । ଉଦ୍ଧାର କାର୍ଯ୍ୟ ଜାରି

ଛତିଶା ନିଯୋଗ ବୈଠକ

## ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ

ପୁରୀ,୨।୯/ଏନ୍‌ଏନ୍‌ଏସ୍ :



ଆଜି ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସୂଚନା ମୁତାବକ ଆସନ୍ତା ୭ ତାରିଖରେ ହେବାକୁ ଥିବା ଚନ୍ଦ୍ରଗ୍ରହଣ ନୀତିକାନ୍ତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି । ତଦନୁସାରେ ରାତ୍ର ୨ଟାରୁ ▶▶ ୫

ସେମିକନ୍ ଇଣ୍ଡିଆ-୨୦୨୫ ଉଦ୍‌ଘାଟିତ

# ଭାରତ ହେବ ସେମିକଣ୍ଡକ୍ଟର୍ ହବ୍: ପ୍ରଧାନମନ୍ତ୍ରୀ

ଭାରତର ସବୁଠୁ ଛୋଟ ଚିପ୍ ଖୁବଶୀଘ୍ର ବିଶ୍ୱର ସବୁଠୁ ବଡ଼ ପରିବର୍ତ୍ତନର ମୂଳଦୁଆ ସ୍ଥାପନ କରିବ

ତାଇୱାନ, ଚୀନ୍, ଆମେରିକା ପରେ ଭାରତ ବି ସେମିକଣ୍ଡକ୍ଟର୍ ଉତ୍ପାଦନକାରୀ ଦେଶ ହେବ



ନୂଆଦିଲ୍ଲୀ, ୨।୯/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ୩ ଦିନ ଧରି ଚାଲିବାକୁ ଥିବା ଏହି ସମାବେଶର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୋଦୀ ଏହି ଅବସରରେ ତାଙ୍କର ସାମ୍ପ୍ରତିକ ଜାପାନ ଓ ଚୀନ୍ ଗସ୍ତ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି । ମୋଦୀ କହିଛନ୍ତି, ଜାପାନ୍ ଗସ୍ତ ସମୟରେ, ତାଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଟୋକିଓ ଇଲେକ୍ଟ୍ରୋନ୍ କାରଖାନା ପରିଦର୍ଶନ କରିବାର ସୁଯୋଗ ମିଳିଥିଲା । ଉକ୍ତ କମ୍ପାନୀର ସିଇଓ ମଧ୍ୟ ଆଜିର ଏହି ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି, ଯାହାକି ଭାରତ ପାଇଁ ଏକ ବଡ଼ ଉପଲବ୍ଧି ହୋଇଥିବା ତାଙ୍କୁ (ମୋଦୀ ନିଜେ) ମଧ୍ୟ ଏହା ବହୁତ ଆନନ୍ଦ ଦେଇଛି । ମୋଦୀ ବିଭିନ୍ନ ଦେଶରୁ ଆସିଥିବା ବିଶିଷ୍ଟ ଅତିଥି, ଷ୍ଟାର୍ଟ-ଅପ୍ ସହ ଜଡିତ ଉଦ୍ୟୋଗୀ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି । ଭାରତ ଏବଂ ବିଦେଶର ସେମିକଣ୍ଡକ୍ଟର ଶିଳ୍ପର ସିଇଓ ଏବଂ ▶▶ ୫

## ଓଡ଼ିଶାରେ ନିର୍ମିତ ୩ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍

ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:

ଓଡ଼ିଶା ପାଇଁ ଏକ ଖୁସି ଖବର । ସ୍ୱଦେଶୀ ଜ୍ଞାନକୌଶଳରେ ସେମିକଣ୍ଡକ୍ଟର୍ ଚିପ୍ ପ୍ରସ୍ତୁତିରେ ରାଜ୍ୟକୁ ମିଳିଛି ଐତିହାସିକ ସଫଳତା । ଓଡ଼ିଶାରେ ନିର୍ମିତ ତିନୋଟି ସେମିକଣ୍ଡକ୍ଟର୍ ଚିପ୍‌କୁ ନୂଆଦିଲ୍ଲୀରେ ଅନୁଷ୍ଠିତ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି । ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର୍ ଉତ୍ପାଦନରେ ଓଡ଼ିଶାର ଅଗ୍ରଣୀ ଭୂମିକା ବେଶ୍ ପ୍ରଶଂସିତ ହୋଇଛି । ମଙ୍ଗଳବାର ନୂଆଦିଲ୍ଲୀରେ ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଥିବା ▶▶ ୫

**ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ**

**ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଓଡ଼ିଶା ପାଭିଲିୟନ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

● ଫୁଲବାଣୀ ଓ ତାଳଚେର ମେଡିକାଲ୍ କଲେଜକୁ ୧୦୦ ଲେଖାଏଁ ସିଟ୍ ଅନୁମୋଦିତ

## ଚଳିତ ଶିକ୍ଷାବର୍ଷରୁ ପାଠ ପଢ଼ା ଆରମ୍ଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:



ଓଡ଼ିଶାର ଆଉ ଦୁଇଟି ସରକାରୀ ମେଡିକାଲ୍ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ ହୋଇଛି । ଜାତୀୟ ମେଡିକାଲ୍ କମିଶନ୍ ଏହି ମଞ୍ଜୁରୀ ଦେଇଛନ୍ତି । ଫୁଲବାଣୀ ସରକାରୀ ମେଡିକାଲ୍ କଲେଜ ପାଇଁ ୧୦୦ଟି ସିଟ୍ ଅନୁମୋଦିତ ହୋଇଥିବା ବେଳେ, ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ କଲେଜ ପାଇଁ ମଧ୍ୟ ୧୦୦ଟି ସିଟ୍ ଅନୁମୋଦିତ ହୋଇଛି । ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢ଼ା ଆରମ୍ଭ ହେବ । ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି କହିଛନ୍ତି ଯେ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିପାରିଛି । ଗୋଟିଏ ବର୍ଷରେ ୨୦୦ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷାବର୍ଷ ଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରିପାରିବେ । ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି । ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି ।

## ପଞ୍ଜାବରେ ଉତ୍କଟ ବନ୍ୟା ପରିସ୍ଥିତି, ୨୯ ମୃତ

ସହାୟତା କରିବାକୁ ମୁଖ୍ୟମନ୍ତ୍ରୀ, କେଜ୍ରିୱାଲ୍‌ଙ୍କ ଅପିଲ୍

ଚଣ୍ଡିଗଡ଼,୨।୯/ଏଜେନ୍ସି:

ଉତ୍ତର ପୂର୍ବ ରାଜ୍ୟରେ ଏବେ ଲଗାଣ ବର୍ଷାଜନିତ ବିପର୍ଯ୍ୟୟ ପ୍ରାଣଘାତୀ ସାବ୍ୟସ୍ତ ହେବାରେ ଲାଗିଛି । ବିଶେଷକରି ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ଉତ୍କଟ ବନ୍ୟା ପରିସ୍ଥିତି ଉତ୍ପନ୍ନ ହୋଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବର୍ଷାଜନିତ ବିପର୍ଯ୍ୟୟ ଯୋଗୁ ପ୍ରାୟ ୨୯ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ମାନ୍‌ଙ୍କ କହିବାନୁସାରେ ୧୯୯୮ରେ ଆସିଥିବା ବନ୍ୟା ପରିସ୍ଥିତି ତୁଳନାରେ ଏଥର ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ।

ମୁଖ୍ୟମନ୍ତ୍ରୀ ମାନ୍ କହିଛନ୍ତି, ପଞ୍ଜାବ ଏବେ ପାଣି ▶▶ ୫




ସୃଷ୍ଟିହେଲା ଲଘୁଚାପ

# ୫ ଦିନ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:

ସୃଷ୍ଟିହେଲା ଲଘୁଚାପ । ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ସମୁଦ୍ର ପତ୍ତନଠାରୁ ୭.୬ କିମି ଉଚ୍ଚତା ପର୍ଯ୍ୟନ୍ତ ଘୂର୍ଣ୍ଣିବଳୟ ବ୍ୟାପିଛି ଏବଂ ଦକ୍ଷିଣ-ପଶ୍ଚିମ ଦିଗ ଆଡ଼କୁ ଢଳି ରହିଛି । ଆଗାମୀ ୨୪ ଘଣ୍ଟାରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହେବ । ଫଳରେ ଉତ୍ତର ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ପ୍ରତି ଭୁବନେଶ୍ୱରରେ ପ୍ରବଳ ବର୍ଷା ଲାଗି ରହିଛି । ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ରେଡ୍ ଆଲର୍ଟ ଜାରି ହୋଇଛି । ଲଘୁଚାପ ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ପାଇଁ ୪ ଜିଲ୍ଲାକୁ ରେଡ୍, ୮ଜିଲ୍ଲାକୁ ଅରେଞ୍ଜ୍ ଏବଂ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂପାଣିପାଗ ବିଭାଗ ସତର୍କତା ଜାରି କରିଛି ।

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ସଲଗ୍ନ ମିଆଁମାର ଉପକୂଳ ଉପରେ ଅବସ୍ଥିତ ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ହେବାର ସମ୍ଭାବନା ରହିଛି । ଏହା ସହିତ ଓଡ଼ିଶା ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବ



**୪ ଜିଲ୍ଲାକୁ ରେଡ୍, ୮କୁ ଅରେଞ୍ଜ୍ ଓ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲା ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ୮ଜିଲ୍ଲା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର ଓ କୋରାପୁଟକୁ ଅରେଞ୍ଜ ଆଲର୍ଟ ଏବଂ ମାଲକାନଗିରି, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ସେପଟେ ବାକିସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଦରଣର ବର୍ଷା ହେବ । ସାରା ରାଜ୍ୟରେ ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟକା ପବନ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି । ଏନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

ଆସନ୍ତାକାଲି ସେପ୍ଟେମ୍ବର ୩ ତାରିଖରେ ନବରଙ୍ଗପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ଏବଂ ୩୦-୪୦ କିମି ବେଗରେ ଘଣ୍ଟାପ୍ରତି ଝଟକା ପବନ ବହିବ । ଏଥିପାଇଁ ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ୍ ଆଲର୍ଟ ଜାରି କରାଯାଇଛି । ସେହିପରି କୋରାପୁଟ, କଳାହାଣ୍ଡି, ନୁଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡ଼ଘଡ଼ି ସହିତ ୩୦-୪୦ କିମି ବେଗରେ ଘଣ୍ଟାପ୍ରତି ଝଟକା ପବନ ବହିବ । ଏହି ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଭିତରେ ରଖାଯାଇଛି । ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, କଟକ, ମାଲକାନଗିରି, ରାୟଗଡ଼ା ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ ଓ ସୋନପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିବା ସହିତ ବଜ୍ରପାତ ଓ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ୪ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ପ୍ରବଳ ବର୍ଷା ▶▶ ୫

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ

# ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କର

ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:




ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ ମଙ୍ଗଳବାର ଅପରାହ୍ଣରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅକ୍ଟୋବର ମାସ ଶେଷ ସୁଦ୍ଧା ଚିଲିକା, ଅଂଶୁପା, ଭିତରକନିକା ହେନ୍ତାଳବନ, ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଏବଂ ତାମ୍ପଡା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ପରିବେଶ ଗୁରୁତ୍ୱ ଥିବା ଆର୍ଦ୍ରଭୂମିର ଚିହ୍ନଟ ଏବଂ ବିଜ୍ଞପ୍ତି, ସଂରକ୍ଷଣ ଏବଂ ସମୁଚିତ ବ୍ୟବହାର ପାଇଁ ସମନ୍ୱିତ ପରିଚାଳନା ଯୋଜନା ଗଠନ ଏବଂ ଅନୁମୋଦନ, ଆର୍ଦ୍ରଭୂମିର ଜୈବ ବିବିଧତା, ପରିବେଶଗତ ସେବା ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ଆର୍ଦ୍ରଭୂମି ପରିଚାଳନାରେ ସମ୍ପ୍ରଦାୟର ଅଂଶଗ୍ରହଣ, ସ୍ଥାନୀୟ ଜୀବିକାକୁ ନିରନ୍ତର ଭାବେ ନିଶ୍ଚିତ କରିବା, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ କ୍ଷମତା ନିର୍ମାଣ, ସଚେତନତା ସୃଷ୍ଟି ଏବଂ ଗବେଷଣା କ୍ଷେତ୍ରରେ ସହଯୋଗ, ବିକାଶମୂଳକ ଯୋଜନା, ଜଳବାୟୁ ଅନୁକୂଳ ରଣନୀତି ଏବଂ ବିପର୍ଯ୍ୟୟ ପରିଚାଳନା ଢାଞ୍ଚାରେ ଆର୍ଦ୍ରଭୂମିକୁ ମୁଖ୍ୟଧାରାରେ ପରିଣତ କରିବାର ଲକ୍ଷ୍ୟ ନେଇ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଫଳତା ମଧ୍ୟରେ ଚିଲିକା ହ୍ରଦ ପୁନରୁଦ୍ଧାର, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା, ଅଂଶୁପା ଓ ତାମ୍ପଡ଼ା ହ୍ରଦ ଆଦି ଛୋଟ ଆର୍ଦ୍ରଭୂମିର ସଂରକ୍ଷଣ, ରାମସର ସ୍ଥାନ ସମ୍ପ୍ରସାରଣ, ଗୋଷ୍ଠୀ ସମ୍ପୃକ୍ତି ଏବଂ ଜୀବିକା ପ୍ରୋତ୍ସାହନ, ଜଳବାୟୁ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରଶମନ, ସଚେତନତା ଏବଂ ଗବେଷଣା ସହଯୋଗ ଆଦି ଅନ୍ତର୍ଭୁକ୍ତ । ସମନ୍ୱିତ ପରିଚାଳନା ଯୋଜନାର ମାର୍ଗଦର୍ଶିକା ଅନୁସାରେ ସଂପୃକ୍ତ ସରକାରୀ ବିଭାଗ ଓ ବିଭିନ୍ନ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷାକରି ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନେ ଏହି ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଆର୍ଦ୍ରଭୂମିଗୁଡ଼ିକ ହେଉଛି ଆମ ରାଜ୍ୟରେ ଜୀବନ ଏବଂ ଜୀବିକାର ଜୀବନରେଖା । ଆମ ରାଜ୍ୟ ପାଇଁ ପରିବେଶ ସହ ବିକାଶର ସମନ୍ୱୟ ଜରୁରୀ । ବିଭିନ୍ନ ଆର୍ଦ୍ରଭୂମିର ପରିବେଶ-ସମ୍ବେଦନଶୀଳ ଅଞ୍ଚଳକୁ ବାଦ ଦେଇ ▶▶ ୫

୪ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ହେର୍‌ଫେର୍ ମାମଲା

## ନିଲମ୍ବିତ ତହସିଲଦାର୍ ମଧୁସ୍ମିତା ସିଂ ଗିରଫ

ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:



ଝାରସୁଗୁଡ଼ା ଜିଲ୍ଲାର ବହୁଚର୍ଚ୍ଚିତ ବେଲପାହାଡ଼ ମ୍ୟୁନିସିପାଲଟି ଆର୍ଥିକ ଦୁର୍ନୀତି ମାମଲାରେ ପୂର୍ବତନ ନିର୍ବାହୀ ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲା ଜାମଦାର ନିଲମ୍ବିତ ତହସିଲଦାର୍ ମଧୁସ୍ମିତା ସିଂଙ୍କୁ ମଙ୍ଗଳବାର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଗିରଫ କରିଛି । ମଧୁସ୍ମିତା ସିଂ ବେଲପାହାଡ଼ରେ କାର୍ଯ୍ୟରତ ଥିବାବେଳେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା । ପ୍ରଥମେ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲେ । ଗତ ୨୭ ତାରିଖରେ ମାମଲା ଇଓଡବ୍ଲୁକୁ ହସ୍ତାନ୍ତର ହେବା ପରେ ୩୦ ତାରିଖରେ ସୁଶ୍ରୀ ସିଂଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା ।

ସୂଚନା ଅନୁସାରେ ଏହି ଆର୍ଥିକ ହେର୍‌ଫେର୍ ମାମଲାରେ ବେଲପାହାଡ଼ ପୌରପରିଷଦର ଟ୍ରେଜରର୍ ବିଭୂତି ସାହୁଙ୍କୁ ପୁଲିସ ପୂର୍ବରୁ ଗିରଫ କରିସାରିଛି । ମଧୁସ୍ମିତା ବେଲପାହାଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ପ୍ରାୟ ୪କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା ଏବଂ ଇଓଡବ୍ଲ୍ୟୁ ଏହାର ତଦନ୍ତ ଜାରି ରଖିଛି ।ଅର୍ଥନୀତିକ ଅପରାଧ ଶାଖାର ତଦନ୍ତରୁ ଜାଣିବାକୁ ପାଇଛି ଯେ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଚନ୍ଦ୍ର ପ୍ରଧାନ ମଧ୍ୟ ବେଲପାହାଡ଼ ପୌରପରିଷଦର କ୍ୟାସବୁକ୍ ଯାଞ୍ଚ ନକରି ପ୍ରାୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ କରିସାରିଛନ୍ତି । ଶ୍ରୀ ପ୍ରଧାନଙ୍କୁ ମଧ୍ୟ ଆବଶ୍ୟକ ଦସ୍ତାବିଜ ସହ ହାଜର ହେବା ପାଇଁ ଇଓଡବ୍ଲ୍ୟୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି ।

ଶ୍ରୀ ପ୍ରଧାନ ଦାୟିତ୍ୱ ଗ୍ରହଣ କରିବା ସମୟରେ ପୌରପରିଷଦର କ୍ୟାସ୍‌ବୁକ୍‌ର ସ୍ଥିତି କ'ଣ ଥିଲା ଓ ସେ କେଉଁ ଆଧାରରେ ଏହି ଅର୍ଥ ପ୍ରଦାନକୁ ଅନୁମୋଦନ କରିଥିଲେ ତାହା ଇଓଡବ୍ଲ୍ୟୁ ଯାଞ୍ଚ କରିବ ବୋଲି ଜଣାପଡ଼ିଛି । ବେଲପାହାଡ଼ ପୌରପରିଷଦର ଏହି ଆର୍ଥିକ ହେର୍‌ଫେର୍ ପଦାକୁ ଆସିବା ପରେ ଟ୍ରେଜେରୀ ବିଭାଗ, ଟ୍ରେଜେରୀ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରଶାସନିକ ଅବହେଳା ମଧ୍ୟ ଉଜାଗର ହୋଇଛି ।

# ଡ୍ରେନ୍ ଉପରୁ ଉଠାଦୋକାନୀଙ୍କୁ ଉଚ୍ଛେଦ, ଜୋରିମାନା ଆଦାୟ



**ବାଲିଗୁଡା,୨୧୯/ଏନ୍ଏନ୍ଏସ୍:** ବାଲିଗୁଡା ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠା ଦୋକଳନୀଙ୍କୁ ଉଠାଇବା ସହ ଡ୍ରେନ ଉପରେ ଦୋକାନ ସାମଗ୍ରୀ ରଖିଥିବା ଦୋକାନୀ ମାନଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଛି । ଉଠା ଦୋକାନୀ ଗୁଡିକୁ ରାସ୍ତା କଡରୁ ଉଠାଇ ସହରରେ ଥିବା ଭେଣ୍ଡିଂଜୋନରେ ଥଇଥାନ କରାଯାଇଥିବା ଦେଖିବାକୁ ମିଳିଛି । ଡ୍ରେନ ଉପରେ କିଛି ଦୋକାନୀ ଦୋକାନ ସାମଗ୍ରୀ ରଖିଥିବାରୁ ଜୋରିମାନା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଣୀତା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦ, ତହସିଲଦାର ଦୀପ୍ତି ପ୍ରକାଶ ବେହେରା,ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ ସମେତ ଏନଏସି କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ପୋଲିସ ଫୋର୍ସ ମୁତୟନ ଥିଲେ ।

## ବ୍ରହ୍ମପୁର ପୁଲିସ୍‌ର ଅପରେସନ୍ 'ପ୍ରହାର' ଆରମ୍ଭ

# ୪୪ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର,୨୧୯/ଏନ୍ଏନ୍ଏସ୍:** ବ୍ରହ୍ମପୁର ପୁଲିସ୍ ପକ୍ଷରୁ ଆଜି ଅପରେସନ୍ 'ପ୍ରହାର' ଆରମ୍ଭ ହୋଇଛି । ସହରର ବିଭିନ୍ନ ଦୋକାନରେ ଚଢଉ କରାଯାଇ ବିପୁଳ

### ଗୁଟ୍‌ଖା, ସିଗାରେଟ୍ ଜବତ

ପରିମାଣର ସିଗାରେଟ୍, ଗୁଟ୍‌ଖା ଆଦି ତମାଖୁ ଜବତ କରାଯାଇଛି । ମୋଟ ୪୪ଟି ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଗାମୀ ଦୁଇ ସପ୍ତାହ ଧରି ଚଢଉ ଅଭିଯାନ ଜାରି ରହିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ପ୍ରକାରେ ରାଜ୍ୟରେ ତମାଖୁ ବିକ୍ରି ନିଷେଧ ହୋଇଥିବା ବେଳେ ସହରର ବିଭିନ୍ନ ଦୋକାନଗୁଡିକରେ ଅବାଧରେ ବିକ୍ରିବଟା ହେଉଛି । ସ୍କୁଲ, କଲେଜ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଅବାଧ ତମାଖୁ



ବିକ୍ରି ଦ୍ୱାରା ଏହାର କୁପ୍ରଭାବ ବିଦ୍ୟାର୍ଥୀଙ୍କ ଉପରେ ପଡୁଛି । ଆଜି ବଡ ବଜାର ଥାନା, ବୈଦ୍ୟନାଥପୁର ଥାନା, ଗୋଷାଣୀ ନୂଆଗାଁ ଥାନା, ଟାଉନ୍ ଥାନା ପକ୍ଷରୁ ୪ ଟିମ୍ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଦ୍ୟାଳୟ ଏବଂ କଲେଜ ନିକଟସ୍ଥ ଅଞ୍ଚଳରେ ରହିଥିବା ଦୋକାନଗୁଡିକ ଉପରେ ଚଢଉ କରାଯାଇଥିଲା । ଚଢଉ ବେଳେ ବହୁ ଦୋକାନୀଙ୍କ ନିକଟରୁ ବିପୁଳ ପରିମାଣର ଗୁଟ୍‌ଖା ଏବଂ ସିଗାରେଟ୍ ଜବତ ହୋଇଥିଲା । ଦୋକାନୀଙ୍କୁ ତମାଖୁ ବିକ୍ରି ନ କରିବା ପାଇଁ ପୁଲିସ୍ ପକ୍ଷରୁ ତାଗିଦ୍ କରାଯାଇଥିଲା । ବଡ ବଜାର ଥାନା ପକ୍ଷରୁ ମୋଟ ୧୦ ଦୋକାନୀଙ୍କ ବିରୋଧକରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଗୋଷାଣୀ ନୂଆଗାଁ ଥାନା ପକ୍ଷରୁ ୧୨, ବୈଦ୍ୟନାଥପୁର ଥାନାରେ ୧୧ ଏବଂ ଟାଉନ୍ ଥାନା ପକ୍ଷରୁ ୧୧ ଦୋକାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଶିକ୍ଷାନୁଷ୍ଠାନ ପରିସରରେ ତମାଖୁ ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ (ବିଜ୍ଞାପନ ନିଷେଧ ତଥା ବ୍ୟାପାର ଏବଂ ବାଣିଜ୍ୟ ଉତ୍ପାଦନ, ଆପୂର୍ତ୍ତି ଏବଂ ବିତରଣ ବିନିୟମ) ଅଧିନିୟମ ୨୦୦୩ ଅନୁସାରେ ଧାରା ୨୪ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନୁସାରେ ଆରମ୍ଭ ହୋଇଥିବା ଅପରେସନ୍ ଦୁଇ ସପ୍ତାହ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି । ପୁଲିସ୍‌ର ଚଢଉ ପରେ ଦୋକାନୀଙ୍କ ମଧ୍ୟରେ ଛନକା ପଶିଛି ।

# ଆସିକା ଏନ୍ଏସି ଗୋଲାସାହିର ଗଣେଶ ପୂଜା ମହୋତ୍ସବ

**ଆସିକା,୨୧୯/ଏନ୍ଏନ୍ଏସ୍:** ଆସିକା ଏନ୍ଏସି ଅଧୀନସ୍ଥ ୬ ନମ୍ବର ୱାର୍ଡର ଗୋଲାସାହିର ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନବିନାଶକ ପ୍ରଭୁ ଗଜାନନ । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୂଜା ଚାଲିଥିବା ବେଳେ ରଙ୍ଗ ବେରଙ୍ଗର ଆଲୋକମାଳାରେ ସମଗ୍ର ପରିବେଶ ଝଲସି ଉଠୁଛି । ଆସିକା ଅଞ୍ଚଳର ଜଣାଶୁଣା ଆଧ୍ୟାତ୍ମିକପ୍ରେମୀ ଜିତେନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ୬ ନମ୍ବର ୱାର୍ଡ ଗୋଲାସାହିର ପୂଜାମହଲ ଯୁବକ ସଂଘର ସଦସ୍ୟ ସତୀଶ୍ ଆଚାରୀ, କାହ୍ନା ଆଚାରୀ, ଶିଶିର ମହାପାତ୍ର, ସାଗର ମହାରଣା, ତାରିଣୀ ଆଚାରୀ, ସାଗର ମହାପାତ୍ର, ସନ୍ମୁଖ୍ ଆଚାରୀ, ବୁଢା ଆଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବ ପିଢୀଙ୍କ ସହଯୋଗରେ ଅନୁଷ୍ଠିତ ପୂଜା ମହୋତ୍ସବ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ



ବି.ମନୋଜ କୁମାର ଦୋରା, ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ମାନସ ରଂଜନ ଗୌଡ, କେ.ଚିତ୍ରସେନ ରେଡି, ସତ୍ୟନାରାୟଣ ସାମନ୍ତରା, ନୀଳାଞ୍ଚଳ ମଣ୍ଡଳ, ବାପିନା ଜେନା, ଭଗବାନ ବିଶ୍ୱାଳ, ସନ୍ତୋଷ ନାହାକ, ଆକାଶ ସ୍ୱାଇଁ, କେ.ରବିନ୍ କୁମାର ପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସାଇରାଜ ଦଳେଇ, ପ୍ରଣବ କୁମାର ପାଢୀ, ରବିନ୍ଦ୍ର ସାହୁ, ବିମଳ ପ୍ରଧାନ, କାହ୍ନୁଚରଣ ଦଳେଇ, ଦେବାଶିଷ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା, ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ ଆସିକା ଅଞ୍ଚଳବାସୀଙ୍କ ମଙ୍ଗଳ, ସୁଖସମୃଦ୍ଧି କାମନା କରିଥିଲେ । ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସଂପାଦକ ବି.ମନୋଜ କୁମାର ଦୋରାଙ୍କ ନେତୃତ୍ୱରେ ଦଳୀୟ ନେତା ଓ ଶ୍ରଦ୍ଧାଳୁ ଭକ୍ତମାନେ ଗୋଲାସାହିରେ ବିରାଜିତ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାମଣ୍ଡ ବୁଲି ପୂଜାର୍ଚ୍ଚନା କରିଥିଲେ । ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକଙ୍କ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ସାର ବିକ୍ରୟ କେନ୍ଦ୍ର ଉପରେ ପ୍ରଶାସନିକ ଚଢ଼ଉ

**ବୁଗୁଡ଼ା,୨୧୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ତହସିଲଦାର ତାପସ ରାଉତ ଏବଂ ସହକାରୀ କୃଷି ଅଧିକାରୀ ହରପ୍ରିୟା ବେହେରା ବୁଗୁଡା ଅଞ୍ଚଳର ବିଭିନ୍ନ ବେସରକାରୀ ସାର ବିକ୍ରୟ କେନ୍ଦ୍ର ଓ ସେବା ସମବାୟ ସମିତି ଗସ୍ତରେ ଯାଇଥିଲେ । ସାରର କଳାବଜାରୀକୁ ରୋକିବା ପାଇଁ ଟିମ୍ ପକ୍ଷରୁ ବୁଗୁଡା ଅଞ୍ଚଳର ଜୟ ମା ତାରିଣୀ ଭଣ୍ଡାର, ଜଗନ୍ନାଥ ଟ୍ରେଡର୍ସ, ପଦ୍ମାବତୀ ଭଣ୍ଡାର, ସାଇକୃପା ଷ୍ଟୋର ଓ ବୁଗୁଡ଼ା ସେବା ସମବାୟ ସମିତିରେ ଚଢାଉ କରାଯାଇଥିଲା । ଏହି ଟିମରେ ରେଭିନ୍ୟୁ ସୁପରଭାଇଜର ଗିରିଜା ଭୂଷଣ ମଲ୍ଲିକ ଓ ଭିଏଡବ୍ଲ୍ୟୁ ଅଶୋକ କୁମାର ସେଠୀ ମଧ୍ୟ ସାମିଲ ଥିଲେ । ଏହି ଚଢାଉ କାଳରେ ଗଚ୍ଛିତ ସାରକୁ ଚଢା ଦରରେ



ବିକ୍ରି ନକରିବାକୁ ସମସ୍ତଙ୍କୁ ତାଗିଦ୍ କରିବା ସହ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା ।

# ଘରୋଇ ବସ୍ ମାଲିକ ସଂଘର ବନ୍ଧୁମିଳନ



**ପାତ୍ରପୁର,୨୧୯/ଏନ୍ଏନ୍ଏସ୍:** ଚିକିଟି ବ୍ଲକ ପ୍ରସିଦ୍ଧ ମା' ବଳକୁମାରୀଙ୍କ ପୀଠରେ ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପତି, ସିମାଞ୍ଚଳ ପୃଷ୍ଟି, ଅରକ୍ଷିତ ଜେନା, ପଞ୍ଚାନନ ରାଉତ, ସମୀର କୁମାର ମିଶ୍ର, ବିଜୟ କୁମାର ପଣ୍ଡା, ରବି କୁମାର, ରଞ୍ଜନ କୁମାର ପାତ୍ର, ଶରତ ସାହୁ, ମୁନ୍ନା ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଏଥିରେ ବ୍ରହ୍ମପୁର ବସ ଷ୍ଟାଣ୍ଡ ଘୁଂଚିବାକୁ ବାରଣ କରିବା ସହ ମାଲିକ ମାନେ ଏକତ୍ରିତ ହୋଇ ସକଳ ସୁବିଧା ଅସୁବିଧାରେ ମିଳିମିଶି ରହି ସମସ୍ତ ସୁଖ ଦୁଃଖରେ ସାମିଲ ହେବା, ଡ୍ରାଇଭର, କଣ୍ଡକ୍ଟର ଓ କର୍ମଚାରୀ ମାନଙ୍କ ଭରଣା ପୋଷଣ କିଭଳି ହୋଇପାରିବ, ପରମିଟ, ସଙ୍ଘ ସଙ୍ଗଠନ ସୁଦୃଢ ପ୍ରମୁଖ ଉପରରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରମା ପାତ୍ର, ନାରାୟଣ ନାହାକ, ଭାରତ ଦାସ, ବିପିନ କୁମାର ସାହୁ, ବଳିଆ ପଣ୍ଡା,ପାରୁ ବାବୁ, ସୁଶାନ୍ତ ପ୍ରଧାନ, ସୁଦ୍ରୁ ପ୍ରଧାନ, ବାବୁଲା କୁମାର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ଶତାଧିକ ଘରୋଇ ବସ ମାଲିକ ଉପସ୍ଥିତ ଥିଲେ ।

# କନ୍ଧମାଳ ବିଜେପି ପକ୍ଷରୁ ପ୍ରତିବାଦ ସଭା



**ଫୁଲବାଣୀ,୨୧୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମାତାଙ୍କ ଉଦ୍ଦେଶ୍ୟରେ ବିରୋଧୀ ଦଳ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ଅଶାଳୀନ ମନ୍ତବ୍ୟ ବିରୋଧରେ ଆଜି ଫୁଲବାଣୀ ବଜାର ଛକ ଠାରେ ଏକ ପ୍ରତିବାଦ ସଭା ବିଜେପି କନ୍ଧମାଳ ପକ୍ଷରୁ ହୋଇଥିଲା । ଜିଲ୍ଲା ସଭାପତି ଏହି ନିନ୍ଦନୀୟ ମନ୍ତବ୍ୟକୁ ଦେଶବାସୀ କେବେ ବି କ୍ଷମା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ । ବିଜେପି ନେତା ଓ କର୍ମୀ ମାନେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ନାରାବାଜି ଦେଇଥିଲେ । କାର୍ଯ୍ୟକ୍ରମରେ ଘୁ . ଉଦୟଗିରି ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ବାଲିଗୁଡା ବିଧାନସଭାର ବିଜେପି ପ୍ରାର୍ଥିନୀ କଳ୍ପନା କହଁର, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ଯୁବ ମୋର୍ଚ୍ଚା ସଭାପତି ମୁକ୍ତି ମହାନ୍ତି, ଅଜିତ ପଟ୍ଟନାୟକ, ସନ୍ତୋଷ ଲେଙ୍କା, ରଞ୍ଜିତ ସାହୁ, ନଗର ସଭାପତି ଜଗନ୍ନାଥ ସାହୁ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଅତିଥି ଅଧ୍ୟାପକରେ ଚାଲିଛି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଫୁଲବାଣୀ,୨୧୯/ଏନ୍ଏନ୍ଏସ୍:** ଅତିଥି ଅଧ୍ୟାପକରେ ଚାଲିଛି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ । ୧୯୬୦ ମସିହାରେ ସ୍ଥାପିତ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ କନ୍ଧମାଳ ଜିଲ୍ଲାର ସର୍ବବୃହତ ଶିକ୍ଷାନୁଷ୍ଠାନ । ଉଚ୍ଚ ଶିକ୍ଷା ପାଇଁ ଏହି ପୁରାତନ ମହାବିଦ୍ୟାଳୟ ଉପରେ କନ୍ଧମାଳ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ଯୁବକ ଯୁବତୀ ମଧ୍ୟ ନିର୍ଭର କରନ୍ତି । ଦୀର୍ଘ ଦିନ ଧରି ନାନାଦି ସମସ୍ୟା ଭିତରେ ଗତି କରୁଛି ଏହି ମହାବିଦ୍ୟାଳୟ । ବିଭିନ୍ନ ପ୍ରକାର ଭିତ୍ତିଭୂମି ଜନିତ ସମସ୍ୟା ସହିତ ଅନ୍ୟାନ୍ୟ କାରଣରୁ ବହୁ ବର୍ଷ ଧରି ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତାକୁ ପ୍ରତ୍ୟାହାର କରି ନେଇଥିଲା ୟୁଜିସି । ଢାଞ୍ଚାଗତ ସୁଧାର ସହିତ ବହୁ ଉଦ୍ୟମ ପରେ ମହାବିଦ୍ୟାଳୟ ଏହି ମାନ୍ୟତା ପୁଣି ଫେରି ପାଇଛି । ବର୍ତ୍ତମାନ ଏହି ମହାବିଦ୍ୟାଳୟର ଯୁକ୍ତ ତିନି ଶ୍ରେଣୀରେ ୧୮ଟି ବିଭାଗ ରହିଛି । ଏଥି ସହିତ ୧୪ ଟି ବିଷୟରେ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରାଯାଉଛି । ଯୁକ୍ତ ତିନିର ୧୮ ଟି ବିଭାଗ ପାଇଁ ୩୧୪୪ ସିଟ ଏବଂ ସ୍ନାତକୋତ୍ତର ଶ୍ରେଣୀର ୧୪ ଟି ବିଭାଗରେ ୬୮୮ ସିଟକୁ ମିଶାଇ ସମୁଦାୟ ୩୮୩୨ ସିଟ ଥିବା



ବେଳେ ବର୍ତ୍ତମାନ ୨୬୬୬ ଜଣ ଛାତ୍ରଛାତ୍ରୀ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ଉଭୟ ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଶ୍ରେଣୀ ପାଇଁ ୬୨ଟି ସହକାରୀ ପ୍ରଫେସର ପଦବୀ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ଅଛନ୍ତି ୪୦ ଜଣ । ୨୨ଟି ପଦବୀ ଖାଲି ରହିଛି । ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ ପାଇଁ ୪୦ ଜଣ ଅତିଥି ଅଧ୍ୟାପକ ନିଯୁକ୍ତି ଦିଆଯାଇଛି । ତଥାପି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ । ଭିତ୍ତିଭୂମିରେ ମଧ୍ୟ ରହିଛି ଗୁରୁତର ସମସ୍ୟା । ପିଲାଙ୍କ ପାଠ ପଢିବା ପାଇଁ ନାହିଁ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ । ୧୪ଟି ସ୍ନାତକୋତ୍ତର ବିଭାଗ ଖୋଲା ଯାଇଥିଲେ ମଧ୍ୟ ଏଥିପାଇଁ କୌଣସି ସ୍ୱତନ୍ତ୍ର ଶ୍ରେଣୀଗୃହ ନାହିଁ । ଫଳରେ ଅଧ୍ୟାପକଙ୍କ ଚ୍ୟାମ୍ବର କିମ୍ବା ବିଭାଗୀୟ କାର୍ଯ୍ୟାଳୟରେ ଚାଲିଛି ପାଠପଢା । ବିଭାଗ ସଂଖ୍ୟା ବଢି ଚାଲିଥିଲେ ମଧ୍ୟ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ସରକାର ଯୋଗାଇ ଦେଇ ପାରି ନାହାଁନ୍ତି । ମହାବିଦ୍ୟାଳୟରେ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ପାଇଁ ପରୀକ୍ଷାଗାରର ଗୁରୁତର ସଙ୍କଟ ରହିଛି । ବହୁ ବର୍ଷ ତଳେ ନିର୍ମିତ ପରୀକ୍ଷାଗାର ଉପରେ ଆଜି ପର୍ଯ୍ୟନ୍ତ ନିର୍ଭର କରୁଛନ୍ତି ଛାତ୍ରଛାତ୍ରୀ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୁବାଷ ଚନ୍ଦ୍ର ପ୍ରଧାନଙ୍କ କହିବା ଅନୁସାରେ ମହାବିଦ୍ୟାଳୟ ପାଇଁ ଅଧିକ ୩୦ଟି ଶ୍ରେଣୀ ଗୃହର ଆବଶ୍ୟକତା ରହିଛି । ସେହିଭଳି, ବାହାରୁ ଆସି ପାଠ ପଢୁଥିବା ଛାତ୍ରଛାତ୍ରୀ ହଷ୍ଟେଲ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏବେ ମହାବିଦ୍ୟାଳୟର ସମୁଦାୟ ୫୦୦ ଶଯ୍ୟା ବିଶିଷ୍ଟ ୩ଟି ଛାତ୍ରାବାସ ଏବଂ ୩୬୦ ଶଯ୍ୟା ବିଶିଷ୍ଟ ୩ଟି ଛାତ୍ରୀ ନିବାସ ରହିଛି । ହଷ୍ଟେଲ ଅଭାବରୁ ମଧ୍ୟ କିଛି ଛାତ୍ରଛାତ୍ରୀ ଅନ୍ୟତ୍ର ଚାଲି ଯାଉଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ, ମହାବିଦ୍ୟାଳୟ ପାଇଁ ୩୦୦ ଶଯ୍ୟା ବିଶିଷ୍ଟ ଅଧିକ ଦୁଇଟି ହଷ୍ଟେଲର ଆବଶ୍ୟକତା ରହିଛି । ଅପରପକ୍ଷରେ ଗୋଟିଏ କ୍ୟାମ୍ପସରେ ହିଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ଏଠାରେ କଳା ବିଭାଗରେ ୮୯୬, ବିଜ୍ଞାନରେ ୫୧୨,ବାଣିଜ୍ୟରେ ୧୩୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୯୬ ଜଣଙ୍କୁ ମିଶାଇ ସମୁଦାୟ ୧୬୩୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଉଚ୍ଚ ମାଧ୍ୟମିକ ଶ୍ରେଣୀ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ଶ୍ରେଣୀଗୃହ ନିର୍ମାଣ ହୋଇ ନ ଥିବାରୁ ଏହି ସମସ୍ୟା ଅଧିକ ଜଟିଳ ହୋଇ ପଡିଛି । ନିକଟରେ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ମହାବିଦ୍ୟାଳୟକୁ ପରିଦର୍ଶନ ପାଇଁ ଆସିଥିବା ଅବସରରେ ତାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରା ଯାଇଥିବା କହିଛନ୍ତି ଅଧ୍ୟକ୍ଷ । ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏହା କେବେ ପୂରଣ ହେବ, ତାହା ସମୟ କହିବ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ୨୯ ହେକ୍ଟର ଜାଗାରେ ନିର୍ମିତ ଏହି ମହାବିଦ୍ୟାଳୟକୁ ୬୫ ବର୍ଷ ପୂରିଥିଲେ ମଧ୍ୟ ଏହି ଜମି ଆଜି ପର୍ଯ୍ୟନ୍ତ କଲେଜ ନାମରେ ପଟ୍ଟା ହୋଇନାହିଁ । ଶିକ୍ଷା ବିଭାଗ ନାଁରେ ରହିଥିବା ଏହି ଜମିକୁ କଲେଜ ନାମରେ ପଟ୍ଟା କରିବା ପ୍ରକ୍ରିୟା ଦୀର୍ଘ ଦିନ ଧରି ଚାଲିଛି । ଚଳିତ ବର୍ଷ ପାଇଁ ନାକ ଟିମ ଏହି ସରକାରୀ ମହାବିଦ୍ୟାଳୟକୁ 'ବି' ମାନ୍ୟତା ଦେଇଛି । ପ୍ରାୟ ୫୦ ବର୍ଷ ତଳେ ନିର୍ମିତ ମହାବିଦ୍ୟାଳୟର ଅନେକ ସ୍ଥାନରେ ଏବେ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳୁଛି । ଦିନ ଥିଲା ଏହି ମହାବିଦ୍ୟାଳୟ ଉପରେ କନ୍ଧମାଳ ସମେତ ପଡୋଶୀ ବୌଦ୍ଧ, ଗଞ୍ଜାମ, ନୟାଗଡ଼ ଜିଲ୍ଲାର ଛାତ୍ରଛାତ୍ରୀ ନିର୍ଭର କରୁଥିଲେ । ଏହି ମର୍ଯ୍ୟାଦା ସମ୍ପନ୍ନ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ତରଫରୁ ଦାବି ହେଉଛି ।

# ଏସ୍ଓଜି ଯବାନଙ୍କ ପକ୍ଷରୁ ବୃକ୍ଷରୋପଣ



**ଫୁଲବାଣୀ,୨୧୯/ଏନ୍ଏନ୍ଏସ୍:** କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ୍ ବି.ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନାରେ ମଙ୍ଗଳବାର ଏସ୍ଓଜି ଯବାନ ମାନଙ୍କ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପୋଲିସ୍ ରିଜର୍ଭ ନିକଟରେ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲାରେ ମାଓ ମୁକାବିଲା ପାଇଁ ସାମିଲ୍ ହୋଇଥିବା ଯବାନମାନେ ଏହି ବୃକ୍ଷ ରୋପଣ କରିଥିବା ବେଳେ ଏଥିରେ ଏସ୍.ଓ.ଜିର ସହକାରୀ କମାଣ୍ଡାଣ୍ଟ ଆଶିଷ୍ କୁମାର ସରକାର ଏବଂ ସମସ୍ତ ଯବାନମାନେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଶ୍ରୀ ସରକାର ବୃକ୍ଷର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଯବାନ ମାନଙ୍କର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ମହିଳାଙ୍କ ମୃତ୍ୟୁ

# ରାଜ୍ୟ ସରକାରଙ୍କୁ ଦାୟୀ କଲା ବିଜେଡି

**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** ଗୋଟିଏ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବାବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ଏକବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜୁ ଜନତା ଦଳ କହିଛି।



ମଙ୍ଗଳବାର ବିଜେଡିର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେଲିନ ମହାନ୍ତି କହିଛନ୍ତି, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜୁ ଜନତା ଦଳ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ନ କରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ୍ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଜଣେ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନ ଥିଲା। ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଡ଼. ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ ଆଉ ଏକ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ମୃତ୍ୟୁବରଣ କରୁଛନ୍ତି, କିନ୍ତୁ ସରକାରଙ୍କ ନିଦ୍ରା ଭଙ୍ଗ ହେଉନାହିଁ। ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଘୋଷଣା କରନ୍ତୁ ଓ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି।

ବ୍ୟବସାୟୀଙ୍କଠାରୁ ୯ ଲକ୍ଷ ଲୁଟ୍ ଘଟଣା

# ୩ ହୋମଗାର୍ଡ ସମେତ ୭ ଗିରଫ



**ରାୟଗଡ଼ା,୨୧୯/ଏନ୍ଏନ୍ଏସ୍:** ଗଜପତି ଜିଲ୍ଲାର ଜଣେ ବ୍ୟବସାୟୀଙ୍କଠାରୁ ଜୋର ଜବରଦସ୍ତ ପୁଲିସର ଭୟ ଦେଖାଇ ୯ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଏହି ମାମଲା ରାୟଗଡ଼ା ଥାନାରେ ଏତଲା ପରେ ରାୟଗଡ଼ା ଥାନା ପୁଲିସ ଘଟଣାରେ ସମ୍ପୃକ୍ତ ୩ ଜଣ ହୋମଗାର୍ଡଙ୍କ ସମେତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାୟଗଡ଼ା ପୁଲିସ। ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବିଷମକଟକ ଥାନାର ହୋମଗାର୍ଡ ଇନ୍ଦ୍ରମଣି କରକରିଆ, କଲ୍ୟାଣସିଂହପୁର ଥାନାର ତାମନା ପ୍ରାସ୍କା ଓ ଦିଲ୍ଲୀପ ଗରଡ଼ିଆ ଓ ଅନ୍ୟ ଅଭିଯୁକ୍ତମାନେ ହେଲେ ହୀରା ନାୟକ ଗରଡ଼ିଆ, ସୀମାଞ୍ଚଳ ମାଝି, ରାଧିକା ହାଲଓ୍ୱା ଓରଫ୍ ସୁନୀତା ଏବଂ ମୁକେଶ ନାଗ। ଏହି ଲୁଟ୍ ଘଟଣାରେ ୯ ଜଣ ସମ୍ପୃକ୍ତ ଥିବା ରାୟଗଡ଼ା ପୁଲିସ ପ୍ରକାଶ କରିଛି। ରାୟଗଡ଼ା ପୁଲିସ ସେମାନଙ୍କ ପାଖରୁ ନଗଦ ୨ ଲକ୍ଷ ୮୩ ହଜାର ଟଙ୍କା, ବେଲେରୋ ଗାଡ଼ି, ମୋଟରସାଇକେଲ, ୬ଟି ମୋବାଇଲ ଜବତ କରିଥିବା ଆଜି ରାୟଗଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ ଧର ପ୍ରକାଶ କରିଛନ୍ତି। ସାମ୍ବାଦିକଙ୍କୁ ସୂଚନା ଦେଇ ଶ୍ରୀ ଧର ପ୍ରକାଶ କରିଛନ୍ତି ଯେ ଗତକାଲି ଗଜପତି ଜିଲ୍ଲା ଗାରାବନ୍ଧରଟି ଉମା ରେଡି ନାମକ ଜଣେ ବ୍ୟବସାୟୀ ଓ ତାଙ୍କର ୨ ବନ୍ଧୁ ଡ୍ରାଇଭର ସହ ଜୟପୁରରୁ ରାୟଗଡ଼ା ଆସୁଥିଲେ। ରାସ୍ତାରେ ରାୟଗଡ଼ା ଜିଲ୍ଲା ରାଫକୋଣା ଛକରେ ରାଧିକା ହାଲଓ୍ୱା ଓରଫ ସୁନୀତା ତାଙ୍କୁ ଶ୍ରମିକ ଯୋଗାଇଦେବା ନାମରେ ତାଙ୍କ ସହ କଥାବାର୍ତ୍ତା ହେଲା ସମୟରେ ୭ଜଣ ଲୋକ ଗୋଟିଏ ବୋଲେରୋ ଗାଡ଼ିରେ ଆସିଥିଲେ। ଏଥିରେ ପୁଲିସ ପୋଷାକରେ ଥିବା କିଛି ବ୍ୟକ୍ତି ଓ ଅନ୍ୟମାନେ ବ୍ୟବସାୟୀଙ୍କୁ କାହିଁକି ଏଠାକୁ ଆସିଛ, ତୁମ ଆସିବା ଉଦ୍ଦେଶ୍ୟ କ'ଣ ବୋଲି କହିଥିଲେ। ଏହା ପରେ ଏସ୍‌ପିଙ୍କୁ ଭେଟିବ ଚାଲ ବୋଲି କହିଥିଲେ। ମହିଳା ସୁନୀତା ଓ ବ୍ୟବସାୟୀ ଉମା ରେଡିଙ୍କୁ ଅଭିଯୁକ୍ତମାନେ ବୋଲେରୋ ଗାଡ଼ିରେ ବସାଇଥିଲେ। କିଛି ବାଟ ପରେ ସୁନୀତାଙ୍କୁ ରାସ୍ତାରେ ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ଅନ୍ୟମାନେ ବ୍ୟବସାୟୀ ଉମା ରେଡ୍ଡିଙ୍କୁ ପୁଲିସର ଭୟ ଦେଖାଇଥିଲେ। ପରେ ବ୍ୟବସାୟୀଙ୍କୁ ମାରପିଟ କରିବା ସହ ତାଙ୍କ ପାଖରେ ଥିବା ୯ ଲକ୍ଷ ଟଙ୍କାକୁ ସେମାନେ ଲୁଟିନେଇ କିଛି ବାଟ ଆଗକୁ ଯାଇ ବ୍ୟବସାୟୀଙ୍କୁ ରାସ୍ତାରେ ଓହ୍ଲାଇ ଦେଇ ଲୁଟେରାମାନେ ଚାଲିଯାଇଥିଲେ। ଏହି ଘଟଣା ପରେ ବ୍ୟବସାୟୀ ଉମା ରେଡ୍ଡି ୯ ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ। ରାୟଗଡ଼ା ଥାନା କେସ୍ ନଂ ୧୧୯, ତାରିଖ ୦୧/୦୯/-୩୧୦ (୨) ବିଏନ୍ଏସ୍‌ରେ ମାମଲା ରୁଜୁ କରିବା ପରେ ରାୟଗଡ଼ା ପୁଲିସ ଏହି ଘଟଣାର ତଦନ୍ତ କରି ୭ ଜଣଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ପୁଲିସ ପ୍ରକାଶ କରିଛି।

# ଦୁଗ୍ଧ ଚାଷୀଙ୍କୁ ପିଏମ୍ଏମ୍‌ୱାଇ ସହ ସଂଯୋଗ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍ଏମ୍‌ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ଅଧିକ ସଂଖ୍ୟାରେ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଣ୍ଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ।



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ସହାୟତା ଯୋଗଇବାର ପଦ୍ଧତି ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ କେତେକ ଚାଷୀ ଯୋଜନାର ସବ୍‌ସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହୁଅନ୍ତି, କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ସହିତ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ପାରିବେ ଏବଂ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢ଼ାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହିତ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏଣୁ ବ୍ୟାଙ୍କମାନଙ୍କ ସହ ନିୟମିତ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟପାଳ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦୁଗ୍ଧ ଉତ୍ପାଦନ ଏବଂ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଯଦି କୌଣସି ସମସ୍ୟା ଉପୁଜେ, ତେବେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଣ୍ଟର ବିଭିନ୍ନ ବିଭାଗ, ଲାବୋରାଟୋରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍‌ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ଲାଣ୍ଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସହରାଞ୍ଚଳରେ ଘରେ ଘରେ ଓମ୍‌ଫେଡ୍ କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ପହଞ୍ଚାଇ ଦିଆଯାଇପାରିଲେ ଏହା ଅଧିକ ଲୋକାଭିମୁଖୀ ହୋଇପାରିବ। ଏଣୁ ଏ ଦିଗରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓମ୍‌ଫେଡ୍‌ର ପ୍ରେସିଡେଣ୍ଟ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ

# ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ପରାମର୍ଶ

**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗର ଦୁଇଟି ବୈଠକରେ ଅଧ୍ୟକ୍ଷତା କରି ବିଭାଗ ଦ୍ୱାରା ଜନଜାତି ଅଞ୍ଚଳର ବିକାଶ ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି।



ପ୍ରଥମ ବୈଠକଟି ଜନଜାତି ଅଞ୍ଚଳର ବିକାଶ ପାଇଁ ସମ୍ବିଧାନର ୨୭୫(୧) ଅନୁଚ୍ଛେଦ ଅନୁସାରେ ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପାଇଁ ପ୍ରକଳ୍ପ ଅନୁମୋଦନ ସମ୍ପର୍କିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ କାର୍ଯ୍ୟ ବାବଦକୁ ୧୭୮ କୋଟିର ପ୍ରକଳ୍ପ କମିଟି ଦ୍ୱାରା ଅନୁମୋଦନ କରାଯାଇ ଭାରତ ସରକାରକୁ ସୁପାରିଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଜନଜାତି ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ନୂତନ ହଷ୍ଟେଲ, ଶିକ୍ଷକମାନଙ୍କ ପାଇଁ କର୍ମଚାରୀ କ୍ୱାର୍ଟର, ରାସ୍ତା ଓ ସେତୁ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରି ଉପଯୁକ୍ତ ଭାବେ ସମ୍ପୂର୍ଣ୍ଣ ଯୋଜନାଭିତ୍ତିକ ପ୍ରସ୍ତୁତି କରି ପ୍ରକଳ୍ପ ଶେଷ କରାଯିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିଲେ। ଦ୍ୱିତୀୟ ବୈଠକ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ'ର ରାଜ୍ୟ ସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଥିଲା। ଏହି ବୈଠକରେ ଗତ ୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ରାଜ୍ୟ କ୍ଷେତ୍ର-ଜୀବିକା ନିର୍ବାହ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିଲା। କୃଷି ଉତ୍ପାଦନ ବୃଦ୍ଧି, କୃଷି ଭିତ୍ତିଭୂମିରେ ଉନ୍ନତି ଏବଂ ମାଇକ୍ରୋ-ଉଦ୍ୟୋଗୀମାନଙ୍କର ପ୍ରୋତ୍ସାହନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ବିଶଦ୍ ଆଲୋଚନା କରାଯାଇଥିଲା। ଏଥିରେ ଅଦ୍ୟାବଧି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ଉଲ୍ଲେଖନୀୟ ସଫଳତାକୁ ଉନ୍ନୟନ କମିଶନର ପ୍ରଶଂସା କରିବା ସହିତ କ୍ଷେତ୍ରସ୍ତରରେ ଯେପରି କୌଣସି ଏକା ପ୍ରକଳ୍ପ ଓ କାର୍ଯ୍ୟକ୍ରମର ପୁନରାବୃତ୍ତି ନ ହୁଏ, ତାହା ସୁନିଶ୍ଚିତ କରିବା ଏବଂ କାର୍ଯ୍ୟକ୍ରମ ତଥା ପ୍ରକଳ୍ପଗୁଡ଼ିକର ଗୁଣାତ୍ମକମାନ ବଜାୟ ରଖିବା ପାଇଁ ମଝିରେ ଆବଶ୍ୟକ ସଂଶୋଧନ ପାଇଁ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ( ଇମ୍ପାକ୍ଟ ଆସେସମେଣ୍ଟ ଷ୍ଟଡି) କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ୨୨୫ କୋଟି ଟଙ୍କାର ବାର୍ଷିକ ଯୋଜନା ମଞ୍ଜୁର କରାଯାଇଛି। ବୈଠକରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସମ୍ପୃକ୍ତ ବିଭାଗମାନଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି

**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିଲା। ସାମ୍ବାଦିକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ନୂତନ ଏବଂ ନବୀକରଣ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ।

# 'ପ୍ରଧାନମନ୍ତ୍ରୀଙ୍କ ଦିବଙ୍ଗତ ମା'ଙ୍କୁ ଅପମାନଜନକ ଶବ୍ଦ କୁହାଯିବା ନିନ୍ଦନୀୟ'



**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** ବିହାରର ଦରଭଙ୍ଗାରେ କଂଗ୍ରେସ-ଆରଜେଡିଙ୍କ ମଞ୍ଚରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ନେତା ତେଜସ୍ୱି ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିବଙ୍ଗତ ଶ୍ରଦ୍ଧେୟ ମା'ଙ୍କୁ ଅପମାନଜନକ ଶବ୍ଦ କୁହାଯିବା ଏକ ଅତ୍ୟନ୍ତ ନିନ୍ଦନୀୟ ଓ ଲୋକତନ୍ତ୍ରକୁ ଲଜ୍ଜିତ କରୁଥିବା ଘଟଣା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ରାଜନୀତି ଏବେ ଏମିତି ଅବମାନବୀୟ ସ୍ତରକୁ ପହଞ୍ଚିଛି ଯାହା ଦେଶର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଅପମାନ କରିଛି। ଏହା ଦେଶର ସେଇ ସମସ୍ତ ମା'ଙ୍କୁ ଅପମାନ, ଯେଉଁମାନେ ଦାରିଦ୍ର୍ୟରେ ମଧ୍ୟ କଠିନ ପରିଶ୍ରମ କରି, ସନ୍ତାନଙ୍କୁ ଭଲ ସଂସ୍କାର ଦେଇ, ସମ୍ମାନଜନକ ଜୀବନ ଗଢ଼ିଥାନ୍ତି। ଆଜି ପ୍ରତ୍ୟେକ ମା'ର ହୃଦୟ ଦୁଃଖିତ, ବିହ୍ୱଳ ଓ କ୍ରୋଧିତ। ଅଗଷ୍ଟ ୨୮ରେ ରାହୁଲ ଗାନ୍ଧୀଙ୍କ ମଞ୍ଚରୁ ସମଗ୍ର ଦେଶର ମା'ମାନଙ୍କୁ ଅପମାନ କରାଗଲା। କିନ୍ତୁ ନା ରାହୁଲ ଗାନ୍ଧୀ, ନା ତେଜସ୍ୱୀ ଯାଦବ, ନା ଇଣ୍ଡିଆ ଗଠବନ୍ଧନର ଅନ୍ୟ କୌଣସି ନେତା ଏ ପର୍ଯ୍ୟନ୍ତ କ୍ଷମା ମାଗିଲେ ନାହିଁ। ଏହା ପ୍ରମାଣ କରୁଛି ଯେ ଏହି ନେତାମାନଙ୍କର ମାନସିକତା କେତେ ସଂକୀର୍ଣ୍ଣ। ଏହା ପ୍ରତ୍ୟେକ ମା', ପ୍ରତ୍ୟେକ ପୁତ୍ରଙ୍କ ଅପମାନ। ୧୪୦ କୋଟି ଭାରତୀୟ ଏହାକୁ କେବେ କ୍ଷମା କରିବେ ନାହିଁ।

# ୩୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି

**ନୟାହାଟ,୨୧୯/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡିରେ ପାଟ୍ରୋଲିଙ୍ଗ୍ ପାଇଁ ଗାଡ଼ି ନ ଥିବା ବେଳେ ଏବେ ଅଞ୍ଚଳରେ ସୁନାଗହଣା ଚୋରି ହେବାରେ ଲାଗିଛି। ଏବେ ଏଠାରେ ବଡ଼ଧରଣର ଚୋରି ହୋଇଛି। ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ବିଶୁଲିପଡ଼ା ଗ୍ରାମର ମୁସଲମାନ ବସ୍ତିର ମିର୍ଜା ଅବୁତାହର ବେଗ ଘରେ ନଥିବା ସମୟରେ ବାହାରକୁ ଘର ତାଲା ପକେଇ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଆଲମାରି ଭିତରେ ଥିବା ୩୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଇଛି। ଏ ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି।

ମଙ୍ଗଳବାର ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରି ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଏବଂ ଅନୁସନ୍ଧାନ ପୁଲିସ କୁକୁର ସହିତ ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ଚୋରି କରିବା ସମୟରେ ଗୃହକର୍ତ୍ତାଙ୍କ ଘରେ କିଛି ବ୍ୟବହାର କରିଥିବା ସାମଗ୍ରୀ ଛାଡ଼ିଯାଇଥିଲେ, ଯାହା ପୁଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ପୁଲିସ ପ୍ରକାଶ କରିଛି। ଏ ନେଇ ଗୋପ ଥାନାରେ କେସ୍ ନଂ-୨୮୭/୨୫ ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଥାଉ କି ଗତ ୨୯ ତାରିଖ ରାତିରେ ନୟାହାଟ ଫାଣ୍ଡିର ଆଲୁଦଣ୍ଡା ପାଟଣା ଗ୍ରାମର ବାସୁଦେବ ମନ୍ଦିରରୁ ଠାକୁରଙ୍କ ମଥାରୁ ୬ଲକ୍ଷ ଟଙ୍କାର ସୁନା ମଥା ମଣି ଚୋରି ହେବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ଗୋପ ଥାନା କେସ୍ ନମ୍ବର ୨୮୨/୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ସିସି କ୍ୟାମେରାରେ ଅଭିଯୁକ୍ତର ଫଟୋ ଦେଖିବାକୁ ମିଳିଥିଲେ ମଧ୍ୟ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ଚୋର ଆମ ଅଞ୍ଚଳର ନୁହେଁ, ବାହାର ଅଞ୍ଚଳର। ତାକୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ ଗାଡ଼ି ନାହିଁ। ସେଥି ପାଇଁ ଚୋରି ବଢୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ଦିଗରେ ପୁରୀ ଏସ୍‌ପି ପ୍ରତୀକ ସିଂ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଜ୍ୟ ଏସ୍ଏନ୍ଏଆଇ ଦ୍ୱିବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର,୨୧୯/ଏନ୍ଏନ୍ଏସ୍:** କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ(ଏସ୍ଏନ୍ଏଆଇ) ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍ଏଆଇ)ର ଓଡ଼ିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍‌ସେସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟରୁ ଦୁଇ ହଜାରରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଲେ ଯେ ନର୍ସିଂ ସେବା ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ସେବା ମନୋବୃତ୍ତି ଏବଂ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ, ଧନୀ, ଗରିବ ବାଛ ବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସେମାନଙ୍କ ସେବା ଆଗରେ ଆମ ସମସ୍ତଙ୍କର ମୁଣ୍ଡ ନୁଆଁଇବା କର୍ତ୍ତବ୍ୟ ବୋଲି ଶ୍ରୀ ସାମଲ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କର ଏକ ବଡ଼ ଭୂମିକା ରହିଛି ବୋଲି ସେ କହିଥିଲେ। ରୋଗୀଟିଏ ସୁସ୍ଥ ହେବା ପାଇଁ ନର୍ସର ତ୍ୟାଗ ରହିଥାଏ। ସେଥିପାଇଁ ସମାଜରେ ନର୍ସମାନଙ୍କୁ ଅନନ୍ୟ ଭାବେ ବିବେଚନା କରାଯାଏ ବୋଲି ଶ୍ରୀ ମିଶ୍ର କହିଥିଲେ। କିମ୍‌ସ ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ା. ଆର. ସି. ଦାସ କହିଲେ ଯେ ନର୍ସିଂ ଗୋଟିଏ ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। ଜଣେ ରୋଗୀ ପାଇଁ ଗୋଟିଏ ନର୍ସ ବହୁତ କିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ଼ା. ସିବିକେ ମହାନ୍ତି, ଟିଏନ୍ଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏନ୍ଏଆଇ ଓଡ଼ିଶା ଶାଖାର ସଭାପତି ତଥା କିନ୍‌ସର ପ୍ରଫେସର ଅନୁସୂୟା ପଟ୍ଟନାୟକ, କିନ୍‌ସ ଅଧ୍ୟକ୍ଷା ପ୍ରଫେସର ନିୟତୀ ଦାସ, ଟିଏନ୍ଏଆଇ ଓଡ଼ିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ,ଏସଏନ୍ଏଆଇ ଓଡ଼ିଶା ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରୀ ଯୋଗଦେଇ ଲୋକଙ୍କ ମଧ୍ୟରେ ନର୍ସିଂ ସେବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଶ୍ରୀମନ୍ଦିର ନୀଳଚକ୍ର ଉପରେ ବସିଲା ଚିଲ



**ପୁରୀ,୨୧୯/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ଉପରେ ବସିଲା ଚିଲ। ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଚିଲଟି ବସିଥିବା ଦେଖିବାକୁ ମିଳିଛି। ଚିଲ ଶ୍ରୀମନ୍ଦିର ଉପରେ ବସିଲେ ଅଶୁଭ ବୋଲି ଅନେକ ସେବକ ମତ ରଖିଛନ୍ତି। ତେବେ ଦୀର୍ଘ ସମୟ ଧରି ଚିଲଟି ମନ୍ଦିର ଉପରେ ବସିବା ପରେ ଉଡ଼ିଯାଇଥିବା ଦେଖିବାକୁ ମିଳିଥିଲା।

## ପୁଲିସ୍ ହେପାଜତରୁ ଖସିଗଲେ ଦୁଷ୍କର୍ମ ଅଭିଯୁକ୍ତ ଆପ୍ ବିଧାୟକ

**ଚଣ୍ଡିଗଡ଼,୨୧୯/ଏଜେନ୍ସି:** ଏକ ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇପଡିଥିବା ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ହରମିତ ସିଂ ପଠାନମାଜରାଙ୍କୁ ଗିରଫ କରାଯିବା ସମୟରେ ସେ ଖସି ପଳାଇବା ଭଳି ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ପଞ୍ଜାବ ପୁଲିସ୍ ତାଙ୍କୁ ଗିରଫ କରି ନେଉଥିବା ସମୟରେ ହରମିତ୍‌ଙ୍କ ସମର୍ଥକମାନେ ପୁଲିସ୍ କର୍ମୀଙ୍କ ଉପରେ ଗୁଳିମାଡ଼ କରିବା ଆରମ୍ଭ କରିଦେଇଥିଲେ। ଏହି ସମୟରେ କୌଶଳକ୍ରମେ କିଛି ସମର୍ଥକ ପୁଲିସ୍ କବଳରୁ



ହରମିତ୍‌ଙ୍କୁ ଖସାଇନେଇଥିଲେ। ଏପରିକି ବିଧାୟକ ହରମିତ୍ ମଧ୍ୟ ପୁଲିସ୍ ଭ୍ୟାନ୍‌ରୁ ବାହାରିଯାଇ ସମର୍ଥକଙ୍କ ସହ ଏକ ଏସୟୁଭି ଗାଡ଼ିରେ ବସି ଫେରାର ହୋଇଯାଇଥିଲେ। ସେ ଏପରି କରୁଥିବା ସମୟରେ ଜଣେ ପୁଲିସ୍ କର୍ମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ହରମିତ୍‌ଙ୍କ ଗାଡ଼ି ତାଙ୍କୁ ଜୋରଦାର ଧକ୍କା ଦେଇଥିଲା। ଫଳରେ ସମ୍ପୃକ୍ତ ପୁଲିସ୍ କର୍ମଚାରୀଜଣକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ବିଧାୟକଙ୍କୁ ଗିରଫ କରି ସ୍ଥାନୀୟ ଥାନାକୁ ନେବା ସମୟରେ ଏହି ଘଟଣା ଘଟିଛି।

ଏକ ଦୁଷ୍କର୍ମ ମାମଲାରେ ହରମିତଙ୍କୁ ପଟିଆଲାରେ ଅଟକ ରଖାଯାଇଥିଲା। ତାଙ୍କୁ ଅଟକ ରଖାଯିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହି ସେ ଦଳର ମୁଖ୍ୟଙ୍କୁ ସାମାଜିକ ଗଣମାଧ୍ୟମରେ କଡ଼ା ସମାଲୋଚନା କରିଥିଲେ। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା। ନିଜ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ଗିରଫ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ଏହା ସହିତ ସେ ନିଜ ସମର୍ଥକଙ୍କୁ ବହୁ ସଂଖ୍ୟାରେ ପଟିଆଲାରେ ଏକାଠି ହେବାକୁ କହିଥିଲେ। ପୁଲିସ ତାଙ୍କୁ ଥାନାକୁ ନେବା ସମୟରେ ସମର୍ଥକମାନେ ପୁଲିସ ଉପରକୁ ଗୁଳି କରି ହରମିତଙ୍କୁ ଛଡ଼ାଇ ନେଇଥିଲେ।

ପୁଲିସ୍ ଅନୁଯାୟୀ, ଅଗଷ୍ଟ ୨୬ରେ ଜଣେ ମହିଳା ହରମିତ୍ ସିଂ ପଠାନ୍‌ମାଜରାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ମହିଳା ଅଭିଯୋଗ କରିଥିଲେ ଯେ ବିଧାୟକ ନିଜକୁ ଛାଡପତ୍ରପ୍ରାପ୍ତ ବୋଲି ପରିଚୟ ଦେଇ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ପରେ ବିବାହିତ ହୋଇଥିଲେ ମଧ୍ୟ ୨୦୨୧ ମସିହାରେ ତାଙ୍କୁ ବିବାହ କରିଥିଲେ। ଫଳରେ ସୋମବାର ପୁଲିସ୍ ତାଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଗିରଫ କରିବାକୁ ଯାଇଥିଲା। ପଠାନ୍‌ମାଜରାଙ୍କ ବିରୁଦ୍ଧରେ ଦୁଷ୍କର୍ମ, ଠକେଇ ଏବଂ ଅପରାଧିକ ଧମକ ଦେବା ଭଳି ଅଭିଯୋଗ ରୁଜୁ ହୋଇଛି।

### ଦଳ ବିରୋଧୀ ବୟାନବାଜି ପାଇଁ କାର୍ଯ୍ୟାନୁଷ୍ଠାନ

## କେ.କବିତା ବିଆର୍‌ଏସ୍‌ରୁ ନିଲମ୍ବିତ

**ହାଇଦ୍ରାବାଦ୍, ୨୧୯/ଏଜେନ୍ସି:** ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ପକ୍ଷରୁ ଦଳର ଅନ୍ୟତମ ଅଗ୍ରଣୀ ଏମ୍‌ଏଲ୍‌ସି (ବିଧାନ ପରିଷଦ ସଦସ୍ୟ) କେ କବିତାଙ୍କୁ ନିଲମ୍ବିତ କରାଯାଇଛି। କେ କବିତା, କେସିଆର୍ (କେ ଚନ୍ଦ୍ରଶେଖର ରାଓ-ପୂର୍ବତନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ)ଙ୍କ ଝିଅ ହୋଇଥିବା ବେଳେ ତାଙ୍କ କ୍ଷେତ୍ରରେ ଦଳ ପକ୍ଷରୁ ଏପ୍ରକାର କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସବୁଠୁ ବଡ଼କଥା ହେଉଛି ବିଆରଏସ୍ ମୁଖ୍ୟ କେସିଆର ହିଁ ନିଜେ ଝିଅ କବିତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି।



ଝିଅ କବିତାଙ୍କ ବିରୋଧରେ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପଛରେ କବିତାଙ୍କର ଦଳ ବିରୋଧୀ ବୟାନବାଜି ହିଁ କାରଣ ବୋଲି କୁହାଯାଉଛି। କେ.କବିତାଙ୍କୁ ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁଁ ନିଲମ୍ବିତ କରାଯାଉଥିବା ଭାରତ ରାଷ୍ଟ୍ର ସମିତି ପକ୍ଷରୁ କୁହାଯାଇଛି। ନିକଟରେ କବିତା ଦେଉଥିବା କିଛି ବୟାନ ଏବଂ ତାଙ୍କ ଗତିବିଧି ଦଳବିରୋଧୀ ବୋଲି ଦର୍ଶାଯାଇଛି। ଏହିକ୍ରମେ କେସିଆର୍ ମଙ୍ଗଳବାର ଜରୁରିକାଳୀନ ପ୍ରଭାବ ଅନ୍ତର୍ଗତ ଝିଅ କବିତାଙ୍କୁ ଦଳରୁ ବିତାଡିତ କରିଛନ୍ତି। ତେବେ କେ କବିତାଙ୍କ ବିରୋଧରେ କେସିଆର୍‌ଙ୍କ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ କି ଦିନକ ପୂର୍ବେ କବିତା ନିଜ ସମ୍ପର୍କୀୟ ୨ଭାଇଙ୍କୁ ତାଙ୍କ ବାପା କେସିଆର୍‌ଙ୍କ ବିରୋଧରେ ତଦନ୍ତ କରୁଥିବା ନେଇ କଡାଶବ୍ଦରେ ଭର୍ତ୍ସନା କରିଥିଲେ। ଏହି ଦୁଇ ସମ୍ପର୍କୀୟ ଭାଇ ହେଲେ ପୂର୍ବତନ ଜଳସେଚନ ମନ୍ତ୍ରୀ ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ଜେ ସନ୍ତୋଷ ରାଓ। ଏହି ଦୁଇଜଣ ତାଙ୍କ ବାପା କେସିଆର୍‌ଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ କେ କବିତା।

କବିତାଙ୍କ ନିଲମ୍ବନ ସମ୍ପର୍କରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳ ଏକ ବିବୃତ୍ତିରେ କହିଛି ଯେ କବିତାଙ୍କୁ ବିଆରଏସ୍‌ରୁ ନିଲମ୍ବନ କରିବାର ନିଷ୍ପତ୍ତି କେସିଆର ନିଜେ ନେଇଥିଲେ। ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ କବିତାଙ୍କ ସାମ୍ପ୍ରତିକ ମନ୍ତବ୍ୟ ଏବଂ କାର୍ଯ୍ୟକଳାପ ବିଆରଏସ୍‌ର ନୀତି ବିରୁଦ୍ଧ ଥିଲା। ଏହା ଦଳରେ ଶୃଙ୍ଖଳାଗତ ସଦ୍‌ଭାବନାକୁ ନଷ୍ଟ କରିବା ପରି ହୋଇଥିଲା ଯାହାକୁ କେସିଆର୍ କ୍ଷମା କରିପାରିନଥିଲେ। ନିଲମ୍ବନର ମାତ୍ର ଗୋଟିଏ ଦିନ ପୂର୍ବରୁ, କବିତା ଖୋଲାଖୋଲି ଭାବରେ ନିଜ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏପ୍ରକାର ବୟାନବାଜି କରିବା ଦଳର ଭାବମୂର୍ତ୍ତିକୁ ନଷ୍ଟ କରିବା ଭଳି ହୋଇଛି ବୋଲି ବିଆର୍‌ଏସ୍ ଦର୍ଶାଇଛି।

### ମରାଠା ସଂରକ୍ଷଣ ପ୍ରସଙ୍ଗ

## ଆମରଣ ଅନଶନ ପ୍ରତ୍ୟାହାର କଲେ ଜରାଙ୍ଗେ

**ମୁମ୍ବାଇ, ୨୧୯/ଏଜେନ୍ସି:** ଶେଷରେ ମନୋଜ ଜରାଙ୍ଗେଙ୍କ ଦାବି ସମ୍ମୁଖରେ ମହାରାଷ୍ଟ୍ର ସରକାର ନତମସ୍ତକ ହୋଇଛନ୍ତି। ଫଳରେ ମନୋଜ ଦୀର୍ଘ ଦିନ ଧରି ଚଳାଇଥିବା ଆମରଣ ଅନଶନକୁ ଆଜି ପ୍ରତ୍ୟାହାର କରିଛନ୍ତି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ର ସରକାରରେ ଥିବା ତିନି କ୍ୟାବିନେଟ୍ ମନ୍ତ୍ରୀ ମନୋଜ ଜରାଙ୍ଗେଙ୍କୁ ଭେଟିବା ପାଇଁ ମଙ୍ଗଳବାର ମୁମ୍ବାଇର ଆଜାଦ୍ ମୈଦାନରେ ଆସି ପହଞ୍ଚିଥିଲେ। ସେମାନେ ମରାଠା ସଂରକ୍ଷଣ ପ୍ରସଙ୍ଗରେ ମନୋଜଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ୩ ମନ୍ତ୍ରୀ ମନୋଜଙ୍କୁ ଆଶ୍ୱସ୍ତ କରିଥିଲେ ଯେ ମହାରାଷ୍ଟ୍ର ସରକାର ମରାଠା ସଂରକ୍ଷଣ ଆନ୍ଦୋଳନର ପ୍ରତିବାଦକାରୀଙ୍କ ବିରୁଦ୍ଧରେ ପଞ୍ଜିକୃତ ମାମଲା ପ୍ରତ୍ୟାହାର କରିବାକୁ ସହମତି ପ୍ରକାଶ କରିଛନ୍ତି। ସୁତରାଂ ସେ ଏବେ ଆମରଣ ଅନଶନ ପ୍ରତ୍ୟାହାର କରିନେବା ଉଚିତ୍। ସରକାରଙ୍କ ପକ୍ଷରୁ ଏପ୍ରକାର ପ୍ରତିଶ୍ରୁତି ମିଳିବା ପରେ ଆମରଣ ଅନଶନ ପ୍ରତ୍ୟାହାର କରିଛନ୍ତି ମରାଠା ସଂରକ୍ଷଣ ଦାବିର ଏକ ଆଇକନ୍ ପାଲଟିଥିବା ମନୋଜ ଜରାଙ୍ଗେ।



ମନୋଜଙ୍କ କହିବାନୁସାରେ ରାଜ୍ୟ ସରକାର ତାଙ୍କ ଦାବି ମାନିଛନ୍ତି ଓ ଆଜି ବିଜ୍ଞପ୍ତି ପ୍ରକାଶ ପାଇପାରେ। ସରକାର ତାଙ୍କ ଦାବି ମାନିନେବା ସମସ୍ତ ମରାଠା ସମ୍ପ୍ରଦାୟଙ୍କ ପାଇଁ ବଡ଼ ବିଜୟ। ତେବେ ଅନ୍ୟପକ୍ଷେ ମରାଠା ସମ୍ପ୍ରଦାୟକୁ କୁନବୀ'ର ଏକ ଅଂଶ ଘୋଷଣା କରି ସରକାରୀ ଆଦେଶ ଜାରି କରିବାକୁ ସେ ମହାରାଷ୍ଟ୍ର ସରକାରଙ୍କୁ ଦୁଇ ମାସର 'ଅଲଟିମେଟମ୍' ଦେଇଛନ୍ତି। ଅନ୍ୟପକ୍ଷେ ଯଦି ମହାରାଷ୍ଟ୍ର ସରକାର ମରାଠା ସଂରକ୍ଷଣ ସମ୍ପର୍କରେ ଆଜି ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସରକାରୀ ବିଜ୍ଞପ୍ତି ବା ସରକାରୀ ଆଦେଶ ଜାରି କରନ୍ତି, ତେବେ ସେ ଆଜି ରାତି ୯ଟା ସୁଦ୍ଧା ମୁମ୍ବାଇ ଛାଡ଼ିବେ। ନଚେତ୍ ଆଗାମୀ ଦିନରେ ପୁଣିଥରେ ସେ ଆମରଣ ଅନଶନକୁ ଓହ୍ଲାଇବାକୁ ବାଧ୍ୟହେବେ।

ପ୍ରକାଶ, ସେ ମରାଠା ସଂରକ୍ଷଣ ଦାବି ଉଠାଇ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ପରେ ଏନେଇ ମଝିରେ ମଝିରେ ସେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ମଧ୍ୟ ଦେଉଥିଲେ। ତେବେ ଏହି ସମୟ ସୁଦ୍ଧା ତାଙ୍କ ସମର୍ଥନରେ ଆସୁଥିବାକିଛି ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ପଞ୍ଜିକୃତ କରାଯାଇଥିଲା। ମନୋଜ ପ୍ରାଥମିକ ଦାବି ଭାବେ ଏହି ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ଖାରଜ କରିବାକୁ ଦାବି କରିଆସୁଥିଲେ। ଶେଷରେ ଆଜି ରାଜ୍ୟ ସରକାର ଜରାଙ୍ଗେଙ୍କ ଦାବିକୁ ମାନିନେଇଛନ୍ତି।

### କ୍ଷୋଭ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

## 'ମୋ ମାଆ ଏବେ ଦୁନିଆରେ ନାହାନ୍ତି, ତଥାପି ତାଙ୍କୁ ଅପମାନିତ କରାଯାଉଛି'





**ପାଟନା, ୨୧୯/ଏଜେନ୍ସି:** ବିହାରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ମାଧ୍ୟମରେ ସମ୍ବୋଧିତ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ମୋଦୀ କହିଛନ୍ତି ଯେ, ଆଜି ଦିନରେ ତାଙ୍କ ମା' ହୀରାବେନ୍ ଏ ଦୁନିଆରେ ନାହାନ୍ତି, ତାଙ୍କ ମା'ଙ୍କର ରାଜନୀତି ସହ କୌଣସି ସମ୍ପର୍କ ମଧ୍ୟ ନଥିଲା କିନ୍ତୁ ତାଙ୍କ ମା'ଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କରାଯାଉଛି। ଏହା ଏକ କୁତ୍ସିତ ରାଜନୀତି ଯାହାକି ବିରୋଧୀ କରୁଛନ୍ତି। ଏହିକ୍ରମେ ମୋଦୀ କଂଗ୍ରେସ ଏବଂ ଆରଜେଡିର ନେତାମାନଙ୍କୁ କଡା ଶବ୍ଦରେ ଭର୍ତ୍ସନା ମଧ୍ୟ କରିଛନ୍ତି। କଂଗ୍ରେସ-ଆରଜେଡି ମଞ୍ଚରୁ ତାଙ୍କ ଦିବଂଗତ ମା'ଙ୍କ ପ୍ରତି କରାଯାଇଥିବା ଅପମାନ ପାଇଁ ହୁଏତ ସେ (ମୋଦୀ) କ୍ଷମା କରିଦେଇପାରନ୍ତି କିନ୍ତୁ ବିହାରବାସୀ ଏବଂ ବିହାରର କୋଟି କୋଟି ମା' ଭଉଣୀମାନେ ଏଥିପାଇଁ କଦାପି କ୍ଷମା କରିବେ ନାହିଁ।

'ବିହାରରେ ମହିଳା ଉଦ୍ୟୋଗୀମାନଙ୍କୁ ସହଜ ପାଣ୍ଠି ଯୋଗାଇବା ପାଇଁ ବିହାର ରାଜ୍ୟ ଜୀବିକା ନିଧି ସାଖ୍ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିବା ଅବସରରେ ମନରେ ଥିବା ଯନ୍ତ୍ରଣା ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ମା' ହେଉଛନ୍ତି ଆମର ବିଶ୍ୱ, ମା' ହେଉଛନ୍ତି ଆମର ସଂସ୍କାର।" କିନ୍ତୁ ଏବେ କିଛି ଲୋକ ମା' ଭଳି ପବିତ୍ର ଶବ୍ଦକୁ ମଧ୍ୟ କଳଙ୍କିତ କରିବାକୁ ଚେଷ୍ଟା କରୁଛନ୍ତି। ବିରୋଧୀମାନେ ଭୁଲିଯାଉଛନ୍ତି ଯେ, ବ୍ୟବହୃତ ଅପବାଦ କେବଳ ତାଙ୍କ ମାଆଙ୍କ ପାଇଁ ନୁହେଁ, ବରଂ କୋଟି କୋଟି ମାଆ ଏବଂ ଭଉଣୀଙ୍କ ପାଇଁ ଥିଲା। ରାଜପରିବାରରେ ଜନ୍ମିତ ରାଜକୁମାରମାନେ ଜଣେ ଅବହେଳିତ ମାଆ ଏବଂ ତାଙ୍କ ପୁଅର ସଂଘର୍ଷର ଦୁଃଖ ବୁଝିପାରିବେ ନାହିଁ। କାରଣ ସେମାନେ ରାଜନୈତିକ ବଂଶଧର। ଏମାନେ କେବଳ କ୍ଷମତା ପାଇବା ପାଇଁ ଯେକୌଣସି ସ୍ତରକୁ ଯାଇପାରିବେ। ସେମାନେ ଆଜି ପର୍ଯ୍ୟନ୍ତ ତାଙ୍କୁ 'ନୀଚ, ସାପ, ତୁ' ଭଳି ଅତ୍ୟନ୍ତ କଟୁ ଶବ୍ଦ ବ୍ୟବହାର କରିଆସୁଛନ୍ତି। କିନ୍ତୁ ଏସବୁରେ ସେ ବ୍ୟଥିତ ନୁହଁନ୍ତି କାରଣ ସମଗ୍ର ଦେଶବାସୀ ତାଙ୍କୁ ଭଲପାଉଛନ୍ତି, ସ୍ନେହ ଆଦର ସମ୍ମାନ ଦେଉଛନ୍ତି।

ଅନ୍ୟପକ୍ଷେ ବରିଷ୍ଠ କଂଗ୍ରେସ ନେତା ପଓ୍ୱନ ଖେରା କହିଛନ୍ତି ଯେ ଗିରଫ ମହମ୍ମଦ ରିଜ୍‌ଭି ବିଜେପିର ଜଣେ 'ଏଜେଣ୍ଟ। ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସର କାର୍ଯ୍ୟକ୍ରମରେ ରିଜ୍‌ଭିଙ୍କୁ ପ୍ରବେଶ କରାଇ ଏକ ରାଜନୈତିକ ଝଡ଼ ସୃଷ୍ଟି କରିବା ପାଇଁ ଏପ୍ରକାର ଅପଶବ୍ଦର ବ୍ୟବହାର କରାଯାଇଥିଲା। ଏସବୁ ବିଜେପି ପ୍ରାୟୋଜିତ ଥିଲା। କଂଗ୍ରେସର ଭୋଟର ଅଧିକାର ଯାତ୍ରାକୁ ନେଇ ଶାସକ ଦଳ ହତାଶ ହୋଇପଡିଛନ୍ତି। ସେମାନେ ଧ୍ୟାନ ହଟାଇବାକୁ ଚାହୁଁଛନ୍ତି। ବିଜେପି ରାଜନୈତିକ ପଏଣ୍ଟ ସ୍କୋର କରିବା ପାଇଁ ଏହି ପ୍ରସଙ୍ଗକୁ ବଜାୟ ରଖିଛି। ସେହିପରି ଆରଜେଡି ନେତା ମୃତ୍ୟୁଞ୍ଜୟ ତିଓ୍ୱାରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ଏବେ ବିହାରରେ ରାଜନୈତିକ ଲାଭ ଉଠାଇବା ପାଇଁ ତାଙ୍କ ଦିବଂଗତ ମାଆଙ୍କୁ ଢାଲ ଭାବରେ ବ୍ୟବହାର କରୁଛନ୍ତି ଏବଂ ଭୋଟ୍ ପାଇଁ ସିମ୍ପାଥି ଭୋଟ୍‌ବ୍ୟାଙ୍କ୍ ଖେଳ ଖେଳୁଛନ୍ତି। ଯେତେବେଳେ ରାହୁଲ ଗାନ୍ଧୀଙ୍କ ମାଆଙ୍କୁ ଅପମାନିତ କରାଯାଉଛି ସେତେବେଳେ ପ୍ରଧାନମନ୍ତ୍ରୀ କାହିଁକି ଚୁପ୍ ରୁହନ୍ତି ବୋଲି ତିଓ୍ୱାରୀ ପ୍ରଶ୍ନ କରିଛନ୍ତି।

ଉଲ୍ଲେଖଯୋଗ୍ୟ,ଅଗଷ୍ଟ ୨୭ରେ ବିହାରର ଦରଭଙ୍ଗା ଠାରେ ଆୟୋଜିତ କଂଗ୍ରେସର ଭୋଟର ଅଧିକାର ଯାତ୍ରା ସମୟରେ ମହମ୍ମଦ୍ ରିଜ୍‌ଭୀ ନାମକ ଜଣେ ଯୁବକ (କଂଗ୍ରେସ କର୍ମୀ ବୋଲି ଦାବି କରାଯାଉଛି) ମୋଦୀ ଏବଂ ତାଙ୍କ ଦିବଂଗତ ମା'ଙ୍କ ବିରୋଧରେ କିଛି ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ। ଅବଶ୍ୟ ସେହିସମୟରେ ରାହୁଲ କିମ୍ବା ତେଜସ୍ୱୀ ମଞ୍ଚ ଉପରେ ନଥିଲେ। କିନ୍ତୁ ଏହାକୁ ନେଇ ପ୍ରଦେଶ ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା ଯାହାକି ପରବର୍ତ୍ତୀ ସମୟରେ କଂଗ୍ରେସ-ବିଜେପି କର୍ମୀଙ୍କ ମଧ୍ୟରେ ତୁମୁଳ ସଂଘର୍ଷର ରୂପ ନେଇଥିଲା। ଅବାଶ୍ୟ ପରେ ପୁଲିସ୍ ଏକ ମାମଲା ରୁଜୁ ପୂର୍ବକ ରିଜ୍‌ଭିଙ୍କୁ ଗିରଫ କରିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା।

### ମୋଦୀଙ୍କ ମା'ଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ପ୍ରସଙ୍ଗ

## ୪ରେ ବିହାର ବନ୍ଦ ଡାକରା ଦେଲା ଏନ୍‌ଡିଏ

ଆସନ୍ତା ୪ ତାରିଖରେ ବିହାର ବନ୍ଦ' ଡାକରା ଦେଇଛି ଏନ୍‌ଡିଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କ ପ୍ରତି ଦିଆଯାଇଥିବା ଅଶାଳୀନ ଟିପ୍ପଣୀର ତୀବ୍ର ପ୍ରତିବାଦ କରି ଏନ୍‌ଡିଏ ପକ୍ଷରୁ ଏପ୍ରକାର ବନ୍ଦ ଡାକରା ଦିଆଯାଇଛି। ମଙ୍ଗଳବାର ପାଟନାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ମିଳିଥିବା ସୂଚନାନୁସାରେ ଆସନ୍ତା ୪ ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିହାର ବନ୍ଦ ରହିବ। ତେବେ ବନ୍ଦ ସମୟରେ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେବ ନାହିଁ ଏବଂ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଉପାୟରେ ଆୟୋଜିତ ହେବ ବୋଲି ଏନଡିଏ ସ୍ପଷ୍ଟ କରିଛି।

ପ୍ରଦେଶ ବିଜେପି ସଭାପତି ଦିଲୀପ ଜୟସଓ୍ୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦିବଂଗତ ମାଆଙ୍କୁ ଯେପରି ଅପମାନିତ କରାଯାଇଛି, ଏହା କୋଟି କୋଟି ଲୋକଙ୍କ ଭାବନାକୁ ଆଘାତ ଦେଇଛି। ଏନ୍‌ଡିଏର ସମସ୍ତ ସାଂଗଠନିକ ଦଳ ଏହି ଲଜ୍ଜାଜନକ ବୟାନର ଦୃଢ଼ ବିରୋଧ କରିବେ। ଘୋଷଣା ଅନୁଯାୟୀ, ବନ୍ଦର କମାଣ୍ଡ ବିଜେପି ମହିଳା ମୋର୍ଚ୍ଚାକୁ ଦିଆଯାଇଛି। ମହିଳା ମୋର୍ଚ୍ଚାର କର୍ମୀମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦର ନେତୃତ୍ୱ ନେବେ। ତେବେ ସମସ୍ତ ଏନ୍‌ଡିଏ ସହଯୋଗୀ ଦଳର ରାଜ୍ୟ ସଭାପତିମାନେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ଏବଂ ଏକତା ପ୍ରଦର୍ଶନ କରି ବନ୍ଦକୁ ସଫଳ କରିବାକୁ ନିବେଦନ କରିଥିଲେ।

## ସେପ୍ଟେମ୍ବର ଶେଷ ସୁଦ୍ଧା ବାୟୁସେନାକୁ ମିଳିବ ପଞ୍ଚମ ପିଢିର ସ୍ୱଦେଶୀ ଯୁଦ୍ଧ ବିମାନ



**ନୂଆଦିଲ୍ଲୀ,୨୧୯/ଏଜେନ୍ସି:** ଭାରତୀୟ ବାୟୁସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ସୂଚନା ମିଳିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦୨୫ ଶେଷ ସୁଦ୍ଧା ଦୁଇଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ ଯୋଗାଇ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ମଙ୍ଗଳବାର ନିଶ୍ଚିତ କରିଛି। ତେଜସ ମାର୍କ-୧ଏ ଏକ ଅତ୍ୟାଧୁନିକ ଏକକ ଇଞ୍ଜିନ ବିଶିଷ୍ଟ ମଲ୍ଟି-ରୋଲ ଯୁଦ୍ଧବିମାନ, ଯାହା ବାୟୁ ପ୍ରତିରକ୍ଷା, ସାମୁଦ୍ରିକ ନିରୀକ୍ଷଣ ଓ ଆକ୍ରମଣ ଭୂମିକା ପାଇଁ ଡିଜାଇନ କରାଯାଇଛି। ଏହା ଭାରତୀୟ ବାୟୁସେନାର କାର୍ଯ୍ୟଦକ୍ଷତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ରିପୋର୍ଟ ଅନୁଯାୟୀ, ମୋଦି ସରକାର 'ମେକ୍ ଇନ ଇଣ୍ଡିଆ'କୁ ବଳ ଦେବା ପାଇଁ ୬୭,୦୦୦ କୋଟି ଟଙ୍କାରେ ୯୭ଟି ଅଧିକ ତେଜସ ମାର୍କ-୧ଏ ଯୁଦ୍ଧବିମାନ କ୍ରୟ ପାଇଁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ହାଲ୍ ପାଖରେ ୩୮ଟି ତେଜସ ବିମାନ ସେବାରେ ରହିଛି ଏବଂ ୮୦ଟି ନିର୍ମାଣାଧୀନ ଅଛି। ନୂଆ ଚୁକ୍ତି ଚୂଡ଼ାନ୍ତ ହେଲେ ଏଚଏଏଲର ଅର୍ଡର ବୁକ୍ ୪ରୁ ୫ ବର୍ଷ ପାଇଁ ପୂର୍ଣ୍ଣ ରହିବ। ତେଜସ କାର୍ଯ୍ୟକ୍ରମ ଜିଇ ଏରୋସ୍ପେସ୍‌ରୁ ଇଞ୍ଜିନ ଯୋଗାଣରେ ବିଳମ୍ବ ଭଳି କିଛି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ତଥାପି, ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ଏଚଏଏଲ ଏହି ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ କରି ରାଡାର ଓ ଭାରତୀୟ ଅସ୍ତ୍ରଶସ୍ତ୍ର ସଂଯୋଗ କରି ତେଜସ ମାର୍କ-୧ଏକୁ ବାୟୁସେନା ପାଇଁ ଏକ ମୁଖ୍ୟ ସମ୍ପଦ କରିବ। ବାୟୁସେନାର ବର୍ତ୍ତମାନ ୩୧ଟି ଅପରେସନାଲ ସ୍କ୍ୱାଡ୍ରନ ଥିବାବେଳେ ଅନୁମୋଦିତ ଶକ୍ତି ୪୨ଟି। ତେଜସ ମାର୍କ-୧ଏର ଅନ୍ତର୍ଭୁକ୍ତି ଏହି ଅନ୍ତରକୁ ପୂରଣ କରିବା ସହ ଭାରତୀୟ ବାୟୁସେନାର ପ୍ରତିରକ୍ଷା କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ।

### ଆଫଗାନିସ୍ତାନ ଭୂକମ୍ପ

## ମୃତ୍ୟୁ ସଂଖ୍ୟା ୧୪୦୦ ଛୁଇଁଲା



**କାବୁଲ୍, ୨୧୯/ଏଜେନ୍ସି:** ରବିବାର ବିଳମ୍ବିତ ରାତିରେ ଆଫଗାନିସ୍ତାନର ଜଲାଲାବାଦ୍ ପ୍ରାନ୍ତରେ ସଂଘଠିତ ଭୂକମ୍ପଜନିତ ବିପର୍ଯ୍ୟୟ ଭୟାବହ ପରିଣତି ସୃଷ୍ଟି କରିଛି। ମଙ୍ଗଳବାର ରାତ୍ର ୧୦ଟା ସୁଦ୍ଧା ଏଠାରେ ମୃତ୍ୟୁସଂଖ୍ୟା ୧୪୦୦ ଛୁଇଁଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋମବାର ପ୍ରଶାସନ ପକ୍ଷରୁ ମୃତ୍ୟୁସଂଖ୍ୟା ୮୦୦ ରହିଥିବା ନେଇ କୁହାଯାଇଥିବା ବେଳେ ମଙ୍ଗଳବାର ରିପୋର୍ଟ ଲେଖାହେବା ସୁଦ୍ଧା ମୃତ୍ୟୁସଂଖ୍ୟା ୧୪୧୧ରେ ପହଞ୍ଚିଛି। ସେହିପରି ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ଭଗ୍ନାବଶେଷ ତଥା ମାଟିତଳେ ଅନେକ ଲୋକ ଦବି ହୋଇ ରହିଥିବା ଆଶଙ୍କା କରାଯାଉଛି। ଗୋଟିଏ ପଟେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ମାଟିତଳୁ କେବଳ ମୃତଦେହଗୁଡ଼ିକ ମିଳୁଛି। ଫଳରେ ଚାରିଆଡେ ଏବେ କେବଳ କୁଢ଼କୁଢ଼ ଶବର ପାହାଡ ସୃଷ୍ଟି ହୋଇଛି। ଅନ୍ୟପଟେ ଆହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଁ ୩୧୦୦ରେ ପହଞ୍ଚିଛି।

ଆଫଗାନିସ୍ତାନରେ ସଂଘଠିତ ୬.୦ ତୀବ୍ରତାର ଭୂକମ୍ପ ଝଟ୍‌କାରେ ୫୪୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ହଜାର ହଜାର ସଂଖ୍ୟକ ଗୃହପାଳିତ ପଶୁ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଗୋଟିଏ ଗୋଟିଏ ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଭୂକମ୍ପକୁ ଇତି ମଧ୍ୟରେ ୨ ଦିନ ବିତିଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜଲାଲବାଦରୁ ୨୭ କିଲୋମିଟର ପୂର୍ବ-ଉତ୍ତର ପୂର୍ବ ଦିଗରେ ଏହାର ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିଲା। ଭୂକମ୍ପର ଝଟକା ଏତେ ତୀବ୍ର ଥିଲା ଯେ, ପାକିସ୍ତାନ ସହ ଦିଲ୍ଲୀ ଏନସିଆର ଓ ନୋଏଡାରେ ବି ଝଟ୍‌କା ଅନୁଭୂତ ହୋଇଥିଲା। ଆଫ୍‌ଗାନିସ୍ତାର ଏପରି ସଙ୍କଟ ସମୟରେ ଭାରତ ପକ୍ଷରୁ ଆଫଗାନିସ୍ତାନକୁ ରିଲିଫ ସାମଗ୍ରୀ ପ୍ରେରଣ କରାଯାଇଛି। ଏଥିସହିତ ଆଗାମୀ ଦିନରେ ଅଧିକ ରିଲିଫ୍ ଓ ଅନ୍ୟ ସମସ୍ତ ପ୍ରକାର ସହଯୋଗ ପଠାଯିବାର ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭୂକମ୍ପ ସମୟର ଏବଂ ଭୂକମ୍ପ ପରବର୍ତ୍ତୀ ଅନେକ ଦୃଶ୍ୟ ଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟରେ ପ୍ରଘଟ ହେବାରେ ଲାଗିଛି। ଲୋକମାନେ ବିକଳରେ ଚିତ୍କାର କରୁଥିବାର ଦୃଶ୍ୟ ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି।

## ମୁକ୍ତିଲାଭ କଲା ହୀର୍ ଏକ୍ସପ୍ରେସ୍‌ର ଆଉ ଏକ ମ୍ୟୁଜିକାଲ୍ ଟ୍ରାକ୍ 'ନା ତେରେ ଜୈସା ୟାର୍ ମିଲେୟା'

**ମୁମ୍ବାଇ, ୨୧୯/ଏଜେନ୍ସି:** ମୁକ୍ତିଲାଭ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ'ର ଆଉ ଏକ ସୁନ୍ଦର ମ୍ୟୁଜିକାଲ୍ ଟ୍ରାକ୍ "ନା ତେରେ ଜୈସା ୟାର୍ ମିଲେୟା" ଜୀ ମ୍ୟୁଜିକ୍ କମ୍ପାନୀ ପକ୍ଷରୁ ମୁକ୍ତିଲାଭ କରିଛି। ଯେତେବେଳେ ସଙ୍ଗୀତ ପ୍ରେମର ସାର ବହନ କରେ ଏବଂ ଅବ୍ୟକ୍ତ ଭାବନା କେବଳ ଏକ ନଜରରେ ହିଁ ପ୍ରାଣବନ୍ତ ହୋଇଉଠେ ସେତେବେଳେ ଆପଣ "ନା ତେରେ ଜୈସା ୟାର୍ ମିଲେୟା" ଭଳି ହୃଦୟସ୍ପର୍ଶୀ ରୋମାଣ୍ଟିକ୍ ସଂଗୀତକୁ ନିଜ ଭିତରେ ଅନୁଭବ କରନ୍ତି। 'ହୀର ଏକ୍ସପ୍ରେସ୍'ର ମୁକ୍ତିଲାଭ କରିସାରିଥିବା ଅନ୍ୟ ଟ୍ରାକ୍‌ଗୁଡ଼ିକ ଭଳି ଏହି ରୋମାଣ୍ଟିକ୍ ମ୍ୟୁଜିକାଲ୍ ଟ୍ରାକ୍ ମଧ୍ୟ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରୁଥିବାର ଦେଖିବାକୁ ମିଳିଛି। "ନା ତେରେ ଜୈସା ୟାର୍ ମିଲେୟା" ଟ୍ରାକ୍ ଟି ତନିଷ୍କ ବାଗ୍‌ଚିଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଏହାର ପ୍ରତ୍ୟେକ ନୋଟ୍‌ରେ ଗଭୀରତା ଏବଂ ଭାବପ୍ରବଣତାର ଏକ ଆଶ୍ଚର୍ଯ୍ୟଜନକ ମିଶ୍ରଣ ଦେଖିବାକୁ ମିଳିଛି। ଏପ୍ରକାର ଏକ ରୋମାଣ୍ଟିକ୍ ସଂଗୀତର ସୃଜନ ସହ ସେ ପୁଣି ଥରେ ପ୍ରେମକୁ ଏକ ଅଭିଭାଷିତ ସୁରରେ ପରିଣତ କରିଛନ୍ତି। ଏଠାରେ, ପ୍ରେମ କେବଳ ଗୀତରେ ନୁହେଁ, ବରଂ ନୀରବତାରେ, ଅକଥିତ ଭାବନାରେ ଏବଂ ପ୍ରତ୍ୟେକ ହୃଦସ୍ପନ୍ଦନରେ ରହିଯାଏ।




ପ୍ରଥମ ପ୍ରେମର ନିର୍ଦ୍ଦୋଷତାକୁ କଏଦ୍ କରୁଥିବା ଲଭ୍ କେମିଷ୍ଟ୍ରିକୁ ଅନ୍ ସ୍କ୍ରିନ୍‌ରେ ଦିଭିତା ଜୁନେଜା ଏବଂ ପ୍ରୀତକାମନି ମିଳିତ ଭାବେ ନିଜ ନିଖୁଣ ଅଭିନୟ ମାଧ୍ୟମରେ କାହାଣୀକୁ ଜୀବନ୍ତ କରି ଗଢ଼ିତୋଳିଛନ୍ତି। ଦିଭିତା ଜୁନେଜାଙ୍କ ପାଇଁ ଏହା ଏକ ଡେବ୍ୟୁ ଚଳଚ୍ଚିତ୍ର ହୋଇଥିଲେ ମଧ୍ୟ ସେ ନିଜ ଆଭ୍ୟନ୍ତରୀଣ ଯାଦୁକରୀ ଅଭିନୟ ପ୍ରତିଭା ମାଧ୍ୟମରେ ସହଜରେ ହୀର ଭୂମିକାକୁ ପ୍ରସ୍ଫୁଟିତ କରିଛନ୍ତି। ହୀର ଚରିତ୍ରରେ ତାଙ୍କର ଆନ୍ତରିକତାପୂର୍ଣ୍ଣ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରେ, ଯେତେବେଳେକି ପ୍ରୀତ୍‌କାମନିଙ୍କ ସମ୍ବେଦନଶୀଳ ଅଭିନୟ କାହାଣୀରେ ଗଭୀରତାକୁ ଯୋଡିବାରେ ସହଯୋଗ କରିଛି। ଲଣ୍ଡନ୍‌ର ମନୋରମ ପୃଷ୍ଠଭୂମିରେ ସୁଟିଂ ହୋଇଥିବା ଏହି ମ୍ୟୁଜିକାଲ୍ ଟ୍ରାକ୍‌ଟି ଆଦିଲ୍ ଶେଖଙ୍କ ଦ୍ୱାରା ନୃତ୍ୟ ନିର୍ଦ୍ଦେଶିତ ହୋଇଛି, ଯିଏକି ପ୍ରତ୍ୟେକ ଫ୍ରେମ୍‌କୁ ଏକ ସିନେମାଟିକ୍ ଆନନ୍ଦରେ ପରିଣତ କରି ଗଢ଼ିତୋଳିବାର ପ୍ରୟାସ କରିଛନ୍ତି। ଅଲତମଶ ଫରିଦି ଏବଂ ଶ୍ରେୟା ଜୈନ୍ ସେମାନଙ୍କର ସ୍ୱର ଦେଇ ଏହି ଗୀତଟିରେ ଉଷ୍ମତା ଏବଂ ଭାବନା ଯୋଗ କରିଛନ୍ତି।


ଏହା ପ୍ରଥମ ଥର ନୁହେଁ ଯେତେବେଳେ ହିର ଏକ୍ସପ୍ରେସ୍ ଏପ୍ରକାର ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଛି। ପୂର୍ବ ଟ୍ରାକ୍‌ଗୁଡ଼ିକ ଯେପରିକି ଭେ ରାଞ୍ଝଣା, ଡୋରେ ଡୋରେ ଦିଲ୍ ପେ ତେରେ, ଆଇ ଲଭ୍ ମାଇ ଇଣ୍ଡିଆ ଏବଂ ହିର ମେଁ ଭେଖି ଭଳି ମ୍ୟୁଜିକାଲ ଟ୍ରାକ୍‌ଗୁଡ଼ିକ ବହୁପୂର୍ବରୁ ହିଁ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି। ଏସମସ୍ତ ସଂଗୀତଗୁଡ଼ିକ ଏକ ନୂତନ ମନୋଭାବ ଏବଂ ଭାବନା ଆଣିଥାଏ, କିନ୍ତୁ ନା ତେରେ ଜୈସା ୟାର ମିଲେୟା' ଟ୍ରାକ୍‌ଟି ଚଳଚ୍ଚିତ୍ରର ସବୁଠାରୁ ରୋମାଣ୍ଟିକ ଏବଂ ହୃଦୟସ୍ପର୍ଶୀ ଅଧ୍ୟାୟ ଭାବରେ ଉପସ୍ଥାପିତ ହୋଇଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶିତ, 'ହିର ଏକ୍ସପ୍ରେସ୍' ଏକ ସୁସ୍ଥ ପାରିବାରିକ ମନୋରଞ୍ଜନକାରୀ ଚଳଚ୍ଚିତ୍ର ଯାହା ସେପ୍ଟେମ୍ବର ୧୨ରେ ସିନେମା ହଲରେ ମୁକ୍ତିଲାଭ କରିବ।

ନିତିଦିନ NITIDIN



## ଓଷ୍ଟା ପକ୍ଷରୁ ୫ଦଫା ଦାବିପତ୍ର ପ୍ରଦାନ

**କନ୍ଧମାଳ,୨୧୯/ଏନ୍ଏନ୍ଏସ୍:** ଓଡିଶା ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ କନ୍ଧମାଳ ଶାଖା ତରଫରୁ କନ୍ଧମାଳ ଓଷ୍ଟା ସଭାପତି ଚତୁର୍ଭୁଜ ରାଉତ ଓ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୫ ଦଫା ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପ୍ରକାରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ



ଗୁଡ଼ିକରୁ ଅବସର ନେଉଥିବା ଶିକ୍ଷକ ଶିକ୍ଷକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ, ଅବସର କାଳୀନ ସୁବିଧା ପ୍ରଦାନ । ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି । ନୂତନ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଂଗତି ଦୂରୀକରଣ, ୨ଟି ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସମସ୍ତ ନୂତନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀ କରଣ କରାଯାଉ । ଏହି ଦାବି ପତ୍ର ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ କୁମାର ମିଶ୍ର, ନରେଶ ସାମାଲ,ଅଭୟ ପ୍ରଦାନ,ସରୋଜ କୁମାର ଦାଶ, ପ୍ରଦୀପ କୁମାର ସାହୁ, ପ୍ରଫୁଲ ପ୍ରଧାନ,ପଦ୍ମ ଚରଣ ମାନସିଂ, ବୀଣା ପାଣି ପ୍ରଧାନ,ସନ୍ତୋଷ ସାମନ୍ତରାୟ, ରମେଶ ଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ମିଶ୍ର, ରମାକାନ୍ତ, ପ୍ରଭାତ ସାହୁ, ସନାତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଓଷ୍ଟା ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।

### ବ୍ରହ୍ମପୁରରେ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ଦାବି

## ଆର୍‌ଡିସିଙ୍କୁ ଭେଟିଲେ ଓଡ଼ିଶା ଡେଭ୍‌ଲପ୍‌ମେଣ୍ଟ୍ ଫୋରମ୍‌ର କର୍ମକର୍ତ୍ତା

**ବ୍ରହ୍ମପୁର,୨୧୯/ଏନ୍ଏନ୍ଏସ୍:** ରାଜ୍ୟର ପ୍ରମୁଖ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, କଳ କାରଖାନା ଏବଂ ରୋଜଗାର କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ବାଣିଜ୍ୟର ପେଣ୍ଠସ୍ଥଳୀ ବ୍ରହ୍ମପୁର ସହରରେ ଘରୋଇ, କାରଗୋ ସବୁଦିନିଆ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠା ଦାବି କରିଛି ଓଡ଼ିଶା ଡେଭେଲପମେଣ୍ଟ ଫୋରମ । ଆଜି ଅନୁଷ୍ଠାନ ପକ୍ଷରୁ ଏକ ପ୍ରତିନିଧି ଦଳ ନୂତନ ଭାବେ ଦାୟିତ୍ୱ ନେଇଥିବା ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଭେଟି ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରଥମ ଭାବେ ଅନୁଷ୍ଠିତ ସମୀକ୍ଷା ବୈଠକକୁ ବିଭିନ୍ନ ଗଣସଂଗଠନ ଓ ବ୍ରହ୍ମପୁର ତଥା ଗଂଜାମ ଜିଲ୍ଲାର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ



କରାଯାଇଥିଲା । ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମ ଦୀର୍ଘ ଦିନରୁ ଆରମ୍ଭ ହୋଇଥିଲେ ମଧ କାର୍ଯ୍ୟର ତ୍ୱରାନ୍ୱିତ ନେଇ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା, ବିମାନବନ୍ଦର କାର୍ଯ୍ୟକୁ ଶୀଘ୍ର ସାରିବା ନେଇ ଫୋରମର କର୍ମକର୍ତ୍ତା ଅନୁରୋଧ କରିଥିଲେ । ଭୌଗଳିକ ସୀମାରେଖା ଏବଂ ଲୋକସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଉତ୍ତର ଆନ୍ଧ୍ରପ୍ରଦେଶ ଲୋକଙ୍କ ବିମାନସେବାର ସୁବିଧା ପାଇଁ ବ୍ରହ୍ମପୁରରେ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ଅଛି । ତେଣୁ ସରକାର ଏହି କ୍ଷେତ୍ରରେ ଉଦାସୀନତା ନଦେଖାଇ ତୁରନ୍ତ ପଦକ୍ଷେପ ନେଲେ ଲୋକଙ୍କୁ ଏହାର ସୁବିଧା ମିଳିପାରନ୍ତା ବୋଲି କର୍ମକର୍ତ୍ତାମାନେ କହିଥିଲେ । ଆଲୋଚନା ବୈଠକରେ ପ୍ରତିନିଧି ମଣ୍ଡଳୀର ସମାଜସେବୀ ଭି.ସୋମେଶ୍ୱର ରାଓ, ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରିତିଶ ପାଣିଗ୍ରାହୀ, ମାନସ ରଞ୍ଜନ ପାତ୍ର, ଆଦିତ୍ୟ ନାରାୟଣ ରଥ, ସିମାଞ୍ଚଳ ସାହୁ, ପ୍ରବୀଣ ପଟ୍ଟନାୟକ, ରମେଶ ସାହୁ, ପ୍ରକାଶ ଭାଜନୀ, ବାସୁଦେବ ବିଷୋୟୀ, ହୃଷିକେଶ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଗୋପାଳପୁର ଥାନାରେ ନାବାଳିକା ତରଳ ପଦାର୍ଥ ପିଇବା ଘଟଣା

## ପୁରୁଷ ବନ୍ଧୁଙ୍କ ସମେତ ଲଜ୍ ମାଲିକ ଗିରଫ

**ବ୍ରହ୍ମପୁର,୨୧୯/ଏନ୍ଏନ୍ଏସ୍:** ଗୋପାଳପୁର ଥାନାରେ ଗତକାଲି ନାବାଳିକାଙ୍କ ହାଇଡ୍ରାମା ଘଟଣାରେ ପୁଲିସ୍ ଆଜି ତାଙ୍କ ପୁରୁଷ ବନ୍ଧୁଙ୍କ ସମେତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଫ ପୁରୁଷ ବନ୍ଧୁ ଜଣକ ନିମଖଣ୍ଡି ଥାନା ଯୋଗିଆପଲ୍ଲୀ ଅଞ୍ଚଳର କେଦାର ଦାସ(୨୮) ଏବଂ ଲଜ୍‌ରେ ଆଶ୍ରୟ ଦେବା ଅଭିଯୋଗରେ ସମ୍ପୃକ୍ତ ମାଲିକଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଏନେଇ ପୁଲିସ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ଜୁଭେନାଇଲ୍ ହୋମକୁ ପଠାଇଥିବା ଜଣାପଡିଛି ।

ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ପ୍ରକାରେ ଗତକାଲି ସୋମବାର ଗୋଳନ୍ଥରା ଥାନା ଅଞ୍ଚଳର ଜନୈକ ନାବାଳିକା ନିଜ ପୁରୁଷ ବନ୍ଧୁ ଯୋଗିଆପଲ୍ଲୀ ଅଞ୍ଚଳର କେଦାରଙ୍କ ସହ ଗୋପାଳପୁର ଆସିଥିଲେ । ସେଠାରେ ଏକ ଲଜ୍‌ରେ ଉଭୟେ ରହିଥିଲେ । ତେବେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା କାରଣରୁ ଲଜ୍ ମାଲିକ ସେମାନଙ୍କୁ ବାହାର କରି ଦେଇଥିଲେ । ଏନେଇ ଉଭୟ ନାବାଳିକା ଏବଂ ପୁରୁଷ ବନ୍ଧୁ କେଦାର ଗୋପାଳପୁର ଥାନାକୁ ଅଭିଯୋଗ ପାଇଁ ଆସିଥିଲେ । ଉଭୟେ ନିଜକୁ ସାବାଳକ ବୋଲି କହିବା ସହ ରହିବା ପାଇଁ ଲଜ୍ ବୁକ୍ କରିଥିବା କହିଥିଲେ । ଏଥିପାଇଁ ଟଙ୍କା ମଧ ଲଜ୍ ମାଲିକଙ୍କୁ ଦେଇଥିଲେ, କିନ୍ତୁ ମାଲିକ ସେମାନଙ୍କୁ ଲଜ୍‌ରୁ ବାହାର କରି ଦେଇଥିବା ନେଇ ଅଭିଯୋଗ ଆଣିଥିଲେ । ପୁଲିସ୍ ଘଟଣାର ତଦନ୍ତ ବେଳେ ସାବାଳକ ବୋଲି କହୁଥିବା ଛାତ୍ରୀ ଜଣକ ନାବାଳକ ଜଣାପଡିବା ପରେ ପୁଲିସ୍ ତାଙ୍କ ପରିବାରକୁ ସୂଚନା ଦେଇଥିଲା । ନାବାଳିକାଙ୍କ ପରିବାର ଥାନାକୁ ଆସିଥିଲେ । ଏହି ସମୟରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଦେଖି ବ୍ୟାଗ୍‌ରେ ରଖିଥିବା କିଛି ତରଳ ପଦାର୍ଥ ପିଇ ଦେଇଥିଲେ । ପୁଲିସ୍ ନାବାଳିକାକୁ ଅଟକାଇବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା । ନାବାଳିକାଙ୍କ ପରିବାର ତାଙ୍କ ଝିଅକୁ କେଦାର ଅପହରଣ କରି ନେଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ୩୧୬/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ କେଦାରକୁ ଗିରଫ କରିଥିବା ଜଣାପଡିଛି । ନାବାଳିକା ଡାକ୍ତରଙ୍କ ନିରୀକ୍ଷଣରେ ରହିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି ।

## ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମରେ ଗଣଦୌଡ଼




**ବ୍ରହ୍ମପୁର,୨୧୯/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏମ୍‌କେସିଜି ପରିସରରୁ ନୁଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଏଚ୍‌ଆଇଭି/ଟିବି ନୋଡାଲ ଅଧିକାରୀ ଡ. ଅବନୀ ପାତ୍ର, ଗଞ୍ଜାମ ଜିଲ୍ଲା ୱାଇଆର୍‌ସି ସଂଯୋଜକ ଡ଼ ଜଗଦୀଶ ପାତ୍ର, ଡିପିଏମ୍ ରାଜେନ୍ଦ୍ର ମହାରଣା, ସିଏସ୍‌ଓ ଡା. ସନ୍ତୋଷ କୁମାର ରାଜୁ ମଞ୍ଚାସୀନ ଥିଲେ । ଯୁବ ପିଢ଼ି କିଭଳି ଭାବେ ଏଚ୍‌ଆଇଭି ସମ୍ପର୍କରେ ସଚେତନ ହୋଇପାରିବେ ସେ ଦିଗରେ ସବୁ ସ୍ତରରେ ସଚେତନତା ସୃଷ୍ଟି କରି ଗଞ୍ଜାମ ଜିଲ୍ଲାକୁ ଏଡସ୍ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଗଣଦୌଡ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଛାତ୍ର ବର୍ଗରେ ଜଗନ୍ନାଥ ମୁଦୁଲି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ସୌମ୍ୟ ରଞ୍ଜନ ନାୟକ, ତୃତୀୟ ସ୍ଥାନରେ କେ. ଚନ୍ଦନ ଆଚାରି ଏବଂ ଛାତ୍ରୀ ବର୍ଗରେ ରିତିକା ନାୟକ ପ୍ରଥମ ସ୍ଥାନ ଏବଂ ସଞ୍ଚିତା ଦାସ ଦ୍ୱିତୀୟ, ଶୁଭଲକ୍ଷ୍ମୀ ଦଳାଇ ତୃତୀୟ ସ୍ଥାନ ଅଧିକାର କରି ଆର୍ଥିକ ପୁରସ୍କାର ଓ ମାନ ପତ୍ର ପାଇବା ସହିତ ରାଜ୍ୟସ୍ତରୀୟ ଏଡସ୍ ସଚେତନତା ମାରାଥନ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଅଧ୍ୟାପକ, ଆଇସିଟିସି କାଉନ୍‌ସେଲର, ଏଲ୍‌ଟି, ଏସ୍‌ଏସ୍‌କେ ଏବଂ ଅରୁଣା ସଂଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ । ଶେଷରେ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ପୋଲସରା ବ୍ଲକ୍‌ରେ ୧୨୧ ପ୍ରାଣୀପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ

## ଗ୍ରାମୀଣ ଅର୍ଥନୀତିକୁ ଦେବ ନୂଆ ଦିଗ

**ପୋଲସରା,୨୧୯/ଏନ୍ଏନ୍ଏସ୍:** ପ୍ରାଣୀପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମୃଦ୍ଧି ଯୋଜନା ଓ ନେଇ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ ପୂର୍ବକ ୧୨୧ ଜଣ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ହିତାଧୀକାରୀଙ୍କୁ ଉତ୍ସାହିତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ପୋଲସାରା ବ୍ଲକ



ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରି ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପ୍ରୋତ୍ସାହିତ କରାଯାଉଛି । ଯାହାକୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଶାଶ୍ୱତ ସୂରଜ ସ୍ୱାଇଁ, ତୁଙ୍ଗାପଡା ପ୍ରାଣୀଚିକିତ୍ସା ଅଧିକାରୀ ଡା. ଦେବଦତ୍ତ ଲେଙ୍କା, ପୋଲସରା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଷ୍ଣୁପ୍ରିୟା ଦାସ ଏବଂ ପ୍ରାଣୀଧନ ନିରୀକ୍ଷକମାନେ ଯୋଗ ଦେଇଥିଲେ । ପଶୁପାଳନ ଓ କୃଷିକୁ ଗ୍ରାମୀଣ ଅର୍ଥନୀତିର ଦୃଢ଼ ଭିତିଭୂମିରେ ପରିଣତ କରିବା ହେଉଛି ରାଜ୍ୟ ସରକାରଙ୍କର ପ୍ରାଥମିକତା । ପୋଲସରା ବ୍ଲକର ପ୍ରାଣୀପାଳକମାନେ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ସକ୍ରିୟ ଭୂମିକା ନିଭାଇ ଅଞ୍ଚଳକୁ ରାଜ୍ୟରେ ଏକ ଅଗ୍ରଣୀ ସ୍ଥାନକୁ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧକ୍ଷା ସଂଗୀତା ବେହେରା, ବ୍ଲକ୍ ଅଧକ୍ଷା କଳ୍ପନା କୁମାରୀ ପ୍ରଧାନ, ବିଡିଓ ଶଶିଭୂଷଣ ମହାପାତ୍ର, ଉପାଧକ୍ଷ ସନ୍ତୋଷ ବେହେରା, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ସିମାଞ୍ଚଳ ସାହୁଙ୍କ ସମେତ ଲାଭାନ୍ୱିତ ପ୍ରାଣୀପାଳକମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକରେ ଶୋକ

**ବାଲିଗୁଡା, ୨୧୯/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଏସ. କୁମାର ନ୍ୟୁଜ ଏଜେନ୍ସିର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ପାଣିଗ୍ରାହୀ (୭୫ ) ଙ୍କ ସୋମବାର ବ୍ରହ୍ମପୁରର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଣିଗ୍ରାହୀଙ୍କର କିଛି ଦିନ ହେବ ଶ୍ୱାସଜନିତ ସମସ୍ୟା ଦେଖାଦେବାରୁ ପ୍ରଥମେ ବାଲିଗୁଡା ମେଡିକାଲ, ପରେ ବ୍ରହ୍ମପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଶ୍ରୀ ପାଣିଗ୍ରାହୀ ଦୀର୍ଘ ୫ ଦଶନ୍ଧି ଧରି କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡ ସ୍ତରୀୟ ସମ୍ବାଦିକତା କରିଆସୁଥିଲେ । ଜିଲ୍ଲାର ବହୁ ସାମ୍ବାଦିକ ତାଙ୍କର ପ୍ରେରଣାରେ ସାମ୍ବାଦିକ ହୋଇଛନ୍ତି । ସେ କେବଳ ସାମ୍ବାଦିକ ନଥିଲେ



ଜଣେ ନାଟ୍ୟ କଳାକାର, ସମାଜସେବୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଓ ନାତି ନତୁଣୀ ରହିଛନ୍ତି । ତାଙ୍କ ପାର୍ଥିବ ଶରୀରକୁ ନିଜ ବାଲିଗୁଡା ବାସଭବନଙ୍କୁ ଅଣାଯିବା ପରେ ସବ୍‌ଜେଲ ନିକଟସ୍ଥ ସ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜି ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ଜିଲ୍ଲା ସଭାପତି ସନ୍ତୋଷ କୁମାର ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି ।

## ନିରଞ୍ଜନ ନଗରରେ ଗଣେଶ ମେଢ଼ ଭସାଣି ମହୋତ୍ସବ

**ଆସିକା,୨୧୯/ଏନ୍ଏନ୍ଏସ୍:** ଆସିକା ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଉଥିବା ଗଜାନନଙ୍କ ଭସାଣୀ ଉତ୍ସବ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଜାରି ରହିଛି । ଜୟ ଗଣେଶ ଜୟ ଗଣେଶ ଦେବା, ଗଣପତି ବାବା ମୋରିଆ ଗୀତରେ ରାସ୍ତାଘାଟ ପ୍ରକମ୍ପିତ ହୋଇଥିଲା । ଆସିକା ଏନ୍‌ଏସି ଅଧୀନସ୍ଥ ୧୪ ନମ୍ବର ୱାର୍ଡର ନିରଂଜନ ନଗର ସ୍ଥିତ କୃଷ୍ଣସିଂହ ପାଠାଗାର ଗଣେଶ ପୂଜା କମିଟି ପକ୍ଷରୁ ପାର୍ବତୀ ନନ୍ଦନଙ୍କ ମୂର୍ତ୍ତି ଓ ମେଢ ଭସାଣି କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଡିଜେ ସାଉଣ୍ଡ ସାଙ୍ଗକୁ ଘଣ୍ଟଘଣ୍ଟା ଓ ନାଚଗୀତର ରୋଶଣିରେ ପ୍ରଭୁ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଶ୍ରଦ୍ଧାଳୁ ଭକ୍ତ । କୃଷ୍ଣସିଂହ ପାଠାଗାର ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ପୂର୍ବତନ ସଂପାଦକ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥ, ବର୍ତ୍ତମାନର ସଭାପତି ତଥା ଆଇନଜୀବୀ କେ.ବ୍ରହ୍ମାନନ୍ଦ ରାଓ, ଉପସଭାପତି ଏମ୍.ତାରିଣୀ ସେନାପତି, ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, କୋଷାଧକ୍ଷ ତଥା ସାମ୍ବାଦିକ ସରୋଜ



କୁମାର ଦାଶ, କମିଟିର ସକ୍ରିୟ ସଦସ୍ୟ ଅନିଲ୍ କୁମାର ପାଣିଗ୍ରାହୀ, ହରିହର ପାଢ଼ୀ, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ରବିନ୍ଦ୍ର ବେହେରା, ଅଜିତ୍ କୁମାର ଦାଶ, ଏଲ୍.ପ୍ରସାଦ ଆଚାରୀ, ଏମ୍.ମୁରଲି ରାଓ, ବାବୁ ରାଓ, ଜି.ସୂର୍ଯ୍ୟପ୍ରକାଶ ରାଓ, ଏମ୍.ସାଇ ରାଓ, ମଣ୍ଟୁ ବେହେରା, ପି.ରାମୁ ଆଚାରୀ, ଏମ୍.କ୍ରିଷ୍ଣା, ଏମ୍.ରାମୁ, ଏମ୍.କାମେଶ୍ୱର ଆଚାରୀଙ୍କ ସମେତ ଆଗ୍ରହୀ ଯୁବପିଢ଼ୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗ କରିଥିଲେ । ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ତଥା ଆଶୀର୍ବାଦ ପ୍ରଦାନ କରି ବିଘ୍ନ ବିନାଶକ ଧରାପୃଷ୍ଠରୁ ବିଦାୟ ନେଇଥିବା ଜଣାପଡିଛି । ୧୯୧୬ ମସିହାରେ ସ୍ଥାପିତ କୃଷ୍ଣସିଂହ ପାଠାଗାର ପକ୍ଷରୁ ପାଳିତ ପାର୍ବତୀ ନନ୍ଦନଙ୍କ ଭସାଣୀ ଉତ୍ସବ ମଙ୍ଗଳବାର ଭକ୍ତିମୟ ପରିବେଶ ମଧ୍ୟରେ ଶେଷ ହୋଇଥିଲା । ବିଦ୍ୱାନ ପଣ୍ଡିତ ରତ୍ନାକର ଦାଶଙ୍କ ମନ୍ତ୍ରୋଚାରଣରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ।

## ଲାୟନ୍ସ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ଆସିକା,୨୧୯/ଏନ୍ଏନ୍ଏସ୍:** ସ୍ଥାନୀୟ ଲାୟନ୍ସ କମ୍ୟୁନିଟି ହଲ୍ ପରିସରରେ ଆସିକା ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ ସଭାପତି ଲାୟନ୍ସ ବି.ଭେଙ୍କେଟ ରମଣ ମୂର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଅଶ୍ୱିନୀ କୁମାର ଦାଶ, ସମ୍ମାନିତ ଅତିଥି ତଥା ଅଧୀଷ୍ଠାନ ଅଧିକାରୀ ରୂପେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଲିଳିତେନ୍ଦୁ ଶତପଥୀ, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ସରସ୍ୱତୀ ପାତ୍ର ଯୋଗ ଦେଇଥିଲେ । ଆସିକା ଲାୟନ୍ସ କ୍ଲବ ବର୍ଷତମାମ ପାଳନ କରୁଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମକୁ ଆହୁରି ଅଧିକରୁ ଅଧିକ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ । ଅଧିଷ୍ଠାନ ଉତ୍ସବରେ ୨୦୨୫-୨୬ ମସିହା ପାଇଁ ନୂତନ ସଭାପତି ରୂପେ ଲାୟନ୍ସ ପି.ସୁଧାକର ପାତ୍ର, ସଂପାଦକ ଭାବେ ଲାୟନ୍ସ ପ୍ରିୟବ୍ରତ ମିଶ୍ର, କୋଷାଧକ୍ଷ ରୂପେ ଲାୟନ୍ସ କେ.ରାଜକିଶୋର ପାତ୍ରଙ୍କୁ ମନୋନୀତ ହୋଇଥିଲେ । ଅଧିଷ୍ଠାନ ଅଧିକାରୀ ଲାୟନ୍ସ ଲଳିତେନ୍ଦୁ ଶତପଥୀ ନବ ମନୋନୀତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ । ଆସିକା ଲାୟନ୍ସ କ୍ଲବର ନୂତନ ଭାବେ ସଭ୍ୟ ପଦ ଗ୍ରହଣ କରିଥିବା ବସନ୍ତ କୁମାର ଷଡଙ୍ଗୀ, ଏ. ନୀଳମାଧବ ପାତ୍ର, ପଞ୍ଚାନନ ନାୟକ, ବିଶ୍ୱଜିତ୍





ଆଚାର୍ଯ୍ୟ, ଦେବାଶିଷ ରାୟଙ୍କୁ ଶପଥପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଲାୟନ୍ସ ଇ. ଅରୁଣ କୁମାର ପାତ୍ର ସଂଯୋଜନା କରିଥିଲେ । ଲାୟନ୍ସ କେ.କିଶୋର କୁମାର ସେନାପତି, ଲାୟନ୍ସ କେ.ସନ୍ତୋଷ କୁମାର ସେନାପତି, ଲାୟନ୍ସ ପି.ତିରୁପତି ପାତ୍ର, ଲାୟନ୍ସ ଡି.ଅମରନାଥ ପାତ୍ର, ଲାୟନ୍ସ ଏସ୍.ବଦ୍ରି ନାରାୟଣ ପୃଷ୍ଟି, ଲାୟନ୍ସ ପି.ପ୍ରଦୀପ କୁମାର ପାତ୍ର, ଲାୟନ୍ସ ଭୀମସେନ ପାତ୍ର, ଲାୟନ୍ସ ଡି.ମୋହନ ପାତ୍ର, ଲାୟନ୍ସ ପି.ନୀଳମାଧବ ପାତ୍ର, ଲାୟନ୍ସ ଏ.ଲକ୍ଷ୍ମୀ ନାରାୟଣ ଗୁପ୍ତା, ଲାୟନ୍ସ ଭୀମସେନ ପାତ୍ର, ଲାୟନ୍ସ ପି.ତ୍ରିପତି ପାତ୍ରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ । ଆସିକା ଲାୟନ୍ସ କ୍ଲବର ଡିରେକ୍ଟୋରୀକୁ ଉନ୍ମୋଚନ କରାଯାଇଥିଲା ।

**ନିତି ଭାରତୀ**

ଜଣେ ଯାହା କାମନା କରେ, ତାହା ପାଇବାକୁ ଇଚ୍ଛା କରୁଥାଏ; କିନ୍ତୁ ଜଣକ ପାଖରେ ଯାହା ଥାଏ, ତାହା ହେଉଛି ଈଶ୍ୱରଙ୍କ ଇଚ୍ଛା । - **ନୌମନ୍ ଅଲୀ ଖାନ୍**

# ନ୍ୟାୟ ବ୍ୟବସ୍ଥା ଓ ମିଛ ମାମଲା



**ନିରଞ୍ଜନ ସାହୁ**

ହେଏତ ଗୋଟିଏ ସମୟ ଥିଲା, ଯେତେବେଳେ କୁହାଯାଉଥିଲା ଯେ ମଣିଷର ପ୍ରାଥମିକ ଆବଶ୍ୟକତା ହେଲା ରୋଟି, କପଡ଼ା ଓ ମକାନ ବା ଖାଦ୍ୟ, ବସ୍ତ୍ର ଓ ବାସଗୃହ । ମାତ୍ର ଆଜିର ଦିନରେ ତା' ସହିତ ଆହୁରି କେତେ କ'ଣ ଯୋଡ଼ା ହେଲାଣି । ଯେମିତି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନିରାପତ୍ତା ବ୍ୟବସ୍ଥା, ନ୍ୟାୟିକ ବ୍ୟବସ୍ଥା ଇତ୍ୟାଦି । ଏସବୁ ଭିତରୁ କୌଣସି ଗୋଟିକର ଅଭାବ ହେଲେ ଜୀବନ ହୋଇ ପଡୁଛି ଦୁର୍ବିସହ । ଗୋଟିଏ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମୁନ୍ନତ ନ୍ୟାୟିକ ବ୍ୟବସ୍ଥା ସମସ୍ତଙ୍କର ପ୍ରାଥମିକ ଆବଶ୍ୟକତା ।

କିଏ ତା'ର ଦେୱାନୀ ଆଇନଗତ ଅଧିକାରକୁ ସାବ୍ୟସ୍ତ କରିବାକୁ ନ୍ୟାୟାଳୟକୁ ଯାଏ ତ ଆଉ କିଏ ତା' ପ୍ରତି ଅପରାଧିକ ଆଚରଣ କଲେ କିମ୍ବା ତା'ର ସମ୍ମାନରେ ଆଞ୍ଚ ଆଣିଲେ କିମ୍ବା କାର୍ଯ୍ୟକ୍ଷେତ୍ରରେ କିଛି ଅନ୍ୟାୟ ହେଲେ ନ୍ୟାୟପାଳିକା ନିକଟରେ ଫେରାଦ ହୁଏ । ଯେଉଁ ଲୋକଟି ପ୍ରତି ଅନ୍ୟାୟ ହୋଇଥାଏ, ସେ ପୁଲିସ ପାଖରେ ହେଉ ବା ନ୍ୟାୟାଳୟ ନିକଟରେ ନ୍ୟାୟ ଭିକ୍ଷା କରେ । ମାତ୍ର ବର୍ତ୍ତମାନ ସଚରାଚର ଦେଖାଯାଉଛି, ଯେତେ ମାମଲା ଗଡୁଛି, ତା' ଭିତରୁ ବହୁଳ ସଂଖ୍ୟାରେ କେସ୍ ମିଛ ଆରୋପ ଜଡ଼ିତ ।

ସମସ୍ତେ ନ୍ୟାୟ ଆଶା କରୁଛନ୍ତି ସତ, ମାତ୍ର କେତେକ ନିଜର ବ୍ୟକ୍ତିଗତ ଶତ୍ରୁତା ହେତୁ ମିଛର ସାହାଯ୍ୟ ନେଉଛନ୍ତି । କୋର୍ଟରେ ବିଚାର ସରିବା ପରେ ତା'ର ରାୟ କ'ଣ ହେବ, ସେଥିପ୍ରତି ଅଭିଯୋଗକାରୀଙ୍କର ଦୃଷ୍ଟି କମ୍, ବରଂ ତାଙ୍କର ଅଧିକ ଲକ୍ଷ୍ୟ କିପରି ଅପର ପକ୍ଷଟି ତୁରନ୍ତ ଗିରଫ ହୋଇ କିଛି ଦିନ ଜେଲ୍‌ରେ ରହିଯିବ- ଏହା ସଚରାଚର ଦେଖାଯାଉଛି । ଯଦି ଅଭିଯୋଗ କରାଯାଏ ଯେ ପ୍ରତିପକ୍ଷ ଆପଣଙ୍କୁ ଚଟକଣିଟାଏ ମାରିଲେ, ତା'ହେଲେ ହୁଏତ ତାହା ଧର୍ତ୍ତବ୍ୟ ଅପରାଧ ଭାବରେ ଧରାଯିବ ନାହିଁ- ମାତ୍ର ସେଇ କଥାକୁ ଟିକିଏ ବୁଲେଇ ବଙ୍କେଇ ଲେଖିଦେବେ ଏମିତି ଯେ ଧରନ୍ତୁ ଆପଣଙ୍କୁ ସେ ଏମିତି ଚାପୁଡ଼ା ଦେଲେ ଯେ ଆପଣଙ୍କ କାନରୁ ରକ୍ତ ବାହାରିଲା ଓ ଆପଣଙ୍କ ହୋସ୍ ଉଡ଼ିଗଲା । ଏତିକିରେ ସେଇ ମାମଲାଟି ଧର୍ତ୍ତବ୍ୟ ଭାବରେ ଗଣ୍ୟ ହେବ ଏବଂ ତୁରନ୍ତ ହୁଏତ ପୁଲିସ ତାଙ୍କୁ ଗିରଫ କରି ହେପାଜତକୁ ନେଇଯିବେ- ଏଇ ପ୍ରବଣତା ଏତେ ଅଧିକ ଯେ କେବଳ ତାହା ଲୋକଙ୍କ ଭିତରେ ସୀମିତ ନୁହେଁ । ଅନେକ ସମୟରେ ସରକାରଙ୍କ ତରଫରୁ ଯେଉଁ କେସ୍ ଲୋକଙ୍କ ନାଁରେ କରାହୁଏ, ସେଥିରେ ବି ବହୁ ଅତିରଞ୍ଜନ ହୋଇଥିବାର ଅଭିଯୋଗ ମିଳେ ।

ପ୍ରଖ୍ୟାତ ଇତିହାସ ପ୍ରଫେସର ଡକ୍ଟର ମନ୍ମଥ ନାଥ ଦାସ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଥିବା ଏକ ଘଟଣା ପ୍ରଣିଧାନଯୋଗ୍ୟ । ସେ ଲେଖିଛନ୍ତି ଅନେକ ଦିନ ବ୍ୟବଧାନରେ ସେ ଥରେ ନିଜର ପୈତୃକ ଗ୍ରାମକୁ ଫେରିଥାନ୍ତି । ତାଙ୍କର ସାନଭାଇ କୃତବିଦ୍ୟ ସାହିତ୍ୟିକ ମନୋଜ ଦାସ ବହୁ ଦିନରୁ ପଣ୍ଡିଚେରୀର ବାସିନ୍ଦା । ତେଣୁ ସାଧାରଣ ଭାବରେ ତାଙ୍କ ଘରଟି କେବଳ ଚାକରବାକରଙ୍କ ତତ୍ତ୍ୱାବଧାନରେ ରହିଥାଏ । ସେ ଗାଁରେ ପହଞ୍ଚିବାର ପର ଦିନ କୌତୁହଳରେ ନିଜର କ୍ଷେତ ଆଡ଼କୁ ବୁଲି ଯାଇଥିଲେ । ଏକଦା ତାଙ୍କର ସ୍ୱର୍ଗୀୟ ପିତା ଥିଲେ ସେଇ ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ଜମିଦାର ।

ମନ୍ମଥ ସାର୍ ତାଙ୍କର ଜମି ବୁଲିବାକୁ ଗଲାବେଳେ ଦେଖିଲେ କେହି ଜଣେ ଲୋକ ତାଙ୍କ ଜମିର ହିଡ଼ରେ ବାଡ଼ ନ ଦେଇ ତାଙ୍କ ଜମି ଭିତରକୁ ଦୁଇ ତିନି ଫୁଟ ଭିତରେ ବାଡ଼ ବସେଇ ଦେଇଛି । ଯେହେତୁ ସେ କେବେ ଜମିବାଡ଼ି ଦେଖିବାକୁ ଯାଆନ୍ତି ନାହିଁ, ଏପରି ଘଟିବାର ସମ୍ଭାବନା ଅଧିକ । ସାର୍ ଅତ୍ୟନ୍ତ ବିରକ୍ତ ହୋଇ ସେଇ ଚାଷୀକୁ ଡକାଇଲେ । ସେ ଆସୁ ଆସୁ ଚଢ଼ାଗଳାରେ ତାଙ୍କର ବିରକ୍ତି ପୁନର୍ବାର ଝାଡ଼ିଲେ । ରାଗ ଉପରେ ନିୟନ୍ତ୍ରଣ ହରାଇ ସେ ଯୁବକଙ୍କୁ ଚାପୁଡ଼ାଟିଏ ମାରିଦେଲେ- ଯୁବକ ଜଣକ ହଠାତ୍ ରାଗିଗଲେ ଏବଂ କହି ଉଠିଲେ, କେଉଁ ଯୁଗରେ ଆପଣଙ୍କ ପୂର୍ବପୁରୁଷ ଜମିଦାର ଥିଲେ ବୋଲି ଏବେ ବି ଆପଣ କ'ଣ ନିଜକୁ ସେଇଭଳି ଭାବୁଛନ୍ତି କି ? ମୁଁ ଯାଉଛି ଆପଣଙ୍କ ନାଁରେ ପୁଲିସରେ କେସ୍ କରିବି ।' ଏତକ କହି ସେ ଯୁବକଟି ସେଇ କ୍ଷେତରୁ ନିଷ୍କ୍ରାନ୍ତ ହୋଇଗଲା । ପୁଲିସ ନାଁ ଶୁଣିଲା ପରେ ପ୍ରଫେସର ମହୋଦୟ ବି ମନେ ମନେ ଡରିଗଲେ- ପୁଲିସକୁ କିଏ ବା ନ ଡରେ ! ରାଧାନାଥ ପ୍ରାୟ ଶହେ ବର୍ଷ ଆଗରୁ ଲେଖିଥିଲେ- 'ଆନ ବୋଲି ମୁହିଁ ଅଟଇ ପୁଲିସ/ ବିନା ମେଘେ ସୃଜି ପାରଇ କୁଳୀଶ/ କିବା ଦୁଃଖୀ ରଙ୍କ କି କୋଟିପତିଏ/ ଲାଲ୍ ପଗଡ଼ିକୁ ନ ଡରନ୍ତି କିଏ ?/ ମୋତେ ଦେଖି କିଏ ନ ଭଜେ କମ୍ପକୁ/ କିଏ ନ ଡରଇ ଉତ୍‌ଫଣା ତମ୍ପକୁ ?'

ପ୍ରଫେସର ମହୋଦୟ ନିଜ ଘରକୁ ମନ ଖରାପ କରି ଫେରିଲେ ଏବଂ କାହିଁକି ସାମାନ୍ୟ ଉତ୍ତେଜନାରେ ହାତ ଉଠେଇ ଦେଲେ, ତାହା ଭାବି ଲଜ୍ଜିତ ହେଉଥାନ୍ତି । ସେ ଫୋନ୍ କଲେ ନିଜର ଭଣଜାଙ୍କୁ, ଯିଏକି ବାଲେଶ୍ୱରର ଜଣେ ବିଶିଷ୍ଟ ଆଡ୍‌ଭୋକେଟ୍ । ତାଙ୍କ ନିକଟରେ ନିଜର ଅପରାଧ ସ୍ୱୀକାର କରିବା ସହିତ କହିଲେ ତାଙ୍କୁ ଏପରି ଅବସ୍ଥାରେ ସାହାଯ୍ୟ କରିବାକୁ । ମାତ୍ର ତାଜୁବ ହେଲେ ଭଣଜାଙ୍କ ସର୍ତ୍ତ ଶୁଣି । ଭଣଜା କହିଲେ- 'ମାମୁ, ମୁଁ ସାହାଯ୍ୟ କରିବାକୁ ପ୍ରସ୍ତୁତ, ମାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେବେ ବି କାହା ଆଗରେ କହିବେ ନାହିଁ ଯେ ଆପଣ ସେଇ ପିଲାକୁ ଚାପୁଡ଼ାଏ ମାରିଛନ୍ତି ବୋଲି ।' ପ୍ରଫେସର ଭାରି ବିଚଳିତ ଅନୁଭବ କରୁଥାନ୍ତି । ମାତ୍ର ସ୍ୱଭାବସୁଲଭ ଢଙ୍ଗରେ କହିଲେ, 'ଆରେ ବାବୁ, ତମେ ତ ମୋତେ ପିଲାଦିନରୁ ଜାଣିଛ, ମୁଁ କେବେ ବି ମିଛ କହେନି ।' ଭଣଜା କହିଲେ- 'ମାମୁ ଆପଣ ଯଦି କୋର୍ଟରେ କହିଦେବେ ଆପଣ ମାରିଛନ୍ତି ବୋଲି ତା'ହେଲେ ମୁଁ ବା ଛାର, ଆପଣଙ୍କୁ ରାମ ଜେଠମାଲାନି ଆସିଲେ ବି ମୁକୁଳେଇ ପାରିବେ ନି ।'

ପ୍ରଫେସର ଅତ୍ୟନ୍ତ ଅସ୍ୱାଭାବିକ ଅନୁଭବ କରୁଥାନ୍ତି । କହିଲେ, 'ତା'ହେଲେ ମୋର କ'ଣ କିଛି ବାଟ ନାହିଁ ବାପା ?' ଭଣଜା କହିଲେ- କେହି ପଚାରିଲେ ଆପଣ କହିବେ ସେ ଓକିଲଙ୍କୁ ପଚାର । ବିଶେଷତଃ, ପୁଲିସ ପଚାରିଲେ । ତାଙ୍କୁ ତୁରନ୍ତ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ ଭଣଜା । ଦୁଇ ତିନି ଦିନ ପରେ ବଡ଼ି ଭୋର୍‌ରୁ ବାହାରେ କଲିଂବେଲ ଆଘାତରେ ପ୍ରଫେସରଙ୍କ ନିଦ ଭାଙ୍ଗିଗଲା । ଅବେଳରେ କିଏ ଆସିଥାଇପାରେ ବୋଲି ଭାବୁଭାବୁ ସେ ଘର କବାଟ ଖୋଲିଲେ । ସେଦିନ ଯେଉଁ ଟୋକାଟିକୁ ସେ ରାଗରେ ଚାପୁଡ଼ାଏ ମାରି ଦେଇଥିଲେ, ସେ କାନ୍ଦି କାନ୍ଦି ତାଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା- 'ଜେଜେ ଆପଣ ମୋତେ ବଞ୍ଚାନ୍ତୁ ।' 'କିରେ କ'ଣ ହେଲାକି ତୋର'- ବ୍ୟସ୍ତ ହୋଇ ପଚାରିଲେ ପ୍ରଫେସର ସାର୍ । ଆଜ୍ଞା ଆପଣଙ୍କ ଭଣଜା ମୋ ନାଁରେ ଏତେ ଗୁଡ଼େ ମିଛ କେସ୍ କରିଛି ଯେ ଏବେ ପୁଲିସ ମୋତେ ଖୋଜୁଛି ଆରେଷ୍ଟ କରିବାକୁ । ମୋତେ ବଞ୍ଚାନ୍ତୁ କହି ପୁଣିଥରେ ତାଙ୍କ ଗୋଡ଼କୁ ଜୋର୍‌ରେ ଧରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲା ଯୁବକ ।




ତାକୁ ପ୍ରବୋଧନା ଦେଇ ପ୍ରଫେସର ବସାଇଲେ । ଅଗତ୍ୟା ପାଖ ରୁମ୍‌କୁ ଯାଇ ଫୋନ୍‌ରେ ଭଣଜାକୁ ଜଣାଇଲେ ଏଇ ସମ୍ବାଦ । ସେପଟରୁ ଶୁଭୁଥିଲା ଆଡ୍‌ଭୋକେଟ୍ ଭଣଜାଙ୍କ ଅଟ୍ଟହାସ୍ୟ । ଆପଣ ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ ମାମୁ । ତାକୁ ମୋ ପାଖକୁ ପଠାନ୍ତୁ । କହିବା ବାହୁଲ୍ୟ, ସେ ପ୍ରଫେସରଙ୍କ କେସ୍ ଉଠେଇ ନେଲା ଏବଂ ସେପଟରୁ ହୋଇଥିବା କେସ୍‌ଗୁଡ଼ିକ ବି ହୋଇଗଲା ରଫାଦଫା । ମିଛ କେସ୍‌ମାନେ ମୌଳିକ ଭାବରେ କେତେ ସାଂଘାତିକ ହୋଇ ପାରନ୍ତି, ତାହା ଆପଣମାନେ ଅନୁମାନ କରି ପାରନ୍ତି ।

ନିକଟରେ ଏଇ ମିଛ କେସ୍ ବିଷୟରେ ବେଶୀ ଆଲୋଚନା ଆରମ୍ଭ ହୋଇଛି ମାଲେଗାଁ ବ୍ଲାଷ୍ଟ କେସ୍‌ର ଫଳାଫଳ ବାହାରିବା ପରେ । ପ୍ରାୟ ସତର ବର୍ଷ ବିଭିନ୍ନ କୋର୍ଟରେ କେସ୍ ଚାଲିବା ପରେ ଯେଉଁ ଆଦେଶ ମିଳିଛି, ତାହା ହେଲା- ଆସାମୀମାନଙ୍କୁ ନିର୍ଦ୍ଦୋଷରେ ଛାଡ଼ି ଦିଆଯାଇଛି । ସେଇ ତଥାକଥିତ ଆସାମୀମାନଙ୍କ ଭିତରେ ଅଛନ୍ତି ଜଣେ ସେନାବାହିନୀର ପୂର୍ବତନ ଲେଫ୍‌ନାଣ୍ଟ ଜେନେରାଲ୍ ପାହ୍ୟାର ସେନା ଅଧିକାରୀ ଏବଂ ଜଣେ ପ୍ରାକ୍ତନ ସାଂସଦ । ସେହି ଘଟଣାକୁ ରାଜନୈତିକ ରୂପ ଦେଇ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ ସମାଜ ଓ ରାଷ୍ଟ୍ର ଆଗରେ ବଦନାମ୍ କରିବା ପାଇଁ ଏହି ନାଟକ ରଚା ଯାଇଥିଲା । ଅର୍ଥାତ୍, ଏହି ଘଟଣାରେ ଯେଉଁମାନେ ଦୋଷୀ, ସେମାନେ ମୁକୁଳି ଯାଇଛନ୍ତି । ଏଇ ଘଟଣାଟି ବର୍ତ୍ତମାନ ସାରା ଦେଶର ଚର୍ଚ୍ଚାରେ । ଦେଶର ସରକାର ହେଉଛନ୍ତି ନାଗରିକମାନଙ୍କର ମାଆ ବାପ ଭଳି । ମାତ୍ର ଯେତେବେଳେ ରାଜନୈତିକ ଦୃଷ୍ଟିକୋଣରୁ ସେମାନେ ବିଭିନ୍ନ ଲୋକଙ୍କୁ, ଏବଂ ବିଶେଷତଃ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ରୋଷ କଷନ୍ତି, ସେତେବେଳେ ଏଇଭଳି ବିଲକ୍ଷଣ ଘଟିଥାଏ । ସାରା ଦେଶରେ ଏହିଭଳି ସରକାରଙ୍କ ତରଫରୁ ବହୁ କେସ୍ କରାଯାଇ ପ୍ରତିପକ୍ଷମାନଙ୍କୁ ପରାହତ କରାଯାଏ । ତତ୍କାଳୀନ କଂଗ୍ରେସ ସରକାରଙ୍କ ତରଫରୁ ଷଡ଼ଯନ୍ତ୍ର ରଚା ଯାଇଥିଲା ।

ଯେଉଁମାନେ ମିଛ କେସ୍ କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁସାରେ ମକଦ୍ଦମା ଚାଲି ପାରିବ । ମାତ୍ର ସେଇଗୁଡ଼ିକ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଧୈର୍ଯ୍ୟ ଓ ଅର୍ଥ ସାଧ ଦେବା ପ୍ରାୟତଃ ସମ୍ଭବ ନୁହେଁ । କୌଣସି ଅପରାଧିକ ମାମଲାରେ କାହାକୁ ଅଭିଯୋଗଟିକୁ ପ୍ରମାଣ କରିବାକୁ ହେବ, ତାହାର ବିଧାନ ରହିଛି । ପ୍ରମାଣ ଦେବା ଏବଂ ସେଥିରେ ମାନ୍ୟବର ଅଦାଲତଙ୍କର ବିଶ୍ୱାସ ହେବା ବି ସବୁବେଳେ ଏକା କଥା ହୋଇ ନଥାଏ । ଅର୍ଥାତ୍, ଯଥେଷ୍ଟ ପ୍ରମାଣ ଅଭାବରୁ ଅଭିଯୁକ୍ତ ବି ଖସି ଯାଇ ପାରନ୍ତି । ଏହି ଦୃଷ୍ଟିରୁ ମିଛ କେସ୍ କରାଉ ଥିବା ବ୍ୟକ୍ତିମାନେ ସବୁ ବେଳେ ଦଣ୍ଡିତ ନ ହୋଇ ବହୁ ସମୟରେ ଖସି ଯାଆନ୍ତି ଏବଂ ସାଦାସିଧା ଲୋକମାନେ କେସ୍‌ର ଯନ୍ତ୍ରଣା ଭୋଗନ୍ତି । କେସ୍‌ର ସବୁଠୁ ବିପଜ୍ଜନକ ଦିଗ ହେଲା, ତାହା କେବେ ନିର୍ଣ୍ଣାୟକ ଅବସ୍ଥାରେ ପହଞ୍ଚିବ, ସେକଥା କେହି କହି ପାରିବେ ନାହିଁ । ଏଇ ମିଛ କେସ୍ ଓ ତଜ୍ଜନିତ ପରିସ୍ଥିତିକୁ ଲକ୍ଷ୍ୟ କରି ଆମର ପାର୍ଲାମେଣ୍ଟ ନୂତନ ଆଇନ୍ ପ୍ରଣୟନ ନ କଲେ ମିଛ କେସ୍‌ରେ ପେଷି ହୋଇ ନିଜର ଜୀବନଯାକ ଜେଲ୍‌ରେ କିମ୍ବା କୋର୍ଟର ବାରଣ୍ଡାରେ କଟାଉ ଥିବା ଲୋକଙ୍କୁ କିଛି ନ୍ୟାୟ ମିଳିବ ନାହିଁ ।■

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**
**ମୋ: ୯୪୩୮୪୮୨୯୧୧**

---



**କେଶବ ଚନ୍ଦ୍ର ନାୟକ**


# ଶଗଡ଼

ଶଗଡ଼ ଆଉ ଗାଁ ଗହଳିରେ ଅଦୃଶ୍ୟ । ଆଜିକାଲିକା ସମୟରେ ଶଗଡ଼ କହିଲେ ପିଲାମାନେ ବୁଝିବେ ନାହିଁ । କାରଣ- ସବୁଠି ଯନ୍ତ୍ରଚାଳିତ ଯାନବାହନ । ଘରେ ଘରେ ମୋଟର ସାଇକେଲ । ପ୍ରତ୍ୟେକ ଗାଁରେ କାର୍, ବୋଲେରୋ, ଅଟୋ ମାଳ ମାଳ । ସହରରେ ଯେଉଁମାନେ ରହୁଛନ୍ତି, ଶଗଡ଼ କହିଲେ ବୁଝିବେ ନାହିଁ । ଏଣୁ କୌଣସି ଏକ ଚଳଚ୍ଚିତ୍ରରେ ଶଗଡ଼ ଦୃଶ୍ୟ ନ ଦେଖାଇଲେ ସେମାନେ ତାକୁ ସତ ମଣିବେ ନାହିଁ । ଆମ ପିଲା ଦିନେ ଶଗଡ଼ର ବହୁଳ ବ୍ୟବହାର ଥିଲା । ବିଶେଷକରି ଯେଉଁମାନେ ଜମିଦାର ଥିଲେ, ସେମାନେ ଶଗଡ଼ ରଖିବାକୁ ବାଧ ହେଉଥିଲେ । କାରଣ ଶଗଡ଼ରେ ଧାନ, ଚାଉଳଠାରୁ ଆରମ୍ଭ କରି ଜାଳେଣି କାଠ ପର୍ଯ୍ୟନ୍ତ ପରିବହନ କରା ଯାଇଥାଏ । ଧାନ ଅମଳ ସମୟରେ କଳେଇ ଶଗଡ଼ରେ ବିଲରୁ ଖଳାକୁ ନିଆଯାଏ । ଧାନ ବିଡ଼ାଗୁଡ଼ିକୁ ଥାକ କରି ରଖାଯାଏ । ଧାନ ସଂପୂର୍ଣ୍ଣ ଶୁଖିଗଲା ପରେ ଖଳାରେ ବେଙ୍ଗଳା ପଡ଼େ । ବଳଦକୁ ଯୋଡ଼ି ବେଙ୍ଗଳା ବୁଲାଯାଏ । କଣ୍ଟି ସହାୟତାରେ ବେଙ୍ଗଳାକୁ ଝାଡ଼ି ପୁଣି ଓଲଟ ପାଲଟ କରାଯାଏ । ଧାନ ସୀସା ଝଡ଼ି ଗଲେ ଧାନକୁ ଅଲଗା କରାଯାଏ ଏବଂ ପବନରେ ଉଡ଼ାଇ ଧାନରୁ ଅଗାଡ଼ିକୁ ଅଲଗା କରାଯାଏ । ପୁଣି ସଫା ଧାନକୁ ଅଖାରେ ଭର୍ତ୍ତି କରାଯାଇ ଶଗଡ଼ ସହାୟତାରେ ଧାନ ମରେଇରେ ରଖାଯାଏ । ପୁଣି ଧାନକୁ ଖରାରେ ଶୁଖାଯାଇ ଢିଙ୍କିରେ କୁଟାଯାଇ ଅରୁଆ ଚାଉଳ କରାଯାଇଥାଏ । ଯଦି ଉଷୁନା ଚାଉଳ ଆବଶ୍ୟକ ହୁଏ, ତେବେ ଧାନକୁ ସିଝାଇବାକୁ ପଡ଼ିଥାଏ । ଧାନ ସିଝିଗଲା ପରେ ଖରାରେ ଶୁଖାଇ ପୁଣି ଢିଙ୍କିରେ କୁଟି ଚାଉଳ ବାହାର କରାଯାଏ ।

ସେ ସମୟରେ ଗାଁ ଗହଳିରେ ବହୁତ ଢିଙ୍କି ଥିଲା । ମହିଳାମାନେ ଢିଙ୍କିରେ ଧାନ କୁଟନ୍ତି । ସ୍ୱତନ୍ତ୍ର ଭାବେ ଧାନ କୁଟିବା ପାଇଁ ମହିଳାମାନେ ଥାଆନ୍ତି । ସେମାନଙ୍କୁ କୁଟୁଣୀ ବୋଲି କୁହାଯାଉଥିଲା । ଯେଉଁମାନେ ଜମିଦାର, ସେମାନେ କୁଟୁଣୀମାନଙ୍କୁ ଧାନ କୁଟିବା ପାଇଁ ମାଣ ମାଣ ଧାନ ଦେଇଥାନ୍ତି । ଏଥିପାଇଁ କୁଟୁଣୀମାନେ ଟଙ୍କା ଗଉଣୀ ବା ମାଣ ହିସାବରେ ନେଇଥାନ୍ତି । ଧାନ କୁଟିଲା ପରେ ହିସାବ ଅନୁସାରେ ଚାଉଳ ଦିଅନ୍ତି । ଏସବୁ ବ୍ୟବସ୍ଥା ଦୀର୍ଘ ୫୦ ବର୍ଷ ତଳେ ଥିଲା । ଗାଁ ଗହଳିରେ ଢିଙ୍କି କୁଟା ଚାଉଳ ଆମେ ଖାଇ ବଡ଼ ହୋଇଛୁ । ସେହି ଢିଙ୍କି ମଧ୍ୟ ଆଜି ସାତ ସପନ କହିଲେ ଚଳେ । ଗାଁ ଗହଳିରେ ପ୍ରତ୍ୟେକ ଘରେ ଶିଳ, ଘୋରଣା, ପେଷଣା ଥିଲା । ପ୍ରତି ଦିନ ସକାଳ ଓ ସନ୍ଧ୍ୟାରେ ଯେତେବେଳେ ତରକାରୀ ରନ୍ଧାଯାଏ, ଗୋଟା ମସଲା ସବୁ ଶିଳରେ ବଟାଯାଏ । ସେହିପରି ଘୋରଣାରେ ମାଣ୍ଡିଆ, ଗୋଟା ମୁଗ, କୋଳଥ, ବିରି, କାନ୍ଦୁଲ ଚୁରାଯାଏ । ପେଷଣାରେ ବତୁରା ଅରୁଆ ଚାଉଳ, ବତୁରା ବିରିଡାଲି ପେଷାଯାଏ । ଏହିଥିରେ ଚକୁଳି ପିଠା କି ଏଣ୍ଡୁରି ପିଠା ପାଇଁ ପେଷା ହୋଇଥାଏ । ଆଜିକାଲି ଏହି ପଥର ନିର୍ମିତ ଘରକରଣା ସାମଗ୍ରୀ ମିଳୁ ନାହିଁ । ଏଥିପାଇଁ ବିଦ୍ୟୁତ୍ ଚାଳିତ ଗ୍ରାଇଣ୍ଡର ମେସିନ ବ୍ୟବହାର ହେଉଛି । ଶିଳ ନାହିଁ କି ମସଲା ବଟା ନାହିଁ ।

ଆଜିକାଲି ସବୁ ମସଲା ଗୁଣ୍ଡ ବିଭିନ୍ନ ପ୍ୟାକେଟ୍‌ରେ ବଜାରରୁ କ୍ରୟ କରି ଆଣି ତରକାରୀ ରନ୍ଧା ହେଉଛି । ଏଣୁ ଏସବୁ ପଥର ସାମଗ୍ରୀଗୁଡ଼ିକ ଗାଁ ଗହଳିରେ ଆଉ ନାହିଁ । ଅତୀତରେ ଝିଅ ଯେତେବେଳେ ବାହା ହୋଇ ଶାଶୂଘରକୁ ଯାଉଥିଲା, ସେତେବେଳେ ଶଗଡ଼ ଧାଡ଼ି ଧାଡ଼ି ହୋଇ ରାସ୍ତାରେ ଯାଉଥିଲା । ଏହି ଶଗଡ଼ ଗୁଡ଼ିକରେ ବହୁତ ଘରକରଣା ଜିନିଷ ଲଦାଯାଇ ପରିବହନ କରାଯାଉଥିଲା ।

ପ୍ରଥମେ ଯେଉଁ ଶଗଡ଼ରେ ନବବଧୂ ବସୁଥିଲା, ସେହି ଶଗଡ଼କୁ ସୁନ୍ଦର ଭାବେ ସୁସଜ୍ଜିତ କରା ଯାଉଥିଲା । ଯୋଡ଼ି ବଳଦଙ୍କ ଦେହରେ ନଡ଼ିଆ ତେଲ ମରାଯାଇ ଚିକ୍ ଚିକ୍ କରା ଯାଉଥିଲା । ବେକରେ ଘାଗୁଡ଼ି ମାଳ ଓ ଘଣ୍ଟି ବନ୍ଧା ଯାଉଥିଲା, ଯେପରିକି ଚାଲିଲା ବେଳେ ଝଣ ଝଣ ଶବ୍ଦ ସୃଷ୍ଟି କରୁଥିଲା । କନିଆ ଆଗ ଶଗଡ଼ରେ ବସିଲା ପରେ ପଛକୁ ପଛ ବାକି ସାମଗ୍ରୀଭରା ଶଗଡ଼ସବୁ ଚାଲେ । ଯିଏ ଯେତେ ଶଗଡ଼ରେ ଜିନିଷ ଭର୍ତ୍ତି କରି ଦେଉଥିଲା, ଲୋକେ ତାକୁ ଦେଖି ସେତେ ଚର୍ଚ୍ଚା କରୁଥିଲେ । ଇଏ କାହା ଘର ଝିଅ, କେଉଁ ଗାଁରେ ବିବାହ ହେଉଛି, କେତେ ଜିନିଷ ଉପହାର ନେଉଛି, ଇତ୍ୟାଦି । ଆଜିକାଲି ସେସବୁ ଦୃଶ୍ୟ ଆଉ ଗାଁ ଗହଳିରେ ନାହିଁ । ସମୟ ଚକ୍ରରେ ସବୁ ବଦଳି ଗଲାଣି ।



ଶଗଡ଼ କୁ ଯେ ଚାଳନା କରେ, ତାକୁ ଶଗଡ଼ିଆ କୁହନ୍ତି । ଏବେ ବି ବହୁତ ଲୋକଙ୍କ ସାଙ୍ଗିଆ ଶଗଡ଼ିଆ ରହିଛି । ଯଦିଓ ଶଗଡ଼ ନାହିଁ କି ଶଗଡ଼ିଆ ନାହାନ୍ତି, ତଥାପି ଲୋକମାନେ ଶଗଡ଼ିଆ ଘର ଲୋକ ବୋଲି ସମ୍ବୋଧନ କରନ୍ତି । ସାଙ୍ଗିଆ ସବୁ ଇଂରେଜମାନଙ୍କ ଜନଗଣନା ଅନୁସାରେ ଆସିଛି । ଇଂରେଜ ଶାସନ ପୂର୍ବରୁ କାହାରି ସାଙ୍ଗିଆ ନଥିଲା । ହିନ୍ଦୁ ଧର୍ମରେ କର୍ମକୁ ନେଇ ଜାତି ଥିଲା । କର୍ମ କହିଲେ ବୃତ୍ତିକୁ ବୁଝାଉ ଥିଲା । ତେଣୁ ବୃତ୍ତିକୁ ନେଇ ସାଙ୍ଗିଆ ବା ଟାଇଟଲ ନାମ ଶେଷରେ ଯୋଡ଼ି ଦିଆ ଯାଇଛି । ରାଜା ରାଜୁଡ଼ା ସମୟରେ କର୍ମକୁ ଆଧାର କରି ଉପାଧି ଦିଆ ଯାଉଥିଲା, ଯେପରି ନାୟକ, ରାୟବାହାଦୁର, ଦଳପତି, ଦଳବେହେରା, ସୁପକାର (ରାନ୍ଧୁଣିଆ) ବା ସୁଆର ଇତ୍ୟାଦି । ପରେ ପରେ ଟାଇଟଲ୍‌ର ସୃଷ୍ଟି । ସେହିପରି ଶଗଡ଼ିଆ ମଧ୍ୟ ବହୁତ ଲୋକଙ୍କର ସାଙ୍ଗିଆ ରହିଛି ।

ବିଜ୍ଞାନ ଯେତିକି ଅଗ୍ରଗତି କରୁଛି, ସେତିକି ପ୍ରାଚୀନ କାଳର ବ୍ୟବହୃତ ସାମଗ୍ରୀଗୁଡ଼ିକର ବିଲୋପ ଘଟୁଛି । କିନ୍ତୁ ଆମ ପୂର୍ବପୁରୁଷଙ୍କ ଜୀବନଶୈଳୀର ସୁରକ୍ଷା ଲାଗି ଏସବୁ ସଂରକ୍ଷିତ ହୋଇ ରହିବା ଆବଶ୍ୟକ । ଏଥି ପ୍ରତି ସରକାରୀ ସ୍ତରରେ ଉଦ୍ୟମ ନହେଲେ ଆଗାମୀ ସମୟରେ ଗବେଷଣା ପାଇଁ ହୁଏତ ମୂଳ ଉପାଦାନଗୁଡ଼ିକ ଉପଲବ୍ଧ ହେବ ନାହିଁ ।■

**ସଭାପତି, ଉତ୍କଳ ସାହିତ୍ୟ ସଂସଦ**
**ମାଲକାନଗିରି, ମୋ: ୯୪୩୭୭୭୯୪୪୭**

---

## ସମ୍ପାଦକଙ୍କୁ ପତ୍ର

### କର୍ମ ନିଯୋଜନ ମାଧ୍ୟମରେ ଦେଶର ପ୍ରଗତି ସମ୍ଭବ

କଲ୍ୟାଣକାରୀ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କୁ ନିଶ୍ଚିତ କର୍ମ ନିଯୋଜନ ମାଧ୍ୟମରେ ସହଜରେ ଦେଶର ପ୍ରଗତି ଅଣାଯାଇ ପାରିବ । କାରଣ, ଆମ ଦେଶରେ ମାନବ ସମ୍ବଳର ଅଭାବ ନାହିଁ । ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ- ସବୁ ବର୍ଗର ମାନବ ସମ୍ବଳକୁ ସୁବିନିଯୋଗ କରି ପାରିଲେ ବିକାଶ ପାଇଁ ବାଧକ ରହିବ ନାହିଁ । କୃଷି ହେଉ କି ଶିଳ୍ପ, ଦପ୍ତର ହେଉ କି ନିର୍ମାଣ ପ୍ରକଳ୍ପ, ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସେବା, ବିଜ୍ଞାନ ହେଉ କି ବୈଷୟିକ କାରିଗରୀ, ବାଣିଜ୍ୟ ହେଉ କି ପରିବହନ, ଏପରିକି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବେକାରୀ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଜରୁରୀ । କେବଳ ଗରିବୀ ହଟାଇବା ଯୋଜନା ଜରିଆରେ କୌଣସି କର୍ମ ସଂସ୍ଥାନ ପରିବର୍ତ୍ତେ ଦେଶବାସୀଙ୍କୁ ଆର୍ଥିକ ଭତ୍ତା, ଶସ୍ୟ ଦାନା ଅବା ପଡ଼ି ସାମଗ୍ରୀ ପ୍ରଦାନ କରାଗଲେ ଗୁଡ଼ାଏ ଅଳସୁଆ ତଥା ଅକର୍ମଣ୍ୟ ସୃଷ୍ଟି ହେବା ସହିତ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବା ବିଚିତ୍ର ନୁହେଁ । ତା' ଛଡ଼ା କେଉଁ ବିଦେଶୀ ପ୍ରରୋଚନାରେ ଭଳିଯାଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା, ବାଧ୍ୟତାମୂଳକ ଅବା ସ୍ୱେଚ୍ଛାକୃତ ଅବସର ଦେଇ ଲୋକଙ୍କୁ କର୍ମଚ୍ୟୁତ କରିଦେବା ଏବଂ ଦକ୍ଷ ତଥା କୁଶଳୀ ମାନବ ସମ୍ବଳକୁ ଠିକା ଭିତ୍ତିରେ ଦୁରୁପଯୋଗ କରୁଥିବା ବ୍ୟବସ୍ଥା କଦାପି ପ୍ରଗତିର ଲକ୍ଷଣ ହୋଇ ନପାରେ । ଏଣୁ, ସରକାର ସମଗ୍ର ଦେଶର ପ୍ରତିଟି ନାଗରିକଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଲେ ପ୍ରଗତି ଅବଶ୍ୟମ୍ଭାବୀ ହୋଇ ପାରିବ ।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

---

NITIDIN
ନିତିଦିନ
ବୁଧବାର, ୩ ସେପ୍ଟେମ୍ବର, ୨୦୨୫

# ଜିଡିପିର ଚମକ

ଅଗଷ୍ଟ ୨୯, ୨୦୨୫ ଅର୍ଥାତ୍ ଗତ ସପ୍ତାହର ଶୁକ୍ରବାର ଦିନ ପ୍ରକାଶ ପାଇଛି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ସଂଖ୍ୟା ଯାହା ସମସ୍ତଙ୍କୁ ବିସ୍ମିତ କରି ଦେଇଛି ଯେହେତୁ ଅନେକ ପ୍ରତିକୂଳତା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକୀରେ ଏହା ୭.୮ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ଆଶା କରାଯାଉଥିବା ବୃଦ୍ଧିଠାରୁ ଢେର୍ ଅଧିକ ଏବଂ ବିଗତ ପାଞ୍ଚ ଗୋଟି ତ୍ରୈମାସିକୀର ବୃଦ୍ଧି ହାରକୁ ଟପି ଯାଇଛି । ଉଦାହରଣ ସ୍ୱରୂପ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମଧ୍ୟ ଅଗଷ୍ଟ ୬, ୨୦୨୫ରେ ଭବିଷ୍ୟବାଣୀ କରିଥିଲେ ଯେ ପ୍ରଥମ ତ୍ରୈମାସିକୀରେ ବୃଦ୍ଧି ହାର ୬.୫ ପ୍ରତିଶତ ହେବ, ଯାହାଠାରୁ ସାମ୍ପ୍ରତିକ ସଂଖ୍ୟା ୧୧୦ ବେସିସ୍ ପଏଣ୍ଟ ଅଧିକ ରହିଛି । ଏହି ଅଭିବୃଦ୍ଧି ହାର ଭାରତର ଦ୍ରୁତ-ଅଭିବୃଦ୍ଧି ପଥରେ ପଥିକ ବିଶାଳ ଅର୍ଥନୀତିର ସ୍ଥିତିକୁ ସୁଦୃଢ଼ କରୁଛି ଏବଂ ଏହାର ଅର୍ଥନୀତିକ ନମନୀୟତା ଉପରେ ଗୁରୁତ୍ୱାରୋପ କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମଧ୍ୟ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ-ବୃହତ୍ତମ ଅର୍ଥନୀତି ଭାବରେ ଉଭା ହେବାର ସମସ୍ତ ସମ୍ଭାବନାକୁ ଦୃଢ଼ୀଭୂତ କରୁଛି । ସେବା କ୍ଷେତ୍ରର କାର୍ଯ୍ୟକଳାପ, ଯାହା ସମଗ୍ର ବିଶ୍ୱ ସ୍ତରରେ ଅନିଶ୍ଚିତତା ସତ୍ତ୍ୱେ ବିଗତ ଦୁଇ ବର୍ଷଠାରୁ ଢେର୍ ଅଧିକ ୯.୩ ପ୍ରତିଶତ ହାରରେ ସମ୍ପ୍ରସାରିତ ହୋଇଥିଲା, ତାହା ହେଉଛି ଏଭଳି ଦୃଢ଼ ପ୍ରଦର୍ଶନ କ୍ଷେତ୍ରରେ ପ୍ରମୁଖ ଅବଦାନକାରୀ । ସେବା କ୍ଷେତ୍ରର ଏଭଳି ବିପୁଳ ବୃଦ୍ଧି ବ୍ୟବସାୟ ବାଣିଜ୍ୟ, ପରିବହନ, ଅର୍ଥ ଲଗାଣ, ରିୟଲ ଇଷ୍ଟେଟ୍, ଏବଂ ଏମିତିକି ସରକାରୀ ପ୍ରଶାସନ କ୍ଷେତ୍ରରେ ବ୍ୟାପକ-ଆଧାରିତ ସାମର୍ଥ୍ୟକୁ ପ୍ରତିଫଳିତ କରେ, ଯେଉଁଗୁଡ଼ିକ ମଧ୍ୟରୁ ସମସ୍ତ କ୍ଷେତ୍ର ଉଲ୍ଲେଖନୀୟ ପରିମାଣର ଲାଭ ଅର୍ଜନ କରିଛନ୍ତି ।

ନିର୍ମାଣ କ୍ଷେତ୍ର ମଧ୍ୟ ଏକ ଉତ୍ତମ ଅଭିବୃଦ୍ଧି ହାର ପ୍ରଦର୍ଶନ କରିଛି । ଏହା ୭.୭ ପ୍ରତିଶତ ହାରରେ ବୃଦ୍ଧିଲାଭ କରିଛି ଯାହାକି ଗତ ବର୍ଷର ପ୍ରଥମ ତ୍ରୈମାସିକୀର ୭.୬ ପ୍ରତିଶତର ଆପାତତଃ ଏକ ଉଚ୍ଚ ଆଧାର ଉପରେ ହୋଇ ପାରିଛି । ଏ ବାବଦରେ କେତେକ ବିବୃତି ପ୍ରଦାନ କରିଛନ୍ତି ଯେ ଏହାର କାରଣ, ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅଗଷ୍ଟ ମାସର ଟାରିଫ୍ ପାଇଁ ସମୟ ସୀମା ପୂର୍ବରୁ କମ୍ପାନୀମାନେ ସେମାନଙ୍କର ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରରେ ବୃଦ୍ଧି କରିଛନ୍ତି । ତେବେ ପ୍ରଥମ ତ୍ରୈମାସିକୀରେ ବାଣିଜ୍ୟିକ ରପ୍ତାନୀ କାରବାର ମାତ୍ର ୧.୬ ପ୍ରତିଶତ ବୃଦ୍ଧି ପାଇଥିବାରୁ କମ୍ପାନୀମାନେ ଘରୋଇ ଚାହିଦାକୁ ପୂରଣ କରିବା ପାଇଁ ଅଧିକ ଉତ୍ପାଦନ କରିଥିବା ଏକ ସମ୍ଭାବ୍ୟ କାରଣ ଭାବରେ ମନେହୁଏ । ତେବେ ସରକାରଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା ସଂଖ୍ୟା ଏ ବାବଦରେ ବିଶେଷ ସ୍ପଷ୍ଟ ଚିତ୍ର ପ୍ରଦାନ କରି ନଥାଏ । ଶିଳ୍ପ ଉତ୍ପାଦନ ସୂଚକାଙ୍କ ଦ୍ୱାରା କରାଯାଇଥିବା ମାପ ଅନୁସାରେ ନିର୍ମାଣ କ୍ଷେତ୍ର ପ୍ରଥମ ତ୍ରୈମାସିକୀରେ ୩.୩ ପ୍ରତିଶତ ହାରରେ ବୃଦ୍ଧିଲାଭ କରିଥିଲା, ଯେତେବେଳେ କି ଗତ ବର୍ଷ ଏହି ଅବଧିରେ ବୃଦ୍ଧି ହାର ଥିଲା ୪.୩ ପ୍ରତିଶତ । ବିଶେଷକରି ଗତ ବର୍ଷ ସମାନ ସମୟରେ ଷ୍ଟିଲ୍‌ର ଉପଭୋଗ ବା କଞ୍ଜମ୍ପସନ୍ ଯେତିକି ଥିଲା, ତା' ତୁଳନାରେ ଚଳିତ ବର୍ଷ ଯଥେଷ୍ଟ କମ୍ ରହିଥିଲା । ସେହିପରି ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଉଭୟ ଘରୋଇ ଏବଂ ବ୍ୟବସାୟିକ ଯାନ ବିକ୍ରି କ୍ଷେତ୍ରରେ ଯଥାକ୍ରମେ ୫.୪ ଏବଂ ୦.୬ ପ୍ରତିଶତ ହ୍ରାସକୁ ପରିଲକ୍ଷିତ କରିଛି । ଦୁଇଚକିଆ ଯାନ ବିକ୍ରୟ କ୍ଷେତ୍ରରେ ୬.୨ ପ୍ରତିଶତ ହ୍ରାସ ଘଟିଥିବା ବେଳେ ତିନିଚକିଆ ଯାନର ବିକ୍ରୟ କ୍ଷେତ୍ରରେ ମାତ୍ର ୦.୧ ପ୍ରତିଶତ ବୃଦ୍ଧି ଘଟିଛି । ବିଭିନ୍ନ ପ୍ରକାରର ତଥ୍ୟ ଦର୍ଶାଇ ଥାଏ ଯେ ମୌଳିକ ଏବଂ ଖାଉଟି କ୍ଷେତ୍ରଗୁଡ଼ିକରେ ଅବସ୍ଥା ଧୀମେଇ ଯାଉଛି, ଆଉ ସେଥିପାଇଁ ନିର୍ମାଣ କ୍ଷେତ୍ରରେ ବୃଦ୍ଧିର ଏକ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି ।

ଜିଡିପି କ୍ଷେତ୍ରକୁ କୃଷି କ୍ଷେତ୍ରର ଅବଦାନ ଉପରୋକ୍ତ ଅବଧିରେ ୩.୭ ପ୍ରତିଶତ ବୃଦ୍ଧି ହାର ସହିତ ସ୍ଥିର ରହିଛି । ଜୁନ୍ ମାସରେ ଶୀଘ୍ର ବର୍ଷା ହେବା ଫଳରେ ଖଣି କାର୍ଯ୍ୟ, ଉପଯୋଗିତାମୂଳକ କାର୍ଯ୍ୟ ଏବଂ ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ କିଛିଟା ବ୍ୟାଘାତ ଘଟିଥିଲା, ତେବେ ସାମଗ୍ରିକ ଭାବରେ ମୋଟ ମୂଲ୍ୟ ଯୋଗ (ଜିଭିଏ) ଏବେ ସୁଦ୍ଧା ୭.୬ ପ୍ରତିଶତରେ ରହିଛି, ଯାହା ବିଗତ ଛଅ ଗୋଟି ତ୍ରୈମାସିକୀ ମଧ୍ୟରେ ସର୍ବାଧିକ । ତେବେ, ଏସବୁ ପରେ ଆଶାବାଦକୁ ନେଇ ଆଗକୁ ଚାଲିବା ଢେର୍ ଗୁରୁତ୍ୱପୂର୍ଣ୍ଣ, କାରଣ ବାସ୍ତବ ଜିଡିପି ବୃଦ୍ଧି ମୁଦ୍ରାସ୍ଫୀତି ଦ୍ୱାରା ସହାୟତାପ୍ରାପ୍ତ ହୋଇଥିଲା, ଯାହାକି ଅବସ୍ଫୀତିକାରୀଗୁଡ଼ିକୁ ନିମ୍ନାଭିମୁଖୀ କରି ଦେଇଥିଲା । ନାମମାତ୍ର (ନୋମିନାଲ) ଜିଡିପି ଅଭିବୃଦ୍ଧି ରହିଥିଲା ୮.୮ ପ୍ରତିଶତ ଯାହା ବିଗତ ତିନି ଗୋଟି ତ୍ରୈମାସିକୀରେ ଥିଲା ସର୍ବନିମ୍ନ । ନିକଟରେ ଆୟକରରେ କରାଯାଇଥିବା କାଟ୍ ଏବଂ ନିବେଶ କ୍ଷେତ୍ରରେ ସରକାରଙ୍କ ତରଫରୁ ନିଆଯାଉଥିବା ଅଗ୍ରଗାମୀ ପଦକ୍ଷେପଗୁଡ଼ିକ ଯୋଗୁଁ ଉପଭୋଗ ବା କଞ୍ଜମ୍ପସନ୍ ୭ ପ୍ରତିଶତ ବୃଦ୍ଧି ପାଇଛି । ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ହାରରେ ପରିବର୍ତ୍ତନ କରାଯିବା ସହିତ ଭିତ୍ତିଭୂମି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରାଯିବାର ପ୍ରସ୍ତାବ ଉପଭୋଗ କ୍ଷେତ୍ରରେ ବୃଦ୍ଧିକୁ ଅଧିକ ସହାୟତା ପ୍ରଦାନ କରିପାରେ । ତେବେ, ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ ସରକାର ବାଣିଜ୍ୟିକ ରାଜିନାମା ନେଇ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସୃଷ୍ଟି ହୋଇଥିବା ସଂକଟ ଏବଂ ରୁଷୀୟ ଅଶୋଧିତ ତୈଳ ଖରିଦ କରିବାଜନିତ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ବିଜ୍ଞତାର ସହିତ ପରିସ୍ଥିତିକୁ ପରିଚାଳନା କରିବାର ଆବଶ୍ୟକତା ରହିଛି । ସଙ୍ଗେ ସଙ୍ଗେ ଏହା ମଧ୍ୟ ଜରୁରୀ ଯେ ଭାରତ କୌଣସି ପ୍ରକାରେ ବୈଶ୍ୱିକ ଗୋଷ୍ଠୀବାଦରେ ଯେପରି ସାମିଲ ହେବନାହିଁ, ତାହା ସରକାର ସୁନିଶ୍ଚିତ କରିବା ଉଚିତ ।■

# ଶ୍ଲୋକ ଓ ଶୋକ

ଆମେ କହିଲା ବେଳେ ପାଣ୍ଡିତ୍ୟ ଦେଖାଇବାକୁ ଯାଇ ଶାସ୍ତ୍ର ପୁରାଣରୁ ଶ୍ଲୋକଟିଏ ଉଦ୍ଧାର କରୁ । କିନ୍ତୁ ଶାସ୍ତ୍ର ଘୋଷା ଜୀବନ ଅପେକ୍ଷା ବାସ୍ତବ ଜୀବନ ସବୁବେଳେ ଜାଜ୍ୱଲ୍ୟମାନ ହୀରା ପରି । କାରଣ ବାସ୍ତବ ଜୀବନରେ ଅନୁଭବ ଖୁନ୍ଦି ହୋଇଥାଏ । ଅଭିଜ୍ଞତା ନେସି ହୋଇଥାଏ । ଶାସ୍ତ୍ର ଘୋଷି ପାଣ୍ଡିତ୍ୟ ଅର୍ଜନ କରିଥିବା ଲୋକ ପାଖରେ ବାକ୍‌ଚାତୁରୀ, ତର୍କ ଆଉ ମୀମାଂସା ଥାଏ । ବାସ୍ତବ ଜୀବନରେ ଜିଇଁବାର ପ୍ରକୃତ ସ୍ୱାଦ ଥାଏ । ଯାହାର ଜୀବନ ଯେତିକି ବାସ୍ତବତାରେ ପରିପୂର୍ଣ୍ଣ, ତା'ର ଜୀବନ ସେତିକି ମହତ୍ତ୍ୱପୂର୍ଣ୍ଣ । ପାଣ୍ଡିତ୍ୟ ଅର୍ଜନ କରିବା ସ୍ୱାଗତଯୋଗ୍ୟ । ମାତ୍ର ବାସ୍ତବତା, ଶୁଦ୍ଧ ଆଚରଣ ଓ ଉପଲବ୍ଧି ନଥାଇ ପାଣ୍ଡିତ୍ୟ ମୂଲ୍ୟହୀନ । ଯୋଉ ଧର୍ମ ଶାସ୍ତ୍ର ଆମକୁ ଅଭିମାନଶୂନ୍ୟ ହେବାକୁ ଶିକ୍ଷା ଦିଏ, ସେଇ ଶାସ୍ତ୍ରକୁ ଘୋଷି ଆମେ ଅଭିମାନୀ ହୋଇଉଠୁ । ଶାସ୍ତ୍ର ମୁଖସ୍ଥ କରି ପରମାତ୍ମାଙ୍କ ପ୍ରତିଷ୍ଠା ଛାଡ଼ି ନିଜ ପ୍ରତିଷ୍ଠା ଖୋଜୁ । ବୁଢ଼ିଆଣୀ ଜାଲରେ କୀଟଟିଏ ଛନ୍ଦି ହୋଇଯିବା ଭଳି କୋରାନ, ବାଇବେଲ, ଗୀତା ଆଦିର ଜାଲରେ ଆମେ ଛନ୍ଦି ହୋଇଯାଉ । ଶାସ୍ତ୍ର ମଣିଷକୁ ପ୍ରତିଷ୍ଠା ଦେଇପାରେ, ମାତ୍ର ପରମାତ୍ମାଙ୍କ ପାଖରେ ପହଞ୍ଚାଇ ପାରେନା । ପରମାତ୍ମାଙ୍କୁ ଉପଲବ୍ଧ କରାଇ ପାରେନା । ଶାସ୍ତ୍ର ଘୋଷିବାକୁ ଜୀବନର ଶେଷ ଉପଲବ୍ଧି ଭାବିବା ଉଚିତ୍ ନୁହେଁ । ଅନେକଙ୍କ ଧାରଣା ଥାଏ ଯିଏ ଯେତିକି ଶାସ୍ତ୍ର କଥା କହୁଛନ୍ତି, ସେମାନେ ନିଶ୍ଚିତ ପରମାତ୍ମାଙ୍କୁ ଉପଲବ୍ଧି କରିଥିବେ, ମାତ୍ର ପରମାତ୍ମାଙ୍କର ଶାସ୍ତ୍ର ସହିତ କୌଣସି ସମ୍ପର୍କ ନଥାଏ ।

ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଗୁରୁ ଥିଲେ ତୋତାପୁରୀ । ତାଙ୍କୁ ଲୋକେ ଲଙ୍ଗୁଳିବାବା ବୋଲି କୁହନ୍ତି । ଲଙ୍ଗୁଳିବାବା ଖୁବ୍ କମ୍ କଥା କୁହନ୍ତି । ଦିନେ ଜଣେ ଲୋକ ତାଙ୍କୁ ବାରମ୍ବାର ପଚାରିଲେ- 'ଭଗବାନ କେମିତି ମିଳିବେ ?' ଦୀର୍ଘ ସମୟ ପରେ ଲଙ୍ଗୁଳିବାବା କହିଲେ- 'ପୋଥିକୁ ଛାଡ଼ିଦେଲେ ।' ତା'ପରେ ନିରବି ଗଲେ । ଏହାର ଅର୍ଥ, ଶାସ୍ତ୍ରର ଜଙ୍ଗଲ ଭିତରେ ଥାଇ ଭଗବାନଙ୍କୁ ଉପଲବ୍ଧି କରିବା ଜଟିଳ ବ୍ୟାପାର ।

ପଦାରବିନ୍ଦ

ସ୍ୱାମୀ ବିବେକାନନ୍ଦ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହିତ ସାକ୍ଷାତ ହେବା ପୂର୍ବରୁ ଅନେକ ବିଜ୍ଞ ଲୋକଙ୍କୁ ଭଗବାନଙ୍କ ଅସ୍ତିତ୍ୱ ବିଷୟରେ ପଚାରି ଥିଲେ । ସମସ୍ତେ ଶାସ୍ତ୍ରର ଶ୍ଲୋକ କହିଥିଲେ । ମାତ୍ର ଶ୍ରୀ ରାମକୃଷ୍ଣ ପରମହଂସ ଶାସ୍ତ୍ରର କୌଣସି ଶ୍ଲୋକ କହି ନଥିଲେ । ନିଜ ଜୀବନର ଅନୁଭବ କହିଥିଲେ । ବିବେକାନନ୍ଦ ତାଙ୍କରି ପାଖରେ ବନ୍ଧା ପଡ଼ିଗଲେ ।

ଧର୍ମଶାସ୍ତ୍ର ସିନା ପରମାତ୍ମାଙ୍କ ଉପଲବ୍ଧି କରେଇ ପାରନ୍ତିନି, କିନ୍ତୁ ତାଙ୍କୁ ପାଇବା ପାଇଁ ଆମ ଭିତରେ ଭୋକ ସୃଷ୍ଟି କରନ୍ତି । ବିଷୟ ଭୋଗରେ ମାତି ବାଟବଣା ହୋଇଥିବା ମଣିଷକୁ ଚେତେଇ ଦିଅନ୍ତି । ଅଜ୍ଞାନ ଅନ୍ଧାରରେ ଆଲୁଅ ହୋଇ ବାଟ କଢ଼େଇ ନିଅନ୍ତି । ବେଳେବେଳେ ପୂଜାପାଠ ସମୟରେ ପଣ୍ଡିତମାନେ କୁହନ୍ତି- 'ଅମୁକ ଦେବତାଙ୍କର ଗୋଟିଏ ଧ୍ୟାନ ପଢ଼ ।' ଧ୍ୟାନ ତ ନିରବତାର କଥା । ଧ୍ୟାନକୁ ଘୋଷା ଯାଏନା କି ପଢ଼ା ଯାଏନା । ଆମେ କିଛି ମନ୍ତ୍ର, ସ୍ତୋତ୍ର ଘୋଷି ଦେଇ ମନ୍ଦିରରେ ବଡ଼ ପାଟିରେ ପଢୁ । ଭାବିନେଉ, ଭଗବାନ ଏଇ ଶ୍ଲୋକ ଭିତରେ ବନ୍ଦୀ ଅଛନ୍ତି । ଏଇ ମନ୍ତ୍ର ପଢ଼ିଲେ ସେ ଆସନ୍ତି । କିନ୍ତୁ ଭୁଲିଯାଉ ଯେ ପରମାତ୍ମା ଆମ ଶ୍ଲୋକ ନୁହେଁ, ବରଂ ଶୋକ ଭିତରେ ଥାଆନ୍ତି । ପାଣ୍ଡିତ୍ୟ ନୁହେଁ, ଆମ ବ୍ୟାକୁଳତାରେ ଥାଆନ୍ତି । ଯେତିକି ଶ୍ଲୋକ ଘୋଷୁ, ଯଦି ଗୋଟିଏ ଶ୍ଲୋକକୁ ଆଚରଣ ପରିସରକୁ ଆଣି ପାରିବା, ତେବେ ପରମାତ୍ମା ଆମ ନିକଟତର ହୋଇଯିବେ ।■

# ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଥାନା ଘେରାଉ




**ପଟ୍ଟାମୁଣ୍ଡାଇ,୨।୯/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗତ କିଛି ଦିନ ହେବ ଦୁଇ ସଂପ୍ରଦାୟ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଆଜି ଉଗ୍ର ରୂପ ଧାରଣ କରିଛି। ଆଜି ଏକ ଧର୍ମୀୟ ସଂଗଠନର କର୍ମକର୍ତ୍ତାଙ୍କର ଆକ୍ରମଣରେ ଅନ୍ୟ ଏକ ସଂପ୍ରଦାୟର ୩ ଜଣ ଆହତ ହେବା ଘଟଣା ଯୋଗୁଁ ପଟ୍ଟାମୁଣ୍ଡାଇରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ଏହି ସଂପ୍ରଦାୟର ଶତାଧିକ ମହିଳା ଓ ପୁରୁଷଙ୍କ ସମେତ ବହୁ ଲୋକ ଆକ୍ରମଣକାରୀଙ୍କୁ ଗିରଫ ଦାବି କରି ଥାନା ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ସମଗ୍ର ପଟ୍ଟାମୁଣ୍ଡାଇ ସହରରେ ଉତ୍ତେଜନା ବୃଦ୍ଧି ପାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ପୁଲିସ ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଆହୁତ ଶାନ୍ତିକମିଟି ବୈଠକକୁ ବାତିଲ କରି ଦିଆଯାଇଛି। ଗତ ୨୮ ତାରିଖ ଦିନ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ପାଇଁ ଆଜି ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଆଜି ଦିନ ପ୍ରାୟ ୧୧ଟା ସମୟରେ କେତେକ ଯୁବକ ସଂଘ ବଦ୍ଧ ହୋଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବଙ୍ଗାଳିଦିଆ-ତନୁପୁର ପୋଲ , ବକ୍ତାରପୁର ଛକ, ତାତନା ସ୍ମାର୍ଟ ପାର୍କ ନିକଟରେ ଭିନ୍ନ ସମ୍ପ୍ରଦାୟର ୩ ଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେକ ମୁସ୍ତାକ, ମହମଦ ତାକିବ, ସେକ ସୁଜଲ ପ୍ରମୁଖ ଆହତ ହୋଇଛନ୍ତି ଓ ଆହତ ସେକ ମୁସ୍ତାକ, ମହମଦ ତାକିବଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ପଠାଇଦିଆଯାଇଛି। ଏହି ଘଟଣା ପରେ ଭିନ୍ନ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ସମେତ ବହୁ ଲୋକ ଥାନାରେ ପହଞ୍ଚି ଧାରଣା ଦେବା ସହ ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବା ସହିତ ସେମାନଙ୍କ ସୁରକ୍ଷା ଦାବି କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ



**ଢେଙ୍କାନାଳ,୨।୯/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକସନ କର୍ଣ୍ଣପୁର ବିଟ ଅନ୍ତର୍ଗତ ନୂଆଗାଁ ଗ୍ରାମର ସଂସାରି ଗଡନାୟକ(୬୬) ସୋମବାର ରାତିରେ ଏକ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ, ଗ୍ରାମର ପିଲାମାନେ ଗଣେଷ ପୂଜା ଭସାଣ କରୁଥିବାରୁ ସେ ଗ୍ରାମର ଦୋଳ ମଣ୍ଡପରେ ଅନ୍ୟ ଦୁଇଜଣଙ୍କ ସହ ବସି ଭସାଣ ଦେଖିବାକୁ ଅପେକ୍ଷା କରିଥିବା ସମୟରେ ଦନ୍ତା ହାତୀକୁ ଦେଖି ହାତୀ ହାତୀ ପାଟିକରି ଦୁଇଜଣ ଘଟଣା ସ୍ଥଳରୁ ଜୀବନ ବିକଳରେ ଦୌଡି ପଳାଇଥିଲେ ମଧ୍ୟ ସଂସାରି ହାତୀ ଆକ୍ରମଣରୁ ବର୍ତ୍ତି ନଥିଲେ। ଦନ୍ତାହାତୀ ଆକ୍ରମଣରେ ଆହାତ ସଂସାରୀକୁ ଘଟଣାସ୍ଥଳରୁ ଗୁରୁତର ଭାବେ ଗ୍ରାମବାସୀ ଉଦ୍ଧାର କରି ଅନୁଗୁଳ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା ମାତ୍ର ପହଞ୍ଚିବା ପୂର୍ବରୁ ଅଧା ବାଟରେ ସଂସାରୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।ହାତୀର ଦୌରାତ୍ମ୍ୟକୁ ନେଇ ଅଞ୍ଚଳବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଖବରପାଇ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲି ସ୍ଥିତ ଏମ୍‌ସ ହସ୍ପିଟାଲରୁ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଏବଂ ଡିଏଫଓ ସୁମିତ କରଙ୍କ ସହ ବିଷଦ ଭାବେ ଆଲୋଚନା କରି ମୃତକ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇବା ସହ ହାତୀ ଗମନାଗମନ କରୁଥିବା ନିକଟସ୍ଥ ଜନବସତି ଅଞ୍ଚଳରେ ଲାଇଟ୍ ବ୍ୟବସ୍ଥା ସହିତ ହାତୀ ଚଳପ୍ରଚଳ ଅଞ୍ଚଳରେ ସୋଲାର ବାଡ ଓ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ହାତୀ ଅବସ୍ଥିତିକୁ ଅନୁଧ୍ୟାନ କରି ଅଧିକ ପେଟ୍ରୋଲିଂ ଏବଂ ଜନଜାଗରଣ କରାଇବାକୁ ପରାମର୍ଶ ଦେଇଥିଲେ। ମାତ୍ର ହାତୀ ଆକ୍ରମଣରେ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଥିବା ସମୟରେ ସ୍ଥାନିୟ ବନବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ହାତୀ ଆକ୍ରମଣ କରୁଥିବା ଦିନ ସୋଲାର ହେବ, ହାତୀ କରିଡର ହେବ, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି ଦେଇ ହାତୀ ଆକ୍ରମଣକୁ ରୋକାଯିବ ପ୍ରତିଶ୍ରୁତି ଦିଆଯାଇ ଜନ ଆନ୍ଦୋଳନକୁ ଏଡାଇ ଦିଆଯାଉଥିବା ସମୟରେ ପରେ ଏଭଳି ପ୍ରତିଶ୍ରୁତି ପାଣି ଫୋଟକା ଭଳି କେବଳ ମଉଳି ସାନ୍ତ୍ୱନାରେ ରହିଯାଉଥିବା ସମୟରେ ବନ ବିଭାଗ କ୍ଷତିପୂରଣ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଯାଉଛି। ଫଳରେ ଦିନକୁ ଦିନ ଗୋଠ ଛଡା ଦନ୍ତା ହାତୀ ଆକ୍ରମଣରେ ଗୋଟିଏ ପରେ ଗୋଟିଏ ନିରିହ ଜୀବନ ଯାଉଛି। ସରକାର ଏଥିପ୍ରତି ଦୃଷ୍ଟି ପୂର୍ବକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କାମାକ୍ଷାନଗର,୨।୯/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ବ୍ଲକ୍‌ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମ୍ବିକା ସାହୁଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲାବେଳେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇ, ଅବସର ପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ୍ୱର ବେହେରା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଉକ୍ତ ସଭାରେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହିତ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଶ୍ରୀମତୀ ସାହୁଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ସୁସ୍ଥ ଓ ନିରାମୟ ଭାବରେ ଅବସର ପର ଜୀବନ ଅତିବାହିତ କରନ୍ତୁ ବୋଲି କାମନା କରିଥିଲେ। ଶେଷରେ ସିଆର୍‌ସିସି ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିକାଣ୍ଡରୁ ବର୍ତ୍ତିଲା ବଡ଼ପଡିଆ ମାର୍କେଟ୍



**ପାରାଦୀପ,୨।୯/ଏନ୍‌ଏନ୍‌ଏସ୍:** ବନ୍ଦର ସହର ପାରାଦୀପର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ବଡ଼ପଡ଼ିଆ ମାର୍କେଟରେ ମଙ୍ଗଳବାର ସକାଳେ ରବିନ୍ଦ୍ର ଭେରାଇଟି ଷ୍ଟୋର ଦୋକାନରେ ହଠାତ ଅଗ୍ନିକାଣ୍ଡ ଘଟି ଦୋକାନ ସାମଗ୍ରୀ ସବୁ ପୋଡି ନଷ୍ଟ ହୋଇଯାଇଛି। ତେବେ ଅଗ୍ନିକାଣ୍ଡ ଘଟଣାର ଖବର ପାଇ ବଣିକ ସଂଘର ସାଧାରଣ ସମ୍ପାଦକ ଗୋଲେଖି ସାହୁ, ୧୫ ନମ୍ବର ଓ୍ୱାର୍ଡ ପାରିଷଦ ସୌଦାମିନୀ ସାହୁ, ବଣିକ ସଂଘ ସଦସ୍ୟ ଜିତେନ୍ଦ୍ର ଦାସ, ବାଲୁଙ୍କେଶ୍ୱର ସାହୁ, ସାରଦା ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ତେବେ ସମୟୋଚିତ ପଦକ୍ଷେପ ପାଇଁ ମାର୍କେଟ ଅଞ୍ଚଳ ଏକ ଭୟାବହ ଅଗ୍ନିକାଣ୍ଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା।ତେବେ ମୁଖ୍ୟ ବଡ଼ପଡ଼ିଆ ବିଜୟା ମାର୍କେଟ ମଧ୍ୟରେ ଅସ୍ଥାୟୀ ଦୋକାନୀମାନେ ଖାଉଟିମାନଙ୍କ ଯାତାୟତ ପାଇଁ ଉର୍ଦ୍ଦିଷ୍ଟ ରାସ୍ତା ସବୁ ମାଡି ଆବଦ୍ଧ କରି ଅନାଧିକାର ଭାବେ ଦୋକାନ ଖୋଲି ଥିବାରୁ ସାଧାରଣରେ ଯିବାଆସିବା କଷ୍ଟସାଧ ହୋଇପଡିଛି। ଏତଦବ୍ୟତୀତ ମାର୍କେଟ ଭିତରେ ଏସବୁ ଅସ୍ଥାୟୀ ଦୋକାନ ଗୁଡିକର ଭିଡ଼ ଯୋଗୁଁ ସ୍ଥାୟୀ ଦୋକାନମାନଙ୍କରେ ବ୍ୟବସାୟ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବା ସହ ଯେକୌଣସି ଅସ୍ଥାୟୀ ଦୋକାନରେ ଅଗ୍ନିକାଣ୍ଡ ଘଟିଲେ ଏଥିରେ ସ୍ଥାୟୀ ଦୋକାନ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ମଝିରେ ମଝିରେ ବନ୍ଦର ଇଷ୍ଟେଟ ବିଭାଗ ଏସବୁ ଦୋକାନ ଗୁଡିକୁ ହଟାଇବା ପରେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ। ତେବେ ଏସବୁ ସମସ୍ୟା ଦୂର ପାଇଁ ପାରାଦୀପ ପୋର୍ଟ ବଣିକ ସଙ୍ଘର ନୂତନ କମିଟି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ନେଇ ସଂଘର ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ବେଆଇନ୍ ଭାବେ ବାଜୁଛି ଡିଜେ, ପ୍ରଶାସନ ନୀରବ

**ରାଜନଗର,୨।୯/ଏନ୍‌ଏନ୍‌ଏସ୍:** ଡିଜେ ଭଳି ଘାତକ ଶବ୍ଦରେ ଜନସାଧାରଣ ଅତିଷ୍ଠ ହେଉଛନ୍ତି। ଏହି ଡିଜେ ଶବ୍ଦରେ ଲୋକମାନେ ତ୍ରାହି ତ୍ରାହି ଡାକୁଛନ୍ତି। ଏହାକୁ ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛି। ମାତ୍ର ପୁଲିସ ପ୍ରଶାସନ ଏହି ବେଆଇନ ଡିଜେ ବାଜିବା ଉପରେ ରୋକ ଲଗାଇବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ରାଜନଗର ବ୍ଲକ୍‌ରେ ବେଆଇନ ଡିଜେ ବାଜିବା ଫଳରେ ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି। ଯାହାଫଳରେ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ବେଆଇନ ଡିଜେ ଗଣେଷ ଭସାଣ ପାଇଁ ପ୍ରତିଦିନ ବାଜୁଥିଲେ ମଧ୍ୟ ତହସିଲଦାର, ପୁଲିସ ପ୍ରଶାସନ, ଅଗ୍ନିଶମ ଅଧିକାରୀ ଏହାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ବେଆଇନ ଭାବେ ବାଜୁଥିବା ଡିଜେକୁ ପୁଲିସ ଜବତ କରିଥିବା ବେଳେ ରାଜନଗର ତହସିଲଦାର, ରାଜନଗର ପୁଲିସ ଓ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ବେଆଇନ ଡିଜେ ବାଜିବା ଉପରେ ଗୁରୁତ୍ୱ ନଦେବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଚଳିତ ବର୍ଷ ମେ ମାସ ୧୩ ତାରିଖ ଦିନ ବିବାହ ଉତ୍ସବ, ଦୀପାବଳି ଓ ଅନ୍ୟାନ୍ୟ ଉତ୍ସବ ସମୟରେ ବେଆଇନ ଡିଜେ ବାଜିବା ଦ୍ୱାରା ଶବ୍ଦ ପ୍ରଦୂଷଣ ଯୋଗୁଁ ଲୋକଙ୍କ ଜୀବନ ହାନୀ ହେଉଛି। ଏହାକୁ ବନ୍ଦ କରିବାକୁ ଜିଲ୍ଲାର ସମସ୍ତ ତହସିଲଦାର, ଆଇଆଇସି, ସହକାରୀ ଅଗ୍ନିଶମ ଅଧିକାରୀଙ୍କୁ ଚିଠି ପଠାଇଥିଲେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଏହି ଅଧିକାରୀମାନେ କାର୍ଯ୍ୟକାରୀ କରିବା ବଦଳରେ ଫାଇଲ ଭିତରେ ଚାପି ଦେଇଥିବା ଚର୍ଚ୍ଚା ହେଉଛି। ବେଆଇନ ଡିଜେ ବାଜିବା ଉପରେ ବ୍ଲକ ପ୍ରଶାସନ କେବେ ରୋକ ଲଗାଇବ ଦେଖିବାକୁ ବାକି ରହିଲା।

# ୧୭ରେ ଲାଗିବ ଅଢ଼େଇ ଲକ୍ଷ ଚାରା



**କେନ୍ଦ୍ରାପଡ଼ା,୨।୯/ଏନ୍‌ଏନ୍‌ଏସ୍:** ଆସନ୍ତା ୧୭ରେ ଏକ ବିଶାଳ ଚାରାରୋପଣ ଅଭିଯାନ ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ପାଖାପାଖି ଅଢେଇ ଲକ୍ଷ ଗଛ ଲଗାଯିବଫ। 'ଏକ ପେଡ ମା କି ନାମ ୨.୦'ଅଧୀନରେ ଏହି ସବୁ ଲଗାଯିବ। ଜିଲ୍ଲାରେ ଏହି ଅଭିଯାନକୁ କିପରି ସଫଳତାର ସହ ଆୟୋଜିତ ହେବ, ସେହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ସ୍ଥାନୀୟ ଓସ୍ୱାନ ହଲ ଠାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ଉଦ୍ୟାନ, ବନବିଭାଗ, କ୍ରୀଡ଼ା, ମିଶନ ଶକ୍ତି, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଅଧକ୍ଷ ସମେତ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଚାରାରୋପଣ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରଙ୍କ ଠାରୁ ପ୍ରସ୍ତୁତି ନେଇ ପଚାରି ବୁଝିଥିଲେ। ଚାରାରୋପଣ ପାଇଁ ସ୍ଥାନ ଏବଂ ଜାଗା ଚିହ୍ନଟ ସହିତ ଚାରା ରୋପଣ ସ୍ଥାନମାନଙ୍କୁ ରୋଡ୍‌ମ୍ୟାପ୍ ଚୂଡାନ୍ତ କରିବାକୁ କୁହାଯାଇଛି। ଚାରାରୋପଣ ସହ ମେରୀଲାଇଫ ପୋର୍ଟାଲରେତଥ୍ୟ ଏବଂ ଜିଓଟ୍ୟାଗ ଫୋଟ ଅପଲୋଡ୍ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଚାରାଗୁଡିକ ବନବିଭାଗ,ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ପ୍ରମୁଖ ଯୋଗେଇ ଦେବେ। ଚାରାରୋପଣ ସହିତ ତାର ରକ୍ଷଣାବେକ୍ଷଣ ସଠିକ ଭାବରେ ହେବ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ କହିଛନ୍ତି। ଏହି ବିଶାଳ ଚାରାରୋପଣ ଅଭିଯାନରେ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ୍ ସମେତ ଅନ୍ୟ ସଂସ୍ଥା,ଅନୁଷ୍ଠାନଗୁଡିକ ସାମିଲ ହୋଇ ଚାରାରୋପଣ ଅଭିଯାନକୁ ସଫଳ କରିବାକୁ କୁହାଯାଇଛି।

# ସ୍ୱାସ୍ଥ୍ୟକର୍ମୀଙ୍କ ବେକରୁ ଚେନ୍ ଲୁଟିଲେ ଦୁର୍ବୃତ୍ତ

**ଚାନ୍ଦୋଳ,୨।୯/ଏନ୍‌ଏନ୍‌ଏସ୍:** ଡେରାବିଶ ଥାନା ଅଧିନ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ନିକଟରୁ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବେକରୁ ସୁନା ଚେନ୍ ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟକର୍ମୀଜଣକ ଡେରାବିଶ ଥାନାରେ ଅଭିଯୋଗ କରିବା ପରେ ଥାନାରେ ୧୫୨/୨୫ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଏହି ଥାନା ଅଧିନସ୍ଥ ତିଲଙ୍ଗ ଗ୍ରାମର ଜ୍ୟୋସ୍ନାମୟୀ ସାହୁ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବୀକା ଭାବେ କାର୍ଯ୍ୟ କରନ୍ତି । ଆଜି ସେ ତାଙ୍କ ଡ୍ୟୁଟି ସାରି ଘରକୁ ଫେରିବା ବାଟରେ ଦିନ ୧ଟା ୫୫ ମିନିଟ୍ ସମୟରେ କୁରୁଜଙ୍ଗା ସ୍ଥିତ ଜନୈକ ବ୍ୟକ୍ତିଙ୍କ ଘରକୁ ଖାଇବାକୁ ଯାଇ ତାଙ୍କ ଘର ଆଗରେ ତାଙ୍କ ଗାଡ଼ି ରଖୁଥିବା ସମୟରେ ଦୁଇଜଣ ଯୁବକ ତାଙ୍କ ନିକଟକୁ ଆସି ସାରଦେଇପୁରକୁ ରାସ୍ତା ପଚାରିଥିଲେ। ସେ ସେମାନଙ୍କୁ ରାସ୍ତା ବତାଇବା ସମୟରେ ଦୁର୍ବୃତ୍ତ ଦୁଇଜଣ ତାଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନିକଟରେ ଜନୈକ ବ୍ୟକ୍ତିଙ୍କ ଘର ବାହାରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି।

# ୧୧ ଅପହୃତା ନାବାଳିକା ଉଦ୍ଧାର

**ଯାଜପୁରରୋଡ,୨।୯/ଏନ୍‌ଏନ୍‌ଏସ୍:** ଅପହରଣ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ସରକାର ପ୍ରଶାସନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଦାନଗଦି ଫାଣ୍ଡି ପୁଲିସ କେଉଁଝର, କଟକ, ଭୁବନେଶ୍ୱର, ଢେଙ୍କାନାଳ, ଯାଜପୁର ଜିଲା ଆଦି ଅଞ୍ଚଳର ବିଭିନ୍ନ ସ୍ଥାନ ଉପରେ ଚଢ଼ାଉ କରି ୧୧ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ୧୧ ମଧ୍ୟରେ କୁମ୍ଭୀରିଗାଡିଆର ଜଣେ, ରଣାଗୁଣ୍ଡିର ଜଣେ, ଧୂଳିଗଡରଜଣେ, ମାନପୁରର ଜଣେ, କଣ୍ଟିପୁରର ଜଣେ, ବାଲୁଙ୍ଗାବନ୍ଦୀ ୨ଜଣ, ଦାନଗଦିର ୫ ଜଣ ବୋଲି ପୁଲିସ କହିଛି। ଥାନାରେ କେସ୍ ନଂ, ୩୭୫/୨୦୨୫, ୧୫୬/୨୦୨୨, ୧୯୦/୨୦୨୫, ୨୯୨/୨୦୨୫, ୩୩୬/୨୦୨୫, ୪୩୮/୨୦୨୪, ୨୭/୨୦୨୦, ୪୮/୨୦୨୧, ୨୯୧/୨୦୨୩, ୫୫୯/୨୦୨୪, ୪୩୧/୨୦୨୩ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଅପହରଣ ହୋଇଥିବା ଅଧିକାଂଶ ନାବାଳିକା ଏବେ ସାବାଳିକା ହୋଇଥିବା ପୁଲିସ ଠାରୁ ସୂଚନା ମିଳିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉଦ୍ଧାର କରିଥିବା ଅପହୃତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତେବେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସେମାନଙ୍କୁ ନିଜ ପରିବାର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଅପହରଣ ନୁହେଁ ନିଜ ଇଚ୍ଛାରେ ଯୁବକଙ୍କ ସହ ଫେରାର ହୋଇଥିବା ଅପହୃତାମାନେ କହିବା ଘଟଣା ଅଧିକ ରହସ୍ୟମୟ ହୋଇଛି ।

# ବୃଦ୍ଧଙ୍କୁ ମାଡ଼, ଥାନାରେ ଅଭିଯୋଗ

**ରାଜନଗର,୨।୯/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ଥଇଥାନସ୍ଥଳୀ ବଗପାଟିଆ ଗ୍ରାମରେ ସୋମବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ମଙ୍ଗଳବାର ଦିନ ଥାନାକୁ ଆସିବାକୁ କହିଥିଲେ। ଏଥିସହିତ ଗ୍ରାମର ମୁରବୀ ଓ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକମାନେ ମଧ୍ୟ ଥାନାରେ ପହଞ୍ଚିବାକୁ କହିଥିଲେ। ଗୋଟିଏ ପକ୍ଷର ପବିତ୍ର ମଳିକ ମୁରବୀ କରୁଣାକର ମଳିକ(୬୨)ଙ୍କୁ ସାଙ୍ଗରେ ନେଇ ରାଜନଗର ଥାନାକୁ ଆସିଥିଲେ। ଥାନାରୁ ଖାଇବା ପାଇଁ ହଂସୁଆ ସେତୁ ନିକଟରେ ଥିବା ଏକ ହୋଟେଲକୁ ଖାଇବା ପାଇଁ ଯାଇଥିଲେ। ସେଠାରୁ ଖାଇ ଫେରିବା ସମୟରେ ରାଜନଗର ଗ୍ରାମର ମୂଷା ମଳିକ କରୁଣାକରଙ୍କୁ ଠେଙ୍ଗା ଓ ଲୁହା ରଡରେ ମରଣାନ୍ତକ ଆକ୍ରମଣ କରିଥିଲା । କରୁଣାକରଙ୍କ ପୁଅ ଧରଣୀଧର ମଳିକ ମୂଷା ନାମରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମୂଷାକୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି।

# ଖାଦ୍ୟ ନିରାପତ୍ତା ବିଭାଗର ଜୋରଦାର୍ ଚଢ଼ଉ


**ତାଳଚେର,୨।୯/ଏନ୍‌ଏନ୍‌ଏସ୍:** ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ମହାଆଡ଼ମ୍ବରରେ ଚାଲୁଥିବା ବେଳେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ୍ ଅଚାନକ ଭାବେ ତାଳଚେର ହାଟତୋଟା, ଶର୍ମାଛକ ଓ ହାଣ୍ଡିଧୂଆଁ ଅଞ୍ଚଳରେ ଖାଦ୍ୟ ପଦାର୍ଥ ଦୋକାନ ଗୁଡ଼ିକ ଉପରେ ଜୋରଦାର୍ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଲାକ୍ରା ମ୍ୟାଡମ, ଏସିଏସ୍‌ଓ ଲିପ୍ସାରାଣୀ ରାଉତ, ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରି, ନୀଳାମ୍ବର ପ୍ରଧାନଙ୍କ ଉପସ୍ଥିତିରେ ପ୍ରତ୍ୟେକ ଦୋକାନ ଗୁଡ଼ିକରୁ ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଇ କେମିକାଲ ଯୁକ୍ତ ଖାଦ୍ୟକୁ ପୋଫାଡ଼ି ଦେବା ସହ ସେମାନଙ୍କ ନିକଟରୁ ୪ହଜାର ୬ଶହ ଟଙ୍କା ଫାଇନ୍ ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ଦୋକାନୀମାନେ ଗ୍ରାହକମାନଙ୍କୁ ଆକୃଷ୍ଟ ଏବଂ ସ୍ୱାଦିଷ୍ଟ କରିବାପାଇଁ ବିଭିନ୍ନ ରାସାୟନିକ ରଙ୍ଗ ଖାଦ୍ୟପଦାର୍ଥରେ ଲେପନ କରି ବିକ୍ରି କରିବା ସହିତ ବିଭିନ୍ନ ଭେଜାଲ ତେଲ, ମସଲା ଇତ୍ୟାଦି ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି, ଯାହାକି ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ଅଭିଯୋଗ ହୋଇଥାଏ।

# ଠିକାଦାରଙ୍କ ମନମାନିରେ ଚାଲିଛି ରଣାଗୁଣ୍ଡି ରାଜସ୍ୱ କାର୍ଯ୍ୟାଳୟ ନିର୍ମାଣ



**ଯାଜପୁରରୋଡ,୨।୯/ଏନ୍‌ଏନ୍‌ଏସ୍:** ସରକାରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଜନଅଭିଯୋଗ ଶୁଣାଣୀ ମାଧ୍ୟମରେ ପଦକ୍ଷେପ ନେଉଛନ୍ତି। ଯାହାକି ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିପରି ସୁବିଧାରେ ରାଜସ୍ୱ ସେବା ପାଇବେ ସେଥିପାଇଁ ନୂତନ ଭାବେ ରାଜସ୍ୱ ଗ୍ରାମ ଗୁଡିକୁ ନେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବୃଦ୍ଧି କରିଛନ୍ତି। ତେଣୁ ନୂତନ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାର ଆବଶ୍ୟକୀୟ ଅନୁଦାନ ଯୋଗାଇ ଦେଇଛନ୍ତି। ହେଲେ ଠିକାଦାରଙ୍କ ମନମାନିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ନିର୍ମାଣରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଥିବା ଅନ୍ୟ ଏକ କାରଣ। କିଛି ଅସାଧୁ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଛି। କାରଣ ସମ୍ପୃକ୍ତ ଠିକାଦାର ଯନ୍ତ୍ରୀଙ୍କୁ ହାତ ବାରିଶ କରି ନିମ୍ନମାନର ନିର୍ମାଣ କାର୍ଯ୍ୟ କରି ବିଲ ହାତେଇ ନେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ଅଧିକାଂଶ ସ୍ଥାନରେ ଠିକାଦାର ଅଧାରୁ କାମ ବନ୍ଦ କରିଛୁ କହୁଥିବା ଦେଖାଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରଣାଗୁଣ୍ଡି ପଞ୍ଚାୟତରେ। ଯାହାକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। କାମ ଆରମ୍ଭ ହେବାର ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟ ଶେଷ ହୋଇ ନାହିଁ। ଏହି ରାଜସ୍ୱ ସର୍କଲ ଅଧୀନରେ ନଡ଼ିଆଭଙ୍ଗା, ରଣାଗୁଣ୍ଡି ଓ ଶାଳିଜଙ୍ଗା ପଞ୍ଚାୟତ ରହିଛି। ଦାନଗଦି ବ୍ଲକର ରଣାଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ସୁଳିଆ ଗ୍ରାମରେ ପ୍ରାୟ ୧କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ। ତେବେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇନି। ଏହାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଛି ।୩୦-୬-୨୦୨୩ ରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୨୯-୫-୨୦୨୪ରେ ଶେଷ କରିବାର ଅବଧି ଥିଲା। କିନ୍ତୁ ଏଠାରେ ନିର୍ମାଣ କାର୍ଯ୍ୟ ବିଳମ୍ବ ଘଟୁଥିବାରୁ ଏହାର ଶେଷ ନେଇ ଅନିଶ୍ଚିତତା ଦେଖାଯାଇଛି। କାର୍ଯ୍ୟାଳୟରେ ଲଗାଯାଉଥିବା ରଡ଼ ନିମ୍ନମାନର। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ଏସ୍ଟିମେଟ ଅନୁଯାୟୀ ବାଲି, ସିମେଣ୍ଟ, ରଡ଼ ନିର୍ମାଣରେ ବ୍ୟବହାର ହେଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। କାରଣ ଅଧିକ ଲାଭଖୋର ନିତି ପାଇଁ ଠିକାଦାର ଏଭଳି ନିମ୍ନମାନର କାମକୁ ଆପଣେଇଛି। ଅପରପକ୍ଷେ ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ତଦାରଖ ପାଇଁ ନ ଆସିବା ଘଟଣା ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ପଦାରେ ପଡିଛି।

# ଜମି ଜାଲିଆତି ମାମଲାର ତଦନ୍ତ ଦାବି



**କାମାକ୍ଷାନଗର,୨।୯/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ତହସିଲ ଅର୍ଣ୍ଣପୂର୍ଣ୍ଣାପୁର ଖମାର (କ) ମୌଜାରେ ଭୂତ ବିକୁଛି ଜମି। ମୃତ ଲୋକ ପୁନଶ୍ଚ ଜୀବିତ ହୋଇ ଜମାନବନ୍ଦୀ ଦେଇ ଜମି ବିକୁଥିବା ଦେଖିବାକୁ ମିଳିଛି। ଏପରି କିଛି ଜମି ଜାଲିଆତି ଏବେ ସାମ୍ନାକୁ ଆସିଛି। ଫଳରେ ଜମି ମାଲିକାନା ପାଇଥିବା ଲୋକମାନେ କାମାକ୍ଷାନଗର ଉପଜିଲ୍ଲାପାଳ ଓ ସବରେଜିଷ୍ଟରଙ୍କୁ ଭେଟି ଦାବି ଜଣାଇବା ସହ ତଦନ୍ତ ପାଇଁ ଦାବି କରିଛନ୍ତି। ପ୍ରକାଶ, ଢେଙ୍କାନାଳର ତତ୍କାଳୀନ ରାଣୀ ୧୯୬୦ ମସିହାରେ ରାଜାଙ୍କ ସେବାରେ ନିୟୋଜିତ ଥିବା କିଛି ପାଇକ ଜାତିର ଲୋକଙ୍କ ପାଇଁ କାମାକ୍ଷାନଗର ତହସିଲ ଅର୍ଣ୍ଣପୂର୍ଣ୍ଣାପୁର ଖମାର (କ) ମୌଜାରେ ଜମି ପ୍ରଦାନ କରିଥିଲେ। ଖାତା ନମ୍ବର ୧୫୩ରେ ବନ୍ଦୋବସ୍ତ ସର୍ଭେ ପ୍ରାୟ ୫୬ ଜଣ ଲୋକଙ୍କୁ ୧୬୯ ଏକର ଜମିର ପଟ୍ଟା ପ୍ରଦାନ କରାଯାଇ ମାଲିକାନା ପ୍ରଦାନ କରାଯାଇଥିଲା। କିନ୍ତୁ ଏବେ କିଛି ଜମି ମାଫିଆ ଓ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ସଲାସୁତୁରା ମଧ୍ୟରେ ସେହି ଜାଗାକୁ ମାଲିକାନାରେ ଥିବା କିଛି ବ୍ୟକ୍ତି ଅନ୍ୟ ଜମି ମାଲିକାନା ଥିବା ବ୍ୟକ୍ତିମାନଙ୍କ ଅଜାଣତରେ ଅନ୍ୟମାନଙ୍କୁ ବିକ୍ରି କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ପ୍ରକୃତ ଜମି ପଟ୍ଟା ଥିବା ବ୍ୟକ୍ତିଙ୍କ ବହୁ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ଏବେ ସେ ଆସି ଜମାନବନ୍ଦୀ ଦେଇ ଦସ୍ତଖତ ଦେଇ ଜମି ବିକୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜମି ମାଲିକାନା ପାଇଥିବା ଅର୍ଣ୍ଣପୂର୍ଣ୍ଣାପୁର ଖମାର ମୌଜାର ପ୍ରାୟ କୋଡିଏରୁ ଉର୍ଦ୍ଧ୍ୱ ପରିବାର ସୂଚନା ପାଇବା ପରେ ଜମି ଜାଲିଆତି ଓ ଚଞ୍ଚକତା କରି ଜମି ବିକ୍ରି କରାଯାଉଥିବା ଅଭିଯୋଗ ନେଇ କାମାକ୍ଷାନଗର ଉପଜିଲ୍ଲାପାଳ ଓ ସବରେଜିଷ୍ଟରଙ୍କୁ ଭେଟି ଦାବି ଜଣାଇଛନ୍ତି। ମୃତ ବ୍ୟକ୍ତି କିପରି ଜୀବିତ ହୋଇ ନୂତନ ପଟ୍ଟା ପାଇଁ ଜମାନବନ୍ଦୀ ଦେଉଛି ଓ ନୂତନ ଭାବେ କିପରି ତାହାର ରେଜିଷ୍ଟ୍ରି ହୋଇ ନୂଆ ଖାତା ବାହାରିଛି ତାହାର ପ୍ରକୃତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହାକୁ ନେଇ ନ୍ୟାୟିକ ପ୍ରକ୍ରିୟା ମଧ୍ୟରେ ସିଭିଲକୋର୍ଟରେ ଆବେଦନ କରିବାକୁ କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାଏକ ଜମି ଅଭିଯୋଗ କରିଥିବା ଲୋକଙ୍କୁ କହିଛନ୍ତି। କରିଛନ୍ତି।

# ଅଧପନ୍ତରିଆ ରାସ୍ତା କାମ ସାରିବାକୁ ଦାବି



**ଚାନ୍ଦୋଳ,୨୧୯/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଜନସାଧାରଣ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ସେମାନଙ୍କ ଗ୍ରାମ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ୨୦୨୧ ମସିହା ନଭେମ୍ବର ମାସରେ କେନ୍ଦ୍ରାପଡ଼ା ଆରଡି ବିଭାଗ-୧ ପକ୍ଷରୁ ଅନୁଆପଡ଼ାରୁ ଗିରିଗୋଲା ଶାସନ ଭାୟା ସୋରିଷିଆ, ଗହଗା, ଦାନପୁର ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା। ଏହି କାର୍ଯ୍ୟର ଅବଧି ୧୧.୧୧.୨୦୨୧ରୁ ଆରମ୍ଭ ହୋଇ ୧୦.୦୮.୨୦୨୨ ମଧ୍ୟରେ ଶେଷ ହେବା କଥା । ହେଲେ ଠିକାଦାର ଜଣକ କାର୍ଯ୍ୟଅବଧି ଶେଷ ହୋଇଯାଇଥିଲେ ମଧ ଗିରିଗୋଲା ଠାରୁ ଗହଗା ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କାର୍ଯ୍ୟ କରି ଜନବହୁଳ ଗ୍ରାମ ଅନୁଆପଡ଼ା, ହରିପୁର, ସୋରିଷିଆ ଅଞ୍ଚଳରେ ଏଯାବତ୍ ରାସ୍ତା କାମ କରୁନାହାଁନ୍ତି। ଉକ୍ତ ତିନିକୋଟି ଗ୍ରାମରେ ଅନ୍ୟୁନ୍ୟ ଛଅ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ରାସ୍ତା ନିର୍ମାଣ ନହେବା ଫଳରେ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଆବଶ୍ୟକ ସ୍ଥଳେ ଅଗ୍ନିଶମ ସେବା ଗାଡ଼ି ଓ ଆମ୍ବୁଲାନ୍ସ ଗାଡ଼ି ଗ୍ରାମ ମଧ୍ୟକୁ ପ୍ରବେଶ କରିବା କଷ୍ଟକର ହୋଇପଡୁଛି । ଏ ସମ୍ପର୍କରେ ଗ୍ରାମବାସୀମାନେ ଆରଡି ବିଭାଗୀୟ ଅଧିକାରୀ, ଡେରାବିଶ ବ୍ଲକ୍‌ରେ ହୋଇଥିବା ଜନଶୁଣାଣି ଶିବିରରେ ମଧ ଅଭିଯୋଗ କରିଥିଲେ। ଆରଡି ବିଭାଗର ଅଧିକାରୀମାନେ ଲୋକଦେଖାଣିଆ ଭାବେ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀଙ୍କୁ କାର୍ଯ୍ୟ ଆରମ୍ଭ ହେବାର ଆଶ୍ୱାସନା ଦେଉଥିଲେ ମଧ ଠିକାଦାର କାର୍ଯ୍ୟ ଆରମ୍ଭ କରୁନାହିଁ । ତେଣୁ ବାଧହୋଇ ଉପରେ ଗ୍ରାମର ସରୋଜ କୁମାର ଭଦ୍ର, ପ୍ରମୋଦ କୁମାର ଭଦ୍ର, ଲୋକନାଥ ସାହୁ, ରତିପ ଭଦ୍ର, ଅଲେଖ ଚନ୍ଦ୍ର ସାହୁ, ମହେଶ୍ୱର ରାଉତ, ଶରତ ଭୂୟାଁଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ଅଭିଯୋଗ କରିଛନ୍ତି ।

# ବ୍ଲକ୍ ଅଧ୍ୟକ୍ଷଙ୍କ ଇସ୍ତଫା ପରେ ପଦରେ ବସିଲେ ଉପାଧ୍ୟକ୍ଷା



**ଧର୍ମଶାଳା,୨୧୯/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଓ ପରେ ଭୋଟର ସମ୍ମୁଖିନ ହେବା ପୂର୍ବରୁ ପ୍ରଭାତ କୁମାର ବଳବନ୍ତରାୟ ଅଧ୍ୟକ୍ଷ ପଦରୁ ଗତ ୧୯ ତାରିଖରେ ଇସ୍ତଫା ଦେବା ପରେ ଉକ୍ତ ପଦ ଖାଲିପଡିଥିଲା। ଅନାସ୍ଥା କିମ୍ବା କୌଣସୀ କାରଣରୁ ବ୍ଲକ ଅଧ୍ୟକ୍ଷ ନିଜ ପଦରୁ ଇସ୍ତଫା ଦେବା ପରେ ବ୍ଲକ୍‌ର ଉପାଧ୍ୟକ୍ଷ ଅଧ୍ୟକ୍ଷ ଦାୟିତ୍ୱରେ ରହିବାର ସରକାରୀ ନିୟମ ରହିଛି। ଫଳରେ ବ୍ଲକର ଉପାଧ୍ୟକ୍ଷା ତଥା ତାଳଜଙ୍ଘ ପଂଚାୟତର ସମିତିସଭ୍ୟା ବିଶ୍ୱବିଜୟିନୀ ମିଶ୍ର ଅଜି ବ୍ଲକ ଅଧ୍ୟକ୍ଷ ପଦରେ ଅଳଙ୍କୃତ ହୋଇଛନ୍ତି । ପ୍ରକାଶ, ସରକାର ପରିବର୍ତ୍ତନ ହେବା ପରେ ବ୍ଲକ୍‌ରେ ବିଜେଡି ଅଧ୍ୟକ୍ଷ ଥିବାରୁ ଉନ୍ନୟନ ମୁଳକ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବାଧା ଉପୁଜିଥିଲା। ଯାହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅଗଷ୍ଟ ୧୧ରେ ଯାଜପୁର ପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ନେଇ ଧର୍ମଶାଳା ବ୍ଲକ୍ ପରିସରରେ ୪୫ ଗୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ , ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ସାଂସଦ ରବିନାରାୟଣ କରଙ୍କୁ ନେଇ ଏକ ଆଲୋଚନା କରାଯାଇଥିଲା। ତେବେ ଦୁଇ ତୃତୀୟାଂଶ ଭୋଟ ପାଇବା ଅଧ୍ୟକ୍ଷଙ୍କ ପକ୍ଷେ କଷ୍ଟକର ହେବା ଜାଣି ସେ ନିଜ ପଦବୀରୁ ଆଲୋଚନାର ଦୁଇଦିନ ପୂର୍ବରୁ ଇସ୍ତଫା ଦେଇଥିଲେ। ଆଜି ଶ୍ରୀମତୀ ମିଶ୍ର ଅଧ୍ୟକ୍ଷପଦ ଗ୍ରହଣ କରିବା ସହ ଅଧ୍ୟକ୍ଷଙ୍କ ଚେୟାରରେ ବସିଥିଲେ। ଧର୍ମଶାଳା ବିଡିଓ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକରେ ପହଞ୍ଚି ଶ୍ରୀମତି ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତେବେ ନବ ନିଯୁକ୍ତ ବ୍ଲକ୍ ଅଧ୍ୟକ୍ଷ ସଠିକ ଭାବେ ନିଜର କାର୍ଯ୍ୟ ନିର୍ବାହ ନକରିପାରିଲେ ସରକାରୀ ନିୟମ ଅନୁଯାୟୀ ୬ ମାସ ମଧ୍ୟରେ ନୂତନ ଅଧ୍ୟକ୍ଷ ପାଇଁ ନିର୍ବାଚନ କରାଯିବା ନେଇ ଜଣାଯାଇଛି।

# ୭ବର୍ଷ ପରେବି ରହସ୍ୟଘେରରେ କଲେଜ୍ ଛାତ୍ରୀ ଆତ୍ମହତ୍ୟା

**ଜଗତ୍‌ସିଂହପୁର,୨୧୯/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା କଲେଜର ଜନୈକ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ସାତ ବର୍ଷ ପରେ ବି ରହସ୍ୟ ଘେରରେ ରହିଛି। ସଠିକ୍ ତଦନ୍ତ ଅଭାବରୁ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ସନ୍ଦେହ ଯାତ ହୋଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ପରି ବାଲିକୁଦା କଲେଜ ଛାତ୍ରୀ ହୋଇଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମାମଲାର ପୁନଃ ବିଚାର କରାଗଲେ ସଠିକ୍ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ଆତ୍ମହତ୍ୟାରେ ଉକ୍ତ ମହାବିଦ୍ୟାଳୟର ଜଣେ ଅଧାପକ ସମ୍ପୃକ୍ତି ଥିବା ସେହି ସମୟରେ ବିଭିନ୍ନ ଗଣମାଧରେ ପ୍ରକାଶ ପାଇଥିଲେ ମଧ ତାହାର ସତ୍ୟାସତ୍ୟ ଉପରେ ସଠିକ୍ ତଦନ୍ତ ନକରାଇ ଉକ୍ତ ଅଧାପକଙ୍କୁ କିପରି ପଦୋନ୍ନତି ଦିଆଗଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ ସୌମ୍ୟାଶ୍ରୀଙ୍କ ଘଟଣାକୁ ନେଇ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷାନୁଷ୍ଠାର ଅଧାପକ କିମ୍ବା କର୍ମଚାରୀଙ୍କ ପ୍ରତି ଏପରି ସନ୍ଦେହ ଆସିଲେ, ତାଙ୍କୁ କୌଣସି ପଦୋନ୍ନତି କିମ୍ବା ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱରେ ନରଖିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ମଧ ବାଲିକୁଦା କଲେଜରେ ତାହା ବ୍ୟତିକ୍ରମ ଦେଖାଯାଇଛି। ପ୍ରକାଶ, ଜାନୁଆରୀ ୨୦୧୮ ମସିହାରେ ବାଲିକୁଦା ମହାବିଦ୍ୟାଳୟର ଜନୈକା ଯୁକ୍ତତିନିର ଜଣେ ଛାତ୍ରୀ ନିଜ ଶୋଇବା ଘର ପଙ୍ଖାରେ ଓନି ଲଗାଇ ଆତ୍ମହତ୍ୟା କରିଥିଲା। ପାରିବାର ଲୋକେ ଛାତ୍ରୀକୁ ଉଦ୍ଧାର କରି ନିକଟସ୍ଥ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ରିସିଭ୍ ଡେଥ୍ ଘୋଷଣା କରି ବାଲିକୁଦା ଥାନାକୁ ଜଣାଇଥିଲେ। ଖବର ପାଇଁ ବାଲିକୁଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଥାନାରେ ଏକ ୟୁଡି ମାମଲା ରୁଜୁ କରି ପୋଷ୍ଟମଟ ପାଇଁ ପଠାଇ ଥିଲେ। ପୋଷ୍ଟ ମଟମ ପରେ ଆଜି ପର୍ଯ୍ୟନ୍ତ ଆତ୍ମହତ୍ୟାର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ସୂଚନା ମିଳିଛି। ଅପରପକ୍ଷରେ ସେହି ସମୟରେ ବିଭିନ୍ନ ଗଣ ମାଧ୍ୟମରେ ଏହି ଆତ୍ମହତ୍ୟା ପଛରେ ଉକ୍ତ ମହାବିଦ୍ୟାଳୟର ଜଣେ ଅଧାପକ ଓ ତାଙ୍କ ସ୍ତ୍ରୀ ସମ୍ପୃକ୍ତି ଥିବା ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ କାଳେ ସମ୍ପୃକ୍ତ ଅଧାପକ ଅସୁବିଧାରେ ପଡିବା ସନ୍ଦେହରେ, ମାମଲାକୁ ରଫାଦଫା କରିବା ପାଇଁ ଉଦ୍ୟମ କରିବା ସହିତ ସଫଳ ହୋଇଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଉକ୍ତ ମାମଲାକୁ ସଠିକ୍ ତଦନ୍ତ କରାଗଲେ ସମସ୍ତ ରହସ୍ୟ ପଦାକୁ ଆସିବ ବୋଲି ଚର୍ଚ୍ଚ ହେଉଛି।

# ଖାଲପାଳରେ ଗଜାନାନଙ୍କ ଲଡୁ ନିଲାମ



**ପରଜଙ୍ଗ,୨୧୯/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ ମହା ଆଡ଼ମ୍ବରରେ ପାଳିତ ହୋଇଛି ପ୍ରଭୁ ଗଜାନନଙ୍କ ପୂଜା ଏବଂ ଭସାଣ ଶୋଭାଯାତ୍ରା। ଖାଲପାଳର ତିନୋଟି କ୍ଲବ୍ ଜେଏସ୍ କ୍ଲବ, ବୀଣାପାଣି କ୍ଲବ, ପୁରୁଣା ସାହି କ୍ଲବ ଭସାଣ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ତିନୋଟି ଡିଜେ ମଧ ସାମିଲ ଥିଲା ଜେବି ପ୍ରଫେସନାଲ, ରଶ୍ମୀ ଭିଥ୍ରୀ, ଶ୍ରୀୟା ସଲ୍ୟୁସନ୍‌କୁ ନେଇ ଧୂମ୍‌ଧାମ୍‌ରେ ଭସାଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଭୁଙ୍କ ଆଜ୍ଞା ଲଡୁ ନିଲାମ ହୋଇ ଏଥିରେ ସମସ୍ତ କ୍ଲବ୍ ସଭ୍ୟ ଭାଗ ନେଇଥିଲେ। ଖାଲପାଳ ଗ୍ରାମର ବାପୁନ କୁମାର ଜେନା (ହାପି )୨୭ ହଜାରରେ ଜେଏସ୍ କ୍ଲବ୍ ମେମ୍ବର ଗଜାନନଙ୍କ ଆଜ୍ଞା ଲଡୁକୁ ନେଇଥିଲେ। ମୁଖ୍ୟ ଅତିଥି ପିତିରି ପଞ୍ଚାୟତର ସରପଞ୍ଚ ଅଶୋକ ବର୍ମା, ବାବା ବ୍ରିକ୍ସ ମାଲିକ ମାଧବ ବେହେରା, ଶ୍ରମିକ ନେତା ଦିଲ୍ଲୀପ ବର୍ମା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ଲଡୁ ନିଲାମ ଓ ଭସାଣ ଯାତ୍ରାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବାଇକ୍‌ରୁ ପଡ଼ି ଜଣେ ମୃତ

ରାଜନଗର,୨୧୯/ଏନ୍ଏନ୍ଏସ୍: ରାଜନଗର ବ୍ଲକ୍ ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗ୍ରାମର କଳାକାର ରାଉତ(୬୦) ବାଇକ୍‌ରୁ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡିଛି । କଳାକାର ନିଜ ଗ୍ରାମ ଚାରପୋଖରିଆରୁ ବାଇକ୍ ଯୋଗେ ପର୍ଶ୍ଚିମଭେଡା ଗାଁକୁ ଯାଉଥିଲେ। ସେ ପର୍ଶ୍ଚିମଭେଡା ଗାଁ ମୁଣ୍ଡରେ ଯାଉଥିବା ବେଳେ ଏକ ଖାଲରେ ବାଇକଟି ଭାରସାମ୍ୟ ହରାଇ ପଡି ଯାଇଥିଲା । ସେ ମଧ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାମାୟଣ କଳାକାରଙ୍କ ମୃତ୍ୟୁ

**ଚାନ୍ଦୋଳ,୨୧୯/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଅନ୍ତର୍ଗତ ନରସିଂହପୁର ଗ୍ରାମର ମଞ୍ଚ କଳାକାର କୁନା ନାୟକଙ୍କ ପରଲୋକ। ସେ ଗ୍ରାମରେ ହେଉଥିବା ରାମାୟଣ ଗାଥା ଅଭିନୟରେ ରାବଣ ଭୂମିକାରେ ଅଭିନୟ କରୁଥିଲେ। ତାଙ୍କର ନିଖୁଣ ଅଭିନୟ ପାଇଁ ବହୁ ସଂସ୍ଥା ପକ୍ଷରୁ ସେ ପୁରସ୍କୃତ ହୋଇଥିଲେ । ଗତ କିଛିଦିନ ହେବ ଅସୁସ୍ଥ ହେବା କାରଣରୁ ଶଯ୍ୟାଶାୟୀ ହୋଇପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ଏକ ଶୋକାକୂଳ ପରିବେଶରେ ତାଙ୍କର ଶେଷ ହୋଇଥିଲା ବେଳେ ପୁଅ ବିଭୁରେନ୍ଦୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଶବଧାରରେ ଗ୍ରାମର ବହୁ ବ୍ୟକ୍ତିଙ୍କ ସମେତ ତାଙ୍କର ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟ ପରିଦର୍ଶନରେ ମହିଳା ଆୟୋଗ ସଦସ୍ୟା

**କେନ୍ଦ୍ରାପଡ଼ା,୨୧୯/ଏନ୍ଏନ୍ଏସ୍:** ରାଜ୍ୟ ମହିଳା ଆୟୋଗର ସମ୍ମାନନୀୟ ସଦସ୍ୟା ଡ. କଳ୍ପନା ମଲିକ ଆଜି ତୁଳସୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ମହାବିଦ୍ୟାଳୟର ଅଧ୍ୟକ୍ଷ,ଅଧାପକ, କର୍ମଚାରୀ, ଆଭ୍ୟନ୍ତରୀଣ କମିଟିର ଅଧ୍ୟକ୍ଷା ଓ ସଦସ୍ୟ-ସଦସ୍ୟାମାନଙ୍କ ସହ କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ନିଷେଧ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଛାତ୍ରୀମାନଙ୍କ ସହ ମଧ ସିଧାସଳଖ ଆଲୋଚନା ହୋଇଥିଲା ।ଯେଉଁଥିରେ ଆଭ୍ୟନ୍ତରୀଣ କମିଟିର ଭୂମିକା, ଯୌନ ଉତ୍ପୀଡନ ବିଷୟକ ନିୟମାବଳୀ ଓ ଯୌନ ଉତ୍ପୀଡନ ଘଟଣା ସମ୍ବନ୍ଧୀୟ ସଚେତନତା ଉପରେ ଗଭୀର ଆଲୋଚନା ହୋଇଥିଲା। ଏହି ପରିଦର୍ଶନ ଲକ୍ଷ୍ୟ ଥିଲା ଶିକ୍ଷାନୁଷ୍ଠାନରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା। ପରିଦର୍ଶନ ସମୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶୁଷମା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜାତୀୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସରେ ସାଇକେଲ୍ ରାଲି



**ଯାଜପୁର,୨୧୯/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାରେ ଜାତୀୟ କ୍ରୀଡା ଦିବସର ଉଦଯାପନୀ ଉତ୍ସବ ଅବସରରେ ଏକ ସାଇକେଲ୍ ରାଲି ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସାଇକେଲ୍ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଗାନ୍ଧିଛକ, ମେଡିକାଲ ଦେଇ ଇଣ୍ଡୋର୍ ଷ୍ଟାଡିୟମ, ଯାଜପୁର ଠାରେ ସମାପ୍ତ ହୋଇଥିଲା। ଏହି ସାଇକଲ ରାଲିରେ ସାଂସଦ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ହକି, ବ୍ୟାଡ଼ମିଣ୍ଟନ, ଟାଇକାଣ୍ଡୋ କ୍ରୀଡ଼ାବିତ, ଜିଲ୍ଲା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ନାଗରିକମାନଙ୍କ ସହ ସାଇକେଲ୍ ଚଳାଇ ସକ୍ରିୟ ଭାବରେ ଯୋଗଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ରାଲିରେ ଯୋଗଦାନ ପୂର୍ବକ ମାନ୍ୟବର ସାଂସଦ ଶ୍ରୀ ବେହେରା କହିଥିଲେ ଆଜିର ଏହି ସାଇକେଲ୍ ରାଲି କେବଳ କ୍ରୀଡା ପ୍ରତି ଆମର ସଚେତନତାକୁ ବୃଦ୍ଧି କରୁନାହିଁ, ବରଂ ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ସଚେତନତା ପ୍ରଚାରରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଜିଲ୍ଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଏହି ସାଇକେଲ୍ ରାଲିରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ, କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ସ୍ଥାନୀୟ କ୍ରୀଡାପ୍ରେମୀ ଯୋଗଦାନ କରିଥିଲେ।

# ଅଙ୍ଗନବାଡ଼ିରେ ପାଠପଢ଼ା ବିଷୟରେ ପଚାରି ବୁଝିଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୨୧୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଆଜି ପୂର୍ବାହ୍ନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍ଦୁପୁର ଗସ୍ତ କରି ମେଡିକାଲ ଅଧିକାରୀ ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ଜିଲ୍ଲାପାଳ ଇଣ୍ଡୋର ଓ ଆଉଟଡର ରୋଗୀମାନଙ୍କ ସ୍ୱାସ୍ଥ୍ୟ ସ୍ଥିତି ପଚାରି ବୁଝିଛନ୍ତି। ପରେ ଜିଲ୍ଲାପାଳ ବିଭିନ୍ନ ରେଜିଷ୍ଟର ଏବଂ ଔଷଧ ଗୁଡିକ ଯାଞ୍ଚ କରିଥିଲେ। ରୋଗୀମାନେ ଯେପରି ସର୍ବଦା ଉତ୍ତମ ଚିକିତ୍ସା ସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ମେଡିକାଲ ଅଧିକାରୀ ଏବଂ ଅନ୍ୟକର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ୍‌ର ପଲ୍ଲୀ ଶିକ୍ଷା ଶ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ କୁତରଙ୍ଗ ଗ୍ରାମ ପଞ୍ଚାୟତ ବିଦ୍ୟାଳୟକୁ ଗସ୍ତ କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟାର। ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନବାଡି ଗସ୍ତ କରି ସ୍ଥାନୀୟ ସରପଞ୍ଚ, ସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସ୍କୁଲ ଏବଂ ଅଙ୍ଗନବାଡିର ଭିତ୍ତିଭୂମି, ପାନୀୟଜଳ, ପରିମଳ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ସ୍ୱଚ୍ଛତା ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ପିଲାମାନଙ୍କୁ ଉତ୍ତମ ଏବଂ ପୁଷ୍ଟିକର ରାନ୍ଧଖାଦ୍ୟ, ସ୍ୱଚ୍ଛ ପାନୀୟଜଳ, ସ୍ୱଚ୍ଛ ଏବଂ ସୁନ୍ଦର ପରିବେଶ ସୃଷ୍ଟି ସହିତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାପାଇଁ ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନବାଡି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ସାନ୍ତାଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି, ପାନୀୟଜଳ ବ୍ୟବସ୍ଥା, ପରିମଳ, ମଧ୍ୟାହ୍ନ ଭୋଜନ ଖାଦ୍ୟ, ଛତୁଆ ଇତ୍ୟାଦି ସଂପର୍କରେ ଜିଲ୍ଲାପାଳ ଶ୍ରୀ ଆୟାର ପଚାରି ବୁଝିଥିଲେ। ଏହା ସହିତ ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରର ରେଜିଷ୍ଟର ଏବଂ ଅନ୍ୟ ଦସ୍ତାବିଜ ଦେଖିଥିଲେ। ଜିଲ୍ଲାପାଳ ସ୍କୁଲ ଏବଂ ଅଙ୍ଗନବାଡି ଛୁଆମାନଙ୍କୁ ପାଠପଢା ବିଷୟରେ ପଚାରି ବୁଝିଥିଲେ ।

# ଜିଲ୍ଲାରେ ଆବଶ୍ୟକ ଠାରୁ ଅଧିକ ରହିଛି ସାର

**କେନ୍ଦ୍ରାପଡ଼ା,୨୧୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା କୃଷି ବହୁଳ ଏରିଆ ଥିବାରୁ ଚଳିତ ବର୍ଷ ଧାନ ଚାଷ ଆଗୁଆ ହୋଇଥିବାରୁ ସାର ଆସିବାରେ ବିଳମ୍ବ ହୋଇଥିଲା। ଧାନର ମୂଲ୍ୟ ୩୧୦୦ ଟଙ୍କା ହୋଇଥିବାରୁ ଚାଷୀମାନେ ଭଲ ଅମଳ ପାଇଁ ୟୁରିଆ ସାରକୁ ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲାରେ ଖରିଫ ଋତୁ ପାଇଁ ୟୁରିଆ ସାର ୫୫୦୦ ମେଟ୍ରିକ ଟନ ଆବଶ୍ୟକ ଥିବାବେଳେ ୬୯୦୧.୮୪ ମେଟ୍ରିକ ଟନ ୟୁରିଆ ସାର ବର୍ତ୍ତମାନ ସୁଦ୍ଧା ଆସିଯାଇଛି। ଡିଏପି ୨୫୦୦ ମେଟ୍ରିକ ଟନ ଆବଶ୍ୟକ ଥିବାବେଳେ ୨୧୬୩.୫, ଏମଓପି ୫୦୦ ଆବଶ୍ୟକ ଥିବାବେଳେ ୧୯୨.୧୭୪ ଆସିଯାଇଛି। ଏସ୍ଏସ୍‌ପି ୧୦୦ ଆବଶ୍ୟକ ଥିବାବେଳେ ୧୪୪.୫୫ ଆସିଯାଇଛି। ଏନପିକେଏସ୍ ୫୭୦୦ ଆବଶ୍ୟକ ଥିବାବେଳେ ୫୨୯୫.୬୩୯ ଆସିଯାଇଛି। ସେହିଭଳି ୟୁରିଆ ସାର ଚାଷୀ ମାନଙ୍କର ଅଧିକ ଦରକାର ପଡୁଥିବାରୁ ଏହା ପ୍ରଥମ ସପ୍ତାହରେ ଯାଜପୁର ଏବଂ କଟକ ଜିଲ୍ଲାରୁ ରେକ ପଏଣ୍ଟରୁ ଆସିବାର ଅଛି। ଚଳିତ ବର୍ଷ ଜିଲ୍ଲାରେ ଧାନ ଚାଷ ବହୁତ ଭଲ ହୋଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ




**ଜଗତ୍‌ସିଂହପୁର,୨୧୯/ଏନ୍ଏନ୍ଏସ୍:** ମଙ୍ଗଳବାର ଜଗତସିଂହପୁର ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଷଷ୍ଠ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦିଶା କମିଟିର ଅଧ୍ୟକ୍ଷ ତଥା ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ଅଧ୍ୟକ୍ଷତା କରି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ,ସଦସ୍ୟାମାନଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲାସ୍ତରୀୟ ଦିଶା କମିଟିର ସମସ୍ତ ଲୋକ ପ୍ରତିନିଧି, ସଭ୍ୟ, ସଭ୍ୟା ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀଗଣଙ୍କ ସକ୍ରିୟ ଅଂଶ ଗ୍ରହଣ ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା- ପାନୀୟଜଳ ଯାଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତି ଭୂମି ବିକାଶ, ସମନ୍ୱିତ ଶିଶୁ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲ୍‌ଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତି କରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ୍ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନ କଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁ ପୁଙ୍ଖ ଭାବେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ପାରାଦୀପ ପୌରପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତି ଅଧ୍ୟକ୍ଷ,ଅଧ୍ୟକ୍ଷା, ଜନ ପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗଞ୍ଜେଇ ଚୋରା କାରବାରର ପର୍ଦ୍ଦାଫାଶ, ୩ ଗିରଫ

**ଯାଜପୁରରୋଡ଼,୨୧୯/ଏନ୍ଏନ୍ଏସ୍:** ଚୋରା ଗଞ୍ଜାଇ ଜବତର ୩୩ ଦିନ ପରେ କଳିଙ୍ଗନଗର ପୁଲିସ ଏହାର ପର୍ଦ୍ଦାଫାଶ କରିଛି। କାରଣ ଏଥିରେ ସମ୍ପୃକ୍ତ ଥିବା ଫେରାର ୩ ପେଶାଦାର ନିଶା ବେପାରୀଙ୍କୁ କଳିଙ୍ଗନଗର ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗିରଫ ନିଶାବେପାରୀ ୩ ହେଲେ ଯାଜପୁର ଜିଲା କୋରେଇ ଥାନା ଗୌରପାଳର ବାମଦେବ ରାଉତଙ୍କ ପୁଅ ଧୀରେଜ କୁମାର ରାଉତ ଓରଫ ବୁଲୁ (୨୬), କେଉଁଝର ରାମଚନ୍ଦ୍ରପୁର ଥାନା ବାତୋର କମଲ ଲୋଚନ ମହାନ୍ତିଙ୍କ ପୁଅ ସତ୍ୟବ୍ରତ ମହାନ୍ତି ଓରଫ ଜଗା( ୨୬), ରାମଚନ୍ଦ୍ରପୁର ଥାନା ମଧୁ କେଶରୀର କୃଷ୍ଣ ଚକ୍ରଙ୍କ ସୁଶାନ୍ତ କୁମାର ଚକ୍ର ଓରଫ ସୁକୁଟା ( ୨୩)। ହେଲେ ଏହି ଚୋରା ଗଞ୍ଜାଇ କାରବାରରେ ସମ୍ପୃକ୍ତ ୨ ବେପାରୀ ଫେରାର ଥିବା ଜଣା ପଡିଛି। କେସ୍ ନମ୍ବର ୨୩୩/ ୨୫ ଦଫା ୨୦(ଖ) ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ପୁଲିସ ପୂର୍ବରୁ ଘଟଣାସ୍ଥଳରୁ ୪ଟି ବସ୍ତାରେ ଥିବା ୭୧.୬୬୫ କେଜି ଗଞ୍ଜେଇ, ଚୋରା ଗଞ୍ଜେଉ କାରବାରରେ ବ୍ୟବହୃତ ଧଳା ରଙ୍ଗ କାର ନଂ ଓଡି ୩୩ଏପି ୯୩୧୫, ସୁରକ୍ଷା ଦେଇ କାରକୁ ଆଣୁଥିବା ମହିନ୍ଦ୍ରା ବୋଲେରୋ ନଂ ଓଡି ୨୧ ୫୬୭୯ ଏବଂ ୩ ଟି ମୋବାଇଲ ଫୋନ ଜବତ କରିଥିଲେ ।ଉଲ୍ଲେଖ ପ୍ରକାଶ, ଗତ ଜୁଲାଇ ମସ ୨୪ରେ କଳିଙ୍ଗନଗର ଥାନାର ଏସ୍ଆଇ ଆର୍ଆର ଲାକ୍ରାଙ୍କ ନେତୃତ୍ୱରେ ଏକ ଟିମ ୫୩ନଂ ଜାତୀୟ ରାଜପଥର ଡୁବୁରୀ, ସିଆରିଆ ଏବଂ ଝୁମାଣ ଠାରେ ଏମ୍‌ଭି ଚେକିଂ କରୁଥିଲେ। ଏହିଁ ସମୟରେ ଏକ କାର ସିଆରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାମ୍ନା ପାଚେରୀକୁ ଧକ୍କା ଦେଇଥିବାର ଏହିଁ ପୁଲିସ ଟିମ୍ ଖବର ପାଇଥିଲେ। ତୁରନ୍ତ ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଥିଲେ। କିନ୍ତୁ ସେଠାରେ ଥିବା ଆସାମୀମାନେ ପୁଲିସକୁ ଦେଖି ଫେରାର ହୋଇଯାଇଥିଲେ। ତେବେ ପାଚେରୀରେ ଭଙ୍ଗାରୁଜା ଅବସ୍ଥାରେ ଥିବା ଟାଟା ପଞ୍ଚ କାରଟିକୁ ପୁଲିସ ଯାଞ୍ଚ କରିବା ପରେ ଡ଼ିକିରେ ପଲିଥିନ ଭର୍ତ୍ତି ୪ ବସ୍ତା ଗଞ୍ଜେଇ ଥିବା ଦେଖିଥିଲେ। ଯାହାର ଓଜନ ୭୧.୬୬୫ କେଜି ଏବଂ ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ।

**NOTICE**

The partnership firm M/S PRAKASH TRANSPORT CORPORATION bearing Regd No.979/2014 and its head office at Plot No.1478/2239 & 1524/2238,Piligrim Road, Po.College Square, Ps.Malgodown, Dist-Cuttack, Pin-753003 Odisha has been Reconstituted on 01.10.2024 due to retirement of partner Mrs Krishna Arya And admission of two partners Mr Ayush Arya & Mr Karan Arya w.e.f01.10.2024

Mr Sanjay Arya
Managing partner
M/S PRAKASH TRANSPORT CORPORATION

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated 01/09/2025, I Turi Munda, S/o- Late Dhana Munda of vill- Talaraigoda, Po- Raigoda, Ps- Sadar, Dist- Keonjhar, Pin- 758018, declare that I have changed my name from Galib Singh Munda to Turi Munda. Hence forth, I shall be known as **Turi Munda** for all purposes. TURI MUNDA

**AFFIDAVIT**

By virtue of an affidavit sworn before Notary Public, Balliguda dated 26.08.2025, I D.Srilata Kumari Patro, aged about 38 years, Daughter of D.Pandab Patro of Village- Baliguda, Champasahi, P.O/P.S- Baliguda, Dist- Kandhamal, PIN- 762103, Odisha have changed my name from "D.Srilata Kumari Patro" to "DANKEY SRILATA PATRO", and henceforth I shall be known as "**DANKEY SRILATA PATRO**" for all purpose.

**AFFIDAVIT**

By virtue of an affidavit sworn before Executive Magistrate Sub-Collector Office, Baripada, Mayurbhanj, dated. 02.09.2025 I, Sunil Kumar Naik, Address : At/Po- Kandasar, Ps- Nalco Nagar, Dist- Anugul declare that I have changed the name of my Son from Swagat Swarup (Old name) to Swagat Swarup Naik (New name). Henceforth, he shall be known as **Swagat Swarup Naik** (New name) for all purposes.
Sd/- Sunil Kumar Naik

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated 01/09/2025 I, Bipin Parida, S/o- Bhagirathi Parida of Vill - Jhumukapashi, Po- Mishramala, Ps- Pandapada, Dist- Keonjhar, Pin-758079 declare that I have changed my son's name from Bipin Parida to Dhiren Parida. Hence forth, he shall be known as **Dhiren Parida** for all purposes. BIPIN PARIDA

**DISTRICT PROJECT OFFICE,**
**SAMAGRA SHIKSHA, JHARSUGUDA**
No. 1816/TB/25, Dt. 01.09.2025

**TENDER CALL NOTICE**

Sealed quotations are invited in the prescribed application from the regd. Book Suppliers / Publishers for supply of Hindi Script Text Books from Class-VI to VIII (excluding Language Books) for Govt. and Govt. aided Primary and Upper Primary Schools of Jharsuguda District for the year 2025-26. the tender application form along with its terms and conditions and requirement of Hindi Script Books can be downloaded from the District website http://jharsuguda.odisha.gov.in. The quotation completed in all respect should reach the undersigned on or before 17.09.2025 by 5 p.m. through speed post / regd. post only and the same shall be opened on 18.09.2025 at 11 A.M. in presence of bidders or their authorized representatives.

By the order of Collector-cum-Chairman
District Project Coordinator
SS, Jharsuguda

OIPR-27153/11/0014/2526 n-142

## ପ୍ରଥମ ପୃଷ୍ଠାରୁ

### ଭାରତ ହେବ ସେମିକଣ୍ଡକ୍ଟର ...

ସେମାନଙ୍କ ସହଯୋଗୀଙ୍କ ଉପସ୍ଥିତିକୁ ମଧ୍ୟ ମୋଦୀ ସ୍ୱୀକାର କରିଛନ୍ତି । ମୋଦୀ କହିଛନ୍ତି ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି । ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥାଏ, "ବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ରହିଛି ।" ମୋଦୀ କହିଛନ୍ତି, ତେଲ ଥିଲା କଳା ସୁନା, କିନ୍ତୁ ଚିପ୍ସଗୁଡ଼ିକ ଡିଜିଟାଲ ଡାଇମଣ୍ଡ ।" ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି ବୋଲି ସେ ଜୋର ଦେଇ କହିଥିଲେ । କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି । ମୋଦୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିଅନ ଡଲାରରେ ପହଞ୍ଚି ସାରିଛି । ଆଗାମୀ ଦିନରେ ଏହା ୧ ଟ୍ରିଲିଅନ ଡଲାର ଅତିକ୍ରମ କରିବ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଭଳି ଗତିରେ ଅଗ୍ରସର ହେଉଛି, ତା'କୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ । ମୋଦୀ କହିଥିଲେ ଯେ, ୨୦୨୧ରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା । ୨୦୨୪ରେ ଆହୁରି କିଛି ପ୍ଲାଣ୍ଟକୁ ମଞ୍ଜୁରି ମିଳିଥିଲା । ୨୦୨୫ରେ ପାଞ୍ଚଟି ଅତିରିକ୍ତ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ କରାଯାଇଛି । ବର୍ତ୍ତମାନ ମୋଟ୍ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି । ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି । ଏହା ଭାରତ ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ । ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି, ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ । ଭାରତ ସେମିକଣ୍ଡକ୍ଟର କ୍ଷେତରେ ଏକ ବିଶ୍ୱସ୍ତରୀୟ ହବ୍ ହେବା ଦିଗରେ ଅଗ୍ରସର ହେଉଛି । ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ । ସେମିକଣ୍ଡକ୍ଟର ମିଶନ କେବଳ ଗୋଟିଏ ଫ୍ୟାବ୍ ପ୍ରତିଷ୍ଠା କିମ୍ବା ଗୋଟିଏ ଚିପ୍ ଉତ୍ପାଦନ କରିବାରେ ସୀମିତ ନୁହେଁ । ବରଂ, ଭାରତ ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ ସୃଷ୍ଟି କରୁଛି ଯାହା ଦେଶକୁ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବ । ବିଶ୍ୱ ସେମିକଣ୍ଡକ୍ଟର କ୍ଷେତ୍ର ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦୃଢ଼ ଭାବେ କହିଥିଲେ, ଭାରତ ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛି । ନୋଏଡା ଏବଂ ବେଙ୍ଗାଲୁରୁରେ ବିକଶିତ ହେଉଥିବା ଡିଜାଇନ୍ କେନ୍ଦ୍ରଗୁଡ଼ିକ ବିଶ୍ୱର ସବୁଠାରୁ ଉନ୍ନତ ଚିପ୍ସ ଉପରେ କାର୍ଯ୍ୟ କରୁଛନ୍ତି, ଯାହା କୋଟି କୋଟି ଟ୍ରାଞ୍ଜିଷ୍ଟର ସଂରକ୍ଷଣ କରିପାରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେମିକନ୍ ଇଣ୍ଡିଆ - ୨୦୨୫ ହେଉଛି ଏକ ତିନି ଦିନିଆ ସମ୍ମିଳନୀ । ଏଥିରେ ଭାରତରେ ଏକ ଦୃଢ଼, ସ୍ଥିର ଏବଂ ଦୀର୍ଘସ୍ଥାୟୀ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଆଗକୁ ବଢାଇବା ଉପରେ ଏଥିରେ ବିଚାରବିମର୍ଶ କରାଯିବ । ସମ୍ମିଳନୀରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଗତି, ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଉନ୍ନତ ପ୍ୟାକେଜିଂ ପ୍ରକଳ୍ପ, ଭିତ୍ତିଭୂମି ପ୍ରସ୍ତୁତି, ସ୍ମାର୍ଟ ଉତ୍ପାଦନ, ଗବେଷଣା ଏବଂ ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନବସୃଜନ, ନିବେଶ ସୁଯୋଗ, ରାଜ୍ୟସ୍ତରୀୟ ନୀତି କାର୍ଯ୍ୟାନ୍ୱୟନ, ଇତ୍ୟାଦି ଉପରେ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହାସହିତ, ସମ୍ମିଳନୀରେ ଡିଜାଇନ୍ ଆଧାରିତ ପ୍ରୋତ୍ସାହନ ଯୋଜନା ଅଧୀନରେ ପଦକ୍ଷେପ, ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧି, ଅନ୍ତର୍ଜାତୀୟ ସହଯୋଗ ଏବଂ ଭାରତର ସେମିକଣ୍ଡକ୍ଟର କ୍ଷେତ୍ର ପାଇଁ ଭବିଷ୍ୟତ ରୋଡମ୍ୟାପ୍ ଉପରେ ଆଲୋକପାତ କରାଯିବ । ସମ୍ମିଳନୀରେ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଉଛନ୍ତି, ଯେଉଁଥିରେ ୪୮ ରୁ ଅଧିକ ଦେଶର ୨,୫୦୦ ରୁ ଅଧିକ ପ୍ରତିନିଧି, ୧୫୦ରୁ ଅଧିକ ବକ୍ତା, ୫୦ରୁ ଅଧିକ ବିଶ୍ୱ ନେତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶକ ସାମିଲ ହେବେ । ଏଥିରେ ୬ଟି ଦେଶର ଗୋଲଟେବୁଲ ଆଲୋଚନା, ବିଭିନ୍ନ ଦେଶର ପାଭିଲିୟନ୍ ଏବଂ କର୍ମଶକ୍ତି ବିକାଶ ଓ ଷ୍ଟାର୍ଟ-ଅପ୍ ପାଇଁ ସମର୍ପିତ ପାଭିଲିୟନ୍ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଜିତିନ ପ୍ରସାଦ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସମେତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ରହିବା ଦେଖିବାକୁ ମିଳିଛି ।

### ଓଡ଼ିଶାରେ ନିର୍ମିତ ୩ ...

'ଓଡ଼ିଶା ପାଭିଲିୟନ୍'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତିନୋଟି ଚିପ୍ ମଧ୍ୟରୁ ଦୁଇଟି ରାଉରକେଲାର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଦ୍ୱାରା ଡିଜାଇନ୍ କରାଯାଇଛି । ପ୍ରଥମ ଦୁଇଟି ହେଉଛି ଭିଜି ଆମ୍ପ୍ଲିଫାୟାର୍ ଆଣ୍ଡ ସେନସର୍ ସର୍କିଟ୍ (ସି୨ଏସ୦୦୧୮) ଏବଂ ପ୍ରେଜେଣ୍ଟ ଏନ୍‌କ୍ରିପସନ୍ କୋର୍ (ସି୨ଏସ୍୦୦୧୭) । ସେହିପରି ହାଇ ପରଫର୍ମାନ୍ସ ମଲଟିପ୍ଲାୟାର୍ ଆଇସି (ସି୨ଏସ୍୦୦୬୧), ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ (ପିଏମ୍‌ଇସି) ଦ୍ୱାରା ତୃତୀୟ ଚିପ୍ ବିକଶିତ ହୋଇଛି । ମୁଁ ପିଏମ୍‌ଇସି ବ୍ରହ୍ମପୁରକୁ ସି୨ଏସ୦୦୬୧ ଚିପ୍ ବିକାଶ ପାଇଁ ଅଭିନନ୍ଦନ ଜଣାଉଛି । ଏହି ପାଭିଲିୟନ୍ ରାଜ୍ୟର ସେମିକଣ୍ଡକ୍ଟର୍ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଦ୍ଭାବନୀ ସାମର୍ଥ୍ୟ, ପ୍ରଗତିଶୀଳ ନୀତି, ଏବଂ ବିନିଯୋଗ-ଅନୁକୂଳ ପରିବେଶକୁ ପ୍ରଦର୍ଶନ କରିଛି । ଏହି ଚିପଗୁଡ଼ିକ ଓଡ଼ିଶାର ଶିକ୍ଷା ଅନୁଷ୍ଠାନମାନଙ୍କ ଉଦ୍ଭାବନୀ କ୍ଷମତାକୁ ପ୍ରତିଫଳିତ କରୁଛି । ରାଜ୍ୟକୁ ସେମିକଣ୍ଡକ୍ଟର୍ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରୁଛି । ଏହା ଦେଶର ସ୍ୱଦେଶୀ ଉତ୍ପାଦନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସ୍ୱାବଲମ୍ବୀର ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରକାଶ କରିଛନ୍ତି । ତେଣୁ ସେମିକନ୍ ଇଣ୍ଡିଆ ୨୦୨୫ରେ ଓଡ଼ିଶାର ଏହି ଅବଦାନ କେବଳ ରାଜ୍ୟ ନୁହେଁ, ସମଗ୍ର ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ।

### ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ...

ଫିଟିବ ଦ୍ୱାର । ୨ଟା ୪୦ମିନିଟ୍‌ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବ । ଦିନ ୧୨ ଟା ୩୦ମିନିଟ୍ ସୁଦ୍ଧା ସମସ୍ତ ନୀତିକାନ୍ତି ଶେଷ ହେବ । ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ଧାଡ଼ି ଦର୍ଶନ ପାଇଁ କିଭଳି ପ୍ରସ୍ତୁତି ହେବ ସେନେଇ ଆଲୋଚନା ହୋଇଥିଲା । ପରୀକ୍ଷାମୂଳକ ଭାବେ ପ୍ରଥମେ ଧାଡ଼ି ଦର୍ଶନ ହେବ । ସମସ୍ତ ନିଯୋଗ ସହିତ ଏନେଇ ଆଲୋଚନା ହୋଇଛି । ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ । ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ଅନଲାଇନରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ସହ ଆଲୋଚନା କରାଯାଇଛି ।

### ୫ ଦିନ ଯାଏ ପ୍ରବଳ ...

ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ୫ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ଯାହାକୁ ନେଇ ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

### ସମନ୍ୱିତ ପରିଚାଳନା ଯୋଜନା ...

ଅନ୍ୟ ସ୍ଥାନରେ ପରିବେଶ ପର୍ଯ୍ୟଟନର ଅପାର ସମ୍ଭାବନାକୁ କାର୍ଯ୍ୟରେ ରୂପାୟିତ କରିପାରିଲେ ଆର୍ଦ୍ରଭୂମିଗୁଡିକ ଦେଶ ଓ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ । ବନଖଣ୍ଡ ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ପାଇଁ ଆବଣ୍ଟିତ ଅର୍ଥରାଶିର ସମୟୋଚିତ ସୁବିନିଯୋଗ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦଉରି, ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଦସ୍ୟ ସଚିବ ତଥା ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ , ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଯୋଗଦେଇଥିଲେ ।

# ଛଣଗିରି ଅଳଙ୍କାର ଦୋକାନ ଲୁଟ୍ ଘଟଣାର ପର୍ଦ୍ଦାଫାଶ୍: ୪ ଗିରଫ

## ସୁନା ଓ ରୁପା ସମେତ ନଗଦ ୯ଲକ୍ଷ ୪୫ହଜାର ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଭୁଜାଲି ଜବତ

**ଖୋର୍ଦ୍ଧା,୨।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ଗତ ମାସ ୨୪ ତାରିଖ ଦିନ ୨ ଟା ସମୟରେ ୮ ଜଣ ଲୁଟେରା ଆସି ବନ୍ଧୁକ ଓ ବୋମା ଫୁଟାଇ ୧୧ କେଜି ୫୦୦ ଗ୍ରାମ ଓ ୫ କେଜି ରୂପା ଅଳଂକାର ପ୍ରାୟେ ସାଢ଼େ ୧୧ କୋଟି ଟଙ୍କାର ସୁନା ଓ ରୂପା ଅଳଂକାର ଲୁଟ କରି ନେବା ସହିତ ନଗଦ ଟଙ୍କା ନେଇଯାଇଥିଲେ । ପୁଲିସ ତ୍ୱରିତ ପଦକ୍ଷେପ ନେଇ ଉକ୍ତ ଦିନ ନୂଆ କରି ଯୋଗଦାନ କରିଥିବା ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ସମୁଦାୟ ୫ ଟିମ ଗଠନ କରାଯାଇ ବିଭିନ୍ନ ଦିଗକୁ ତର୍ଜମା କରି ଚଢ଼ଉ କରାଯାଇଥିଲା । ଶେଷରେ ପୁଲିସକୁ ସଫଳତା ମିଳିଥିଲେ ବି ଡକାୟତି ସୁନାର ମାତ୍ର ୧୦ ଭାଗ ସୁନା ଅଳଙ୍କାର ମିଳିଥିବାବେଳେ ୩ ଜଣ ଲୁଟେରା ଓ ଜଣେ କ୍ରେତାକୁ ଗିରଫ କରାଯାଇ ପାରିଛି । ଆହୁରି ୬ ଜଣ ଲୁଚି ବୁଲୁଛନ୍ତି । ସଂପୃକ୍ତ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ ଓ ଆଉ ଲୁଟ ସାମଗ୍ରୀକୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉ ଥିବା ଆଜି ଖୋର୍ଦ୍ଧା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଡିଆଇଜି ସତ୍ୟଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁଲିସ ଜଂକିଆ ଥାନା କେସ୍ ନମ୍ବର ୨୯୭ ତାରିଖ ୨୪.୮.୨୫ ଧାରା ୩୧୦ (୨) ବିଏନ୍‌ଏସ୍/ଧାରା ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ/୫ ଇଏସ୍ ଆଇନ ଅନୁଯାୟୀ ପୁଲିସ ତଦନ୍ତ କରି ଖୋର୍ଦ୍ଧା, ପୁରୀ ଓ କଟକ ଅଞ୍ଚଳରୁ ୪ ଜଣ ଲୁଟେରାଙ୍କୁ ଗିରଫ କରିଛି । କଟକ ଜିଲ୍ଲା ବେଣ୍ଟକର ଥାନା ୪୨ ମୌଜାର ଝିଙ୍କିରିଆ ଗ୍ରାମର ସରୋଜ କୁମାର ପଟ୍ଟନାୟକଙ୍କ ପୁତ୍ର ବିଶ୍ୱଜିତ୍ ପଟ୍ଟନାୟକ(୨୨) ଓରଫ୍ ଲକିଠାରୁ ୩୧୯.୭୩୦ଗ୍ରାମ୍ ଓଜନର ସୁନା, ୯୬୮ ଗ୍ରାମ ରୂପା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି ଓ ନଗଦ ୮ଲକ୍ଷ ଟଙ୍କା ଜବତ କରିଥିବା ବେଳେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡା କଇଁଫୁଲିଆ ଗ୍ରାମର ସଂସାରୀ ସେନାପତିଙ୍କ ପୁତ୍ର ଅଶୋକ ସେନାପତି(୩୨) ଓରଫ ବୁଲୁଠାରୁ ୨୦୭.୮୬୦ ଗ୍ରାମ୍ ସୁନା, ୯୪୦ ଗ୍ରାମ ରୂପା ଓ ନଗଦ ୧ଲକ୍ଷ ୪୫ହଜାର ଟଙ୍କା ଜବତ କରିଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡା ଟାଙ୍ଗିସାହିର କେଶବ ନାୟକଙ୍କ ପୁତ୍ର ଚନ୍ଦନ ନାୟକ(୨୫) ଠାରୁ ୧୩୪.୬୭୦ ଗ୍ରାମ୍ ସୁନା, ୫୪୬ ଗ୍ରାମ୍ ରୂପା ଓ ବୋଲଗଡ଼ ସମ୍ପପୁର ଗ୍ରାମର ରବି ସାହୁଙ୍କ ପୁତ୍ର ନବ ସାହୁଠାରୁ ୨୩୮.୩୧୦ ଗ୍ରାମ୍ ସୁନା ଜବତ ହୋଇଥିବା ସୂଚନା ମିଳିଛି । ଆଜି ଆଉଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ସୂଚନା ମିଳିଥିଲେ ବି ପୁଲିସ ପକ୍ଷରୁ ଏହାକୁ ତଦନ୍ତରେ ବାଧା ଉପୁଜିବା ଦୃଷ୍ଟିରୁ ପ୍ରକାଶ କରାଯାଇ ନଥିବା କୁହାଯାଉଛି । ଆଜି ୩ଜଣ ଡକାୟତ ଓ ଜଣେ କ୍ରେତାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୬ଜଣଙ୍କ ମଧ୍ୟରୁ ୨ଜଣଙ୍କ ଠିକଣା ସ୍ପଷ୍ଟ ଜଣାପଡୁ ନ ଥିବାବେଳେ ନୟାଗଡ଼ ଅଞ୍ଚଳର ଦୁଇ ଜଣ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣେ, ପୁରୀ ଜିଲ୍ଲା କଣାସ ଅଞ୍ଚଳର ଜଣେ ସନ୍ଦିଗ୍ଧ ଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାୟକ, ଏସପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଖୋର୍ଦ୍ଧା ସଦର ଏସପି ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଆଇଆଇସି ମାନେ ଉପସ୍ଥିତ ଥିଲେ । ପ୍ରକାଶ କି ଗତ ମାସ ୨୪ ତାରିଖରେ ଦିନ ୨ଟା ବେଳେ ୪ଟି ବାଇକରେ ୮ଜଣ ଡକାୟତ ଖୋର୍ଦ୍ଧା ଜିଲ୍ଲା ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନକୁ ଆସିଥିଲେ । ସେମାନେ ସମସ୍ତେ ମୁଣ୍ଡରେ ହେଲମେଟ ଓ ମୁହଁରେ ମାସ୍କ ପିନ୍ଧିବା ସହିତ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିବାବେଳେ ଦୋକାନ ମଧ୍ୟକୁ ୬ଜଣ ଡକାୟତ ପଶି ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରି ନେଇଯିବା ସହ ଘଟଣାସ୍ଥଳରେ ବୋମା ଫୁଟାଇ ପୂର୍ବ ପ୍ରସ୍ତୁତି ମୁତାବକ ଜଂକିଆ କିମ୍ବା ସିକୋ ବାଟେ ଥାନା, ଫାଣ୍ଡି ଥିବାରୁ ସେମାନେ ଟାଙ୍ଗୋଳ ଦେଇ ଫେରାର ହେବାକୁ ସଫଳ ହୋଇଥିଲେ । ଦୋକାନ ମାଲିକ ପୁଷ୍ପ ରଞ୍ଜନ ସାହୁଙ୍କ ପତ୍ନୀ ଅରୁନ୍ଧତୀ ସାହୁଙ୍କ ଅଭିଯୋଗ ଅନୁଯାୟୀ ଡକାୟତମାନେ ସମୁଦାୟ ୧୧କେଜି ୫୦୦ଗ୍ରାମ ସୁନା ଓ ୫କେଜି ରୂପା ଅଳଙ୍କାର ଲୁଟ୍ କରିଥିଲେ । ଯାହାର କି ଆନୁମାନିକ ମୂଲ୍ୟ ୧୧କୋଟି ୫୫ଲକ୍ଷ ଟଙ୍କା ହେବ । ଘଟଣାସ୍ଥଳକୁ ଖୋର୍ଦ୍ଧାରେ ନୂତନ କରି ଯୋଗଦାନ କରିଥିବା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡି ପିଓ ନିହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ ।




# ୩ ବରିଷ୍ଠ ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୨।୯/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଗୋପବନ୍ଧୁ ଏକାଡେମୀ ପକ୍ଷରୁ ଚାଲିଥିବା ଜାତୀୟ ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ୫ଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଆସିଥିବା ଭାରତର ୩ ଜଣ ବରିଷ୍ଠ ଭାରତୀୟ ବୈଦେଶିକ ସେବା ଅଧିକାରୀ ମଙ୍ଗଳବାର ପୂର୍ବାହ୍ଣରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି କୋଣାର୍କରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ତାଙ୍କୁ ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିରକୁ ପାଛୋଟି ନେଇଥିଲେ । ସୂର୍ଯ୍ୟମନ୍ଦିର କଳା ଭାସ୍କର୍ଯ୍ୟ ସ୍ଥାପତ୍ୟ ବୁଲି ଦେଖି ସେମାନେ ବିମୋହିତ ହେବା ସହ ଓଡିଶାର କୀର୍ତ୍ତିରାଜିକୁ ନେଇ ପ୍ରଶଂସା କରିଥିଲେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିରର ପ୍ରଶିକ୍ଷିତ ବରିଷ୍ଠ ଗାଇଡ଼ି ବିଶେଶ୍ୱର ଦାଶ କୋଣାର୍କ ସୂର୍ଯ୍ୟ ମନ୍ଦିରର କଳା ସ୍ଥାପତ୍ୟ, କାରୁକାର୍ଯ୍ୟ, ସଂସ୍କୃତି ସହିତ ଐତିହାସିକ ଓ ପୌରାଣିକ ତଥ୍ୟ ଉପରେ ସେମାନଙ୍କୁ ଟିକିନିଖି ଭାବେ ବୁଝାଇ ବୁଲାଇ ଦେଖାଇଥିଲେ । କୋଣାର୍କ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ମକୁନ୍ଦପ୍ରସାଦ ଚେକ୍ ଗେଟ୍ ନିକଟରୁ ୨ ବାଇକ୍ ଚୋର ଗିରଫ




**ଖୋର୍ଦ୍ଧା,୨।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୁଲିସ୍ର ପାଟ୍ରୋଲିଂ ଗାଡ଼ି ମକୁନ୍ଦପ୍ରସାଦ ଚେକ ଗେଟ୍ ନିକଟରୁ ଦୁଇଜଣ ବାଇକ ଚୋରଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଦୁଇଟି ଗାଡ଼ି ସମେତ ଦୁଇ ମୋବାଇଲ ଜବତ କରିଛି । ସୂଚନା ଅନୁଯାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୁଲିସ ପେଟ୍ରୋଲିଙ୍ଗ ସମୟରେ ସନ୍ଦେହରେ ମକୁନ୍ଦପ୍ରସାଦ ଚେକ ଗେଟ ନିକଟରେ ଦୁଇଜଣ ବାଇକ ଚାଳକଙ୍କୁ ଅଟକାଇ ଗାଡ଼ିର କାଗଜ ପତ୍ର ଯାଞ୍ଚ କରିଥିଲେ । ତେବେ ଉଭୟ ବାଇକ ଚାଳାକଙ୍କ ନିକଟରେ କୌଣସି ପ୍ରକାର କାଗଜ ପତ୍ର ନଥିବା ବେଳେ ଗାଡ଼ିର ନମ୍ବର ମଧ୍ୟ କହିପାରିନଥିଲେ । ଯାହାକୁ ନେଇ ପୁଲିସ୍ର ସନ୍ଦେହ ବଢ଼ିଥିଲା । ପରବର୍ତ୍ତୀ ସମୟରେ ଗାଡ଼ିରେ ଲାଗିଥିବା ନମ୍ବରକୁ ପରିବହନ ଆପରେ ସର୍ଚ୍ଚ କରିବାରୁ ଜଣାପଡିଥିଲା ଏହି ଗାଡ଼ିରେ ଲାଗିଥିବା ନମ୍ବର ସମ୍ପୂର୍ଣ୍ଣ ମିଥ୍ୟା । ଯାହାକୁ ନେଇ ଉଭୟ ଗାଡ଼ି ସହିତ ଦୁଇ ବାଇକ ଚାଳକଙ୍କୁ ଥାନାକୁ ଆଣି ପଚାର ଉଚରା କରିବା ସମୟରେ ଜଣା ପଡିଥିଲା ଏହି ଦୁଇଜଣ ବାଇକ ଚୋରି କରି ଆଣିଛନ୍ତି । ଯାହାକୁ ନେଇ ଶିଳ୍ପାଞ୍ଚଳ ପୁଲିସ ଉଭୟଙ୍କ ପଚାର ଉଚରା କରିବା ସମୟରେ ଉଭୟ ସତ ମାନିଥିଲେ ସେମାନେ ଏହି ଗାଡ଼ି ଦୁଇଟି ଚୋରି କରି ଆଣିଛନ୍ତି । ଏହାପରେ ଅଧିକ ପଚାର ଉଚରା କରିବା ସହିତ ତଦନ୍ତ କରିବାରୁ ଚୋରି ବାଇକ ରଖୁଥିବା ସ୍ଥାନରେ ଚଢ଼ଉକରିଥିଲେ । ଗଡ଼ଖୋର୍ଦ୍ଧା ଓ ଯେମାଦେଇ ଅଞ୍ଚଳରେ ଚୋରମାନେ ଚୋରି ଗାଡ଼ି ରଖୁଥିବା ଖବର ପାଇ ପୁଲିସ ତଦନ୍ତ କରିବା ସମୟରେ ଗଡଖୋରଧା ପାଣିଟାଙ୍କି ନିକଟରେ ନମ୍ବର ବିହୀନ ୫ଟି ଚୋରି ଗାଡ଼ିକୁ ଶିଳ୍ପାଞ୍ଚଳ ପୁଲିସ ଜବତ କରିଛି । ଏବଂ ଗିରଫ କାରୀଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ସମେତ ଏକ ମାଷ୍ଟର କି ଜବତ କରିଛି । ତେବେ ଗିରଫ ଅଭିଯୁକ୍ତଙ୍କ ନାମକୁ ଗୋପନ ରଖିଥିବା ବେଳେ ଦୁଇଜଣ ନୟାଗଡ଼ା ଜିଲ୍ଲା ଦଶପଲ୍ଲାର ୨୦ବର୍ଷର ଯୁବକ ହୋଇଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

## ନିଖୋଜ ନାବାଳିକା ଉଦ୍ଧାର

**ନୟାହାଟ,୨।୯/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଓ୍ୱାଳି ପଞ୍ଚାୟତର ଜଣେ ନାବାଳିକା ଅନ୍ୟଜଣେ ବିବାହିତ ଯୁବକ ସହିତ ଫେରାର ହେବା ପରେ ଝିଅର ପରିବାର ଫାଣ୍ଡିରେ ଅଭିଯୋଗ କରିଥିଲେ । ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କ୍ଷୀର ଗାଡ଼ି ଚଳାଉଥିବା ଯୁବକଠାରୁ ନାବାଳିକାକୁ ଉଦ୍ଧାର କରି ମଙ୍ଗଳବାର ତାଙ୍କ ପରିବାରକୁ ଜିମା ଦେଇଥିଲେ ।

# କେରଳରୁ ଅଣାଯିବ ଶ୍ରମିକ ଲକ୍ଷ୍ମୀଧରଙ୍କ ମୃତଦେହ

**ନୟାଗଡ଼,୨।୯/ଏନ୍‌ଏନ୍‌ଏସ୍:** କେରଳର ମାଲାପୁରମ ଜିଲ୍ଲାରେ ନୟାଗଡ଼ର ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ନୟାଗଡ଼ ଥାନା କ୍ରୀଡାଶପୁର ପଞ୍ଚାୟତର କୋଡିଏକାହାଣିଆ ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁ(୨୩) ଆଜିକୁ ୫ବର୍ଷ ହେବ କେରଳ ଯାଇ ସେଠାରେ କାମ କରୁଥିଲେ । ସେ ସେଠାକାର ମାଲାପୁରମ୍ ଜିଲ୍ଲାର ତିରୁରୁ ନିକଟ ଚେଙ୍ଗୁଟିରେ ଥିବା ପିଏନ୍ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ଦୀର୍ଘଦିନ ଧରି କମ୍ପାନୀର ବାହାରେ ଏକ ଘରେ ଲକ୍ଷ୍ମୀଧର ଓ ତା'ର ସହକର୍ମୀମାନେ ରହୁଥିବା ବେଳେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଛି ବୋଲି ସୋମବାର ରାତିରେ ହଠାତ୍ ତାଙ୍କ ପିତା ଧନେଶ୍ୱରଙ୍କ ନିକଟକୁ ଖବର ସହିତ ଝୁଲନ୍ତା ଅବସ୍ଥାରେ ଏକ ଫଟୋ ପଠାଇଥିଲେ । ଏପରି ଫଟୋକୁ ଦେଖିବା ପରେ ସେ ହତବାକ୍ ହେବା ସହ ପରିବାର କି ଗାଁ ଲୋକେ ଏହାକୁ ବିଶ୍ୱାସ କରିପାରି ନଥିଲେ । ତେବେ ତାକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଘର ସେଣୀରେ ଟାଙ୍ଗି ଦେଇଥିବା ଧନେଶ୍ୱର ଓ ତା'ର ପରିବାର ଲୋକେ ଅଭିଯୋଗ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ଶୁଣି କୋଡିଏକାହାଣିଆ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପୁଅର ଶବକୁ ସେଠାରୁ କେମିତି ଅଣାଯିବ ସେନେଇ ପିତା ଧନେଶ୍ୱରଙ୍କର ଚିନ୍ତା ପ୍ରକଟ ହୋଇଛି । ପୁଅ ଲକ୍ଷ୍ମୀଧରଙ୍କ ରୋଜଗାରରେ ଘର ଚଳୁଥିବା ବେଳେ ସେ ଏବେ ବେସାହାରା ହୋଇଗଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଶବ ଆଣିବାକୁ ତାଙ୍କ ପିତା ନିବେଦନ କରିଛନ୍ତି । ଖବର ସଂଗ୍ରହ ସୁଦ୍ଧା ସେଠାରେ ଶବ ବ୍ୟବଚ୍ଛେଦ ହୋଇଥିବା ବେଳେ ଆଜି ରାତି ୯ଟା ସମୟରେ କେରଳର କୁଚି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ଫ୍ଲାଇଟ୍ ଯୋଗେ କମ୍ପାନୀ ପକ୍ଷରୁ ଭୁବନେଶ୍ୱର ପଠାଯାଉଥିବା ଜଣାପଡ଼ିଛି । ତେବେ ପୁଅ ଲକ୍ଷ୍ମୀଧରକୁ ହତ୍ୟା କରାଯାଇ ଭିନ୍ନ ରୂପ ଦିଆଯାଇଥିବା ପିତା ଧନେଶ୍ୱର ସ୍ୱାଇଁ ଅଭିଯୋଗ କରିଥିବା ବେଳେ ମୃତକଙ୍କ ଗ୍ରାମ କୋଡିଏକାହାଣିଆକୁ ଶ୍ରମବିଭାଗ ଯାଇ ଅନୁସନ୍ଧାନ କରିଛି । ଲକ୍ଷ୍ମୀଧରଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

### ପଞ୍ଜାବରେ ଉତ୍କଟ ବନ୍ୟା ...

ଘେରରେ ବନ୍ଦୀ ରହିଥିବା ବେଳେ ଏପରି ଏକ ସଂକଟ ସମୟରେ ସାରା ଦେଶ ପଞ୍ଜାବ ସହ ଛିଡା ହୋଇଛି । ବନ୍ୟା ପୀଡ଼ିତଙ୍କ ପାଇଁ ପଞ୍ଜାବରେ ଶାସକ ଦଳ ଆମ୍ ଆଦମୀ ପାର୍ଟିର ସମସ୍ତ ବିଧାୟକ, ମନ୍ତ୍ରୀ ଓ ସାଂସଦମାନେ ନିଜ ମାସକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିବା ଆରମ୍ଭ କରିଛନ୍ତି । ପଞ୍ଜାବର ମନ୍ତ୍ରୀ ରାବଜତ୍ ସିଂହ ନିଜ ବର୍ଷକର ଦରମା ମଧ୍ୟ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିବା ମାନ୍ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ପଞ୍ଜାବକୁ ସବୁ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଇତିମଧ୍ୟରେ ହରିଆଣା ପଞ୍ଜାବକୁ ୫ କୋଟି ଟଙ୍କାର ଆର୍ଥିକ ସହାୟତା କରିଥିବା ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପଞ୍ଜାବର ସଙ୍କଟ ସମୟରେ ରାଜନୀତିରୁ ଉପରକୁ ଉଠି ମାନବିକତାର ପରିଚୟ ଦେବାକୁ ସବୁ ରାଜନୈତିକ ଦଳର ନେତାଙ୍କୁ ପଞ୍ଜାବ ପାଇଁ ସାହାଯ୍ୟ କରିବାକୁ ଅପିଲ କରିଛନ୍ତି ଅରବିନ୍ଦ କେଜ୍ରିୱାଲ୍ । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ସରକାର ପଞ୍ଜାବର ଏହି ବିପଦ ବେଳେ ସହାୟତା କରିବାକୁ ଏବଂ ପଞ୍ଜାବ ପାଇଁ ସାରା ଦେଶ ଏକାଠି ହେବାକୁ କେଜ୍ରିୱାଲ୍ ଅନୁରୋଧ କରିଛନ୍ତି ।

ପଞ୍ଜାବ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ହରଦୀପ୍ ମୁନ୍‌ଦିଆନ୍ ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷା ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁ ପ୍ରାୟ ୧୨ଟି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଏହି ୧୨ ଜିଲ୍ଲାର ପ୍ରାୟ ୨.୫୬ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏସମସ୍ତ ଲୋକ ନିଜ ଘରଦ୍ୱାର, ଫସଲ, ସଞ୍ଚିତ ଅର୍ଥ ସବୁକିଛି ହରାଇଛନ୍ତି । ଗୁରୁଦାସପୁର, ଫିରୋଜପୁର, ଫାଜିଲ୍‌କା, ଅମୃତସର, ପଠାନ୍‌କୋଟ ଏବଂ ହୋସିଆରପୁର ଭଳି ଜିଲ୍ଲାରେ ଅନେକ ଲୋକ ଗୁରୁତର ପ୍ରଭାବିତ ହୋଇଛନ୍ତି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨୯ଟି ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯାଇଛି । ସେହିପରି ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ଯୋଗାଣ କାର୍ଯ୍ୟ ଜାରି ରହିଛି ।

# ଚନ୍ଦ୍ରଭାଗା ସମୁଦ୍ରରେ ବୁଡ଼ିଯାଉଥିବା ମହିଳା ପର୍ଯ୍ୟଟକଙ୍କୁ ବଞ୍ଚାଇଲେ ଲାଇଫଗାର୍ଡ

**କୋଣାର୍କ,୨।୯/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ପୂର୍ବାହ୍ନରେ ବିହାରରୁ ଏକ ବସ ରେ ଆସିଥିବା ପର୍ଯ୍ୟଟକ ଚନ୍ଦ୍ରଭାଗା ସମୁଦ୍ରରେ ସକାଳ ୬ଟା ୩୦ ମିନିଟ ସମୟରେ ଗାଧୋଉଥିବା ବେଳେ ଲଘୁଚାପକୁ ନେଇ ଉଚ୍ଚ ଲହଡି ମାଡରେ ଭାସିଯାଇ ଗଭୀର ସମୁଦ୍ର ମଧ୍ୟକୁ ବୁଡି ଯାଉଥିବା ରମାଦେବୀ ଚୌଧୁରୀ(୫୦) ନାମକ ଜଣେ ମହିଳାପର୍ଯ୍ୟଟକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ସେଠାରେ ଉପସ୍ଥିତ ଥିବା ଅନ୍ୟ ସାଥୀମାନେ ଦେଖି ହୋହଲ୍ଲା କରିବାରୁ ଘଟଣାସ୍ଥଳରେ କାର୍ଯ୍ୟରେ ନିୟୋଜିତ ଥିବା ଲାଇଫ୍‌ଗାର୍ଡ ପିକି ରମଣ ଓ ତେଲୁଗୁବସ୍ତିର ସ୍ୱେଚ୍ଛାସେବୀ କୋଡା ବଳରାମ, ପିକି କୋଦଣ୍ଡା ସମୁଦ୍ର ମଧ୍ୟକୁ ପହଁରି ତାଙ୍କୁ ଉଦ୍ଧାର କରିଥିଲେ । ଲହଡି ମାଡରେ ତାଙ୍କର ବାମ ଗୋଡ଼ଟି ଭାଙ୍ଗି ଯାଇଥିବା ଅନୁମାନ କରାଯାଉଛି । ଖବର ପାଇ କୋଣାର୍କ ଚମ୍ପାହର ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ମହିଳା ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା । ଅଗ୍ନିଶମ କର୍ମଚାରୀ ଓ ଲାଇଫ୍‌ଗାର୍ଡ ଓ ସ୍ୱେଚ୍ଛାସେବୀ ଗୁରୁତର ଅବସ୍ଥାରେ ଉଦ୍ଧାର ମହିଳା ଜଣକୁ ୧୦୮ ଆମ୍ବୁଲାନ୍ସରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।



## ଆଜିର ଇତିହାସ

- ୧୯୯୮-ଶିଖର ସମ୍ମିଳନୀରେ କାଶ୍ମୀର ମୁଦ୍ଦା ଉଠାଯିବାରୁ ପ୍ରଧାନମନ୍ତ୍ରୀ ନାରାଜ ହୋଇଥିଲେ।
- ୨୦୦୮-ରାଜେନ୍ଦ୍ର କୁମାର ପଚୌରୀ ସଂଯୁକ୍ତ ରାଷ୍ଟ୍ରର ସଂସ୍ଥା ଜଳବାୟୁ ପରିବର୍ତ୍ତନର ଆଭ୍ୟନ୍ତରୀଣ ସରକାରୀ ପ୍ୟାନେଲ୍‌ର ପୁନଃ ପ୍ରମୁଖ ଚୟନିତ ହୋଇଥିଲେ।
- ୨୦୦୯-ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇଏସ୍ ରେଡ୍ଡିଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।
- ୨୦୧୪-ଭାରତ-ପାକିସ୍ତାନରେ ଅଚାନକ ଆସିଥିବା ବନ୍ୟା କାରଣରୁ ୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୭୬-ଅଭିନେତା ବିବେକ ଓବେରୟଙ୍କର ଆଜି ଜନ୍ମଦିନ।
- ୧୯୯୨- ପ୍ରସିଦ୍ଧ ମହିଳା ପହଲବାନ ସାକ୍ଷୀ ମଲିକ ଏହି ଦିନ ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ଦିନଟି ଆପଣଙ୍କ ପାଇଁ ଶୁଭ। ମାତାପିତାଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ସୁଧାର ହେବ। ସରପ୍ରାଇଜ୍ ମିଳିପାରେ। ସହକର୍ମୀ ପ୍ରଶଂସା କରିବେ। କାରବାରରେ ଲାଭ ମିଳିବ।

**ବୃଷ:** ସ୍ୱାସ୍ଥ୍ୟ ଆଜି ଖୁବ୍ ଭଲ ରହିବ। ସମ୍ପତ୍ତି ସହିତ ଜଡ଼ିତ ମାମଲାରେ ସଫଳତା ପାଇବେ। ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ମିଳିବ। ନିଜ ଲକ୍ଷ୍ୟକୁ ପାଇବାରେ ସଫଳ ହେବେ। ବୈବାହିକ ଜୀବନ ସୁଖମୟ ରହିବ।

**ମିଥୁନ:** ଆବେଶରେ ଆସି ନିଷ୍ପତ୍ତି ନନେଲେ ଭଲ। ପରିବାରରେ ଶୁଭ ସମାଚାର ପାଇବେ। ମନ ପ୍ରସନ୍ନ ରହିବ। ଇମୋସନାଲ୍ ଫିଲିଂସ୍‌କୁ ଚାପି ରଖିବେ। ଆର୍ଥିକ ଦିଗରୁ ଦିନଟି ଉତ୍ତମ। ଯାତ୍ରା ଆନନ୍ଦଦାୟକ ରହିବ।

**କର୍କଟ:** ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ସନ୍ତାନର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। କାର୍ଯ୍ୟସ୍ଥଳରେ ପରିବର୍ତ୍ତନ ହୋଇପାରେ। ଶୀଘ୍ର ନିଷ୍ପତ୍ତି ନେଲେ କ୍ଷତି ସହିବେ।

**ସିଂହ:** ଦିନର ଆରମ୍ଭ ଯୋଗ ଓ ଧ୍ୟାନରୁ କରନ୍ତୁ। ମାନସିକ ସ୍ତରରେ ଫିଟ୍ ରହିବେ। ଜମି ସଂକ୍ରାନ୍ତୀୟ ମାମଲାରେ ଅର୍ଥ ଖର୍ଚ୍ଚ ହୋଇପାରେ। କାର୍ଯ୍ୟସ୍ଥଳରେ ବିଚାରକୁ ଶୁଣିବେ। ବ୍ୟବସାୟିକ ଉନ୍ନତି ସମ୍ଭବ।

**କନ୍ୟା:** କାରବାରରେ ବୃଦ୍ଧି ହୋଇପାରେ। ମହତ୍ତ୍ୱପୂର୍ଣ୍ଣ କାମ ହୋଇଗଲେ ମାନସିକ ଶାନ୍ତି ପାଇବେ। ଆର୍ଥିକ ଲାଭ ହେବ। ଅଫିସ୍‌ରେ ସାବଧାନ ରହିବେ। ଜୀବନସାଥି ସହିତ ନାରାଜ ରହିବେ।

**ତୁଳା:** ମୁଡ୍‌ରେ ପରିବର୍ତ୍ତନ ହେବ। କ୍ୟାରିୟରର ନୂଆ ଶିଖରକୁ ପହଞ୍ଚିବେ। ଲକ୍ଷ୍ୟ ପ୍ରାପ୍ତି ଆଜି ସହଜ ହେବ ନାହିଁ। ଅଫିସ୍‌ରେ ସଙ୍କୋଚତାର ସହିତ କାମ କରିବେ। ଯାତ୍ରାରୁ ଲାଭ ମିଳିବ।

**ବିଛା:** ମନ ଆଜି ଚିନ୍ତିତ ରହିବ। ପିତାଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖିବେ। କାରବାରରେ ପରିବର୍ତ୍ତନ ଯୋଗ ରହିଛି। ମିତ୍ରଙ୍କ ସହଯୋଗ ପାଇବେ। ନିଜ ଲୋକଙ୍କ ସାଥ୍ ମିଳିବ। ଆବଶ୍ୟକୀୟ ସାମଗ୍ରୀ ପାଇଯିବେ।


**ଧନୁ:** ପରିଶ୍ରମର ଫଳ ଆଜି ପାଇବେ। ଏନର୍ଜି ବଞ୍ଚେଇକି ରଖନ୍ତୁ। ଧନ ଲାଭ ଯୋଗ ଅଛି। ଋଣ ପରିଶୋଧ କରିପାରନ୍ତି। ନୂଆ ଭାଗୀଦାରୀରେ ଦସ୍ତଖତ ନକଲେ ଭଲ। ସାଥି ସହିତ କ୍ୱାଲିଟି ସମୟ ବିତେଇବେ।

**ମକର:** ଦିନର ଆରମ୍ଭ ବ୍ୟାୟାମରୁ କରିବେ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ ଲାଭ ଦେବ। ଘରୋଇ ମାମଲାର ସମାଧାନ ପାଇଁ ଦିନଟି ଅନୁକୂଳ। ପେସାଗତ ଜୀବନରେ ଲାଭ ସମ୍ଭବ।

**କୁମ୍ଭ:** ଆର୍ଥିକ ସ୍ଥିତିରେ ସୁଧାର ହେବ। ଆକସ୍ମିକ ସୋର୍ସରୁ ଧନ ଲାଭ ହେବ। ଆର୍ଥିକ ସ୍ଥିରତା ମିଳିପାରେ। ବାଦବିବାଦରୁ ଦୂରରେ ରହିଲେ ଭଲ। ବ୍ୟାପାରିକ ଯୋଜନା ସଫଳ ହେବ।

**ମୀନ:** ମନରେ ଉତ୍ଥାନ-ପତନ ସ୍ଥିତି ରହିବ। ପରିବାରର ସହଯୋଗ ରହିବ। କୌଣସି ରାଜନେତାଙ୍କ ସହିତ ସାକ୍ଷାତ ହୋଇପାରେ। କାରବାରରେ ମିତ୍ରଙ୍କ ସହଯୋଗ ପାଇବେ। ଆର୍ଥିକ ଲାଭ ବୃଦ୍ଧି ଯୋଗ ଅଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋସ୍ତୁ ତେ ସର୍ବତ ଏବ ସର୍ବ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋସି ସର୍ବଃ। (୧୧/୪୦)

ହେ ସର୍ବସ୍ୱରୂପ! ତୁମକୁ ସମ୍ମୁଖ ଭାଗରେ ନମସ୍କାର କରୁଛି ଏବଂ ତୁମକୁ ସବୁଆଡ଼େ ନମସ୍କାର କରୁଛି। ତୁମର ପରାକ୍ରମ ମଧ୍ୟ ଅପରିମିତ। ତୁମେ ସମସ୍ତ ବିଶ୍ୱରେ ବ୍ୟାପି ଅଛ। ସେହି ହେତୁରୁ ତୁମେ ସର୍ବସ୍ୱରୂପ।

ଏହାର ଅର୍ଥ ହେଲା ଯେ ଯେତେବେଳେ ଭକ୍ତି, ଶ୍ରଦ୍ଧା ଓ ଭୟର ଆଧିକ୍ୟ ହୁଏ, ସେତେବେଳେ ଭକ୍ତ ବାରମ୍ବାର ନମସ୍କାର କରି ମଧ୍ୟ ତୃପ୍ତ ହୋଇ ନପାରି ପୁନର୍ବାର ନମସ୍କାର କରେ। ବୀର୍ଯ୍ୟ ଓ ବିକ୍ରମ ମଧ୍ୟରେ ପ୍ରଭେଦ ନିର୍ଦ୍ଦେଶ କରି କେହି କେହି କହନ୍ତି - ବୀର୍ଯ୍ୟର ଅର୍ଥ ଶାରୀରିକ ସାମର୍ଥ୍ୟ ଓ ବିକ୍ରମର ଅର୍ଥ ଅସ୍ତ୍ର ପ୍ରୟୋଗ ନିପୁଣତା।

# ପରିବର୍ତ୍ତିନୀ ଏକାଦଶୀ

**ଭାଦ୍ରପଦ ମାସ ଶୁକ୍ଳ ପକ୍ଷର ଏକାଦଶୀକୁ କୁହାଯାଏ ପରିବର୍ତ୍ତିନୀ ଏକାଦଶୀ। ହିନ୍ଦୁ ଧର୍ମରେ ଏକାଦଶୀ ତିଥିର ରହିଛି ଯଥେଷ୍ଟ ଗୁରୁତ୍ୱ। ପ୍ରତି ମାସରେ ଦୁଇ ଥର ଏକାଦଶୀ ତିଥି ପଡ଼େ-ଶୁକ୍ଳ ପକ୍ଷ ଓ କୃଷ୍ଣ ପକ୍ଷରେ। ଏକାଦଶୀ ତିଥି ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ଦିନ। ଏହି କ୍ରମରେ ଆଜି ପାଳନ କରାଯାଉଛି ପରିବର୍ତ୍ତିନୀ ଏକାଦଶୀ। ଏହାକୁ ଜୟନ୍ତୀ ଏକାଦଶୀ ନାମରେ ମଧ୍ୟ ଲୋକମାନେ ଜାଣନ୍ତି। ଏହି ତିଥିରେ ଅନେକ ଶୁଭ ସଂଯୋଗ ହେଉଛି ଯେଉଁଥିରେ ଆୟୁଷ୍ମାନ, ସୌଭାଗ୍ୟ ଓ ରବି ଯୋଗ ସାମିଲ ଅଛି। ଆଜିର ତିଥି ଆରମ୍ଭ ହେଉଛି ଭୋର୍ ୩.୫୩ରୁ ଓ ଶେଷ ହେବ ଆସନ୍ତା କାଲି ଭୋର୍ ୪.୨୧ରେ। ପରିବର୍ତ୍ତିନୀ ଏକାଦଶୀରେ ଭଗବାନ ବିଷ୍ଣୁ ଓ ତାଙ୍କ ବାମନ ରୂପକୁ ପୂଜା କରାଯାଏ।**



କଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ, ରାଜା ଯୁଧିଷ୍ଠିରଙ୍କୁ ପରିବର୍ତ୍ତିନୀ ଏକାଦଶୀ କଥା ଶୁଣେଇଥିଲେ। ତ୍ରେତୟା ଯୁଗରେ ବଳି ନାମକ ଏକ ଦୈତ୍ୟ ଥିଲା ଯିଏ ଭଗବାନ ବିଷ୍ଣୁଙ୍କର ଥିଲା ପରମ ଭକ୍ତ। ସେ ବିବିଧ ପ୍ରକାରର ବେଦ ସୂକ୍ତ ଦ୍ୱାରା ପୂଜନ କରୁଥିଲା ଓ ନିତ୍ୟ ବ୍ରାହ୍ମଣମାନଙ୍କୁ ପୂଜନ କରିବା ସହିତ ଯଜ୍ଞ ଆଦିର ଆୟୋଜନ କରୁଥିଲା। କିନ୍ତୁ ଇନ୍ଦ୍ର ଦେବତାଙ୍କ ସହିତ ଦ୍ୱେଷ କାରଣରୁ ଇନ୍ଦ୍ରଲୋକ ତଥା ସମସ୍ତ ଦେବତାମାନଙ୍କ ଉପରେ ସେ ବିଜୟ ପ୍ରାପ୍ତ କରିଥିଲା। ଏହି କାରଣରୁ ବୃହସ୍ପତିଙ୍କ ସହିତ ଇନ୍ଦ୍ରାଦିକ ଦେବତାମାନେ ପ୍ରଭୁଙ୍କ ନିକଟକୁ ଯାଇ ନତମସ୍ତକ ହୋଇ ବେଦ ମନ୍ତ୍ର ଦ୍ୱାରା ଭଗବାନଙ୍କ ପୂଜନ ଓ ସ୍ତୁତି କରିବାକୁ ଲାଗିଲେ। ଶେଷରେ ମାନବ ରୂପ ଧାରଣ କରି ଭଗବାନ ପଞ୍ଚମ ଅବତାର ଗ୍ରହଣ କଲେ। ଭଗବାନ ବାମନ ରୂପଧାରୀ ବ୍ରହ୍ମଚାରୀର ରୂପ ନେଇ ବଳି ଠାରୁ ତିନି ପାଦ ଭୂମିର ଯାଚନା କରିଥିଲେ। ରାଜା ବଳି ତାଙ୍କୁ ତୁଚ୍ଛ ମଣି ତିନି ପାଦର ସଂକଳ୍ପ କରିଥିଲା ଓ ପ୍ରଭୁ ତାଙ୍କର ତ୍ରିବିକ୍ରମ ରୂପକୁ ବୃଦ୍ଧି କରାଇ ଭୂଲୋକରେ ପାଦ, ଭୁଭର୍ଲୋକରେ ଜଙ୍ଘ, ସ୍ୱର୍ଗଲୋକରେ ଅଣ୍ଟା, ମହଃଲୋକରେ ପେଟ, ଜନଲୋକରେ ହୃଦୟ, ଯମଲୋକରେ କଣ୍ଠ, ସତ୍ୟଲୋକରେ ମୁଖ ଓ ଏହା ଉପରେ ମସ୍ତକକୁ ସ୍ଥାପନ କରିଥିଲେ। ଏହାପରେ ସୂର୍ଯ୍ୟ, ଚନ୍ଦ୍ର ଆଦି ସମସ୍ତ ଗ୍ରହଗଣ, ଯୋଗ, ନକ୍ଷତ୍ର, ଇନ୍ଦ୍ରାଦିକ ଦେବତା ଓ ଶେଷ ଆଦି ସବୁ ନାଗଗଣ ବିବିଧ ପ୍ରକାରର ବେଦ ସୂକ୍ତଗୁଡ଼ିକ ଦ୍ୱାରା ପ୍ରାର୍ଥନା କରିଥିଲେ। ଏହା ପରେ ଭଗବାନ, ରାଜା ବଳିକୁ କହିଲେ ଏକ ପାଦ ପୃଥିବୀରେ, ଦ୍ୱିତୀୟଟି ସ୍ୱର୍ଗଲୋକରେ ରଖିବା ପରେ ପୂର୍ଣ୍ଣ ହୋଇଗଲା ଓ ତୃତୀୟ ପାଦଟି ଏବେ ମୁଁ କେଉଁଠି ରଖିବି ? ଏହାପରେ ରାଜା ବଳି ନତମସ୍ତକ ହୋଇଗଲା ଓ ଭଗବାନ ନିଜ ପାଦ ତା' ମସ୍ତକ ଉପରେ ରଖିଦେଲେ। ଏହାପରେ ସେ ପାତାଳଲୋକ ଚାଲିଗଲା। ରାଜା ବଳିର ନମ୍ରତାକୁ ଦେଖିବା ପରେ ପ୍ରଭୁ ସବୁବେଳେ ତା' ନିକଟରେ ରହିବେ ବୋଲି କହିଥିଲେ। ଏହାପରେ ଭାଦ୍ରପଦ ଶୁକ୍ଳ ଏକାଦଶୀ ଦିନ ବଳିର ଆଶ୍ରମରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତିର ସ୍ଥାପନା କରାଯାଇଥିଲା।

## ଫେଙ୍ଗ୍ ଶୁଇ ଟିପ୍‌ସ: କେତେ ପ୍ରକାରର ଲାଫିଙ୍ଗ୍ ବୁଦ୍ଧ



ଫେଙ୍ଗ୍ ଶୁଇରେ ଲାଫିଙ୍ଗ୍ ବୁଦ୍ଧଙ୍କୁ ସୁଖ, ସମୃଦ୍ଧି ଓ ସକାରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଏ। ତାଙ୍କୁ ଘରେ କିମ୍ବା କାର୍ଯ୍ୟସ୍ଥଳରେ ରଖିବା ଦ୍ୱାରା ନକାରାତ୍ମକତା ଦୂର ହୁଏ ଓ ସୌଭାଗ୍ୟ ଆସେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଫେଙ୍ଗ ଶୁଇଙ୍କ ଅନୁସାରେ ଅଲଗା ଅଲଗା ମନୋକାମନା ପାଇଁ ବିଭିନ୍ନ ପ୍ରକାରର ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖାଯାଇଥାଏ।



### ଉପରକୁ ହାତ କରିଥିବା ମୂର୍ତ୍ତି:

ଦୁଇ ହାତ ଉପରକୁ କରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ବ୍ୟବସାୟରେ ପ୍ରଗତି ଓ ସଫଳତା ଆଣିଥାଏ। ଦୋକାନ ଆଦିରେ ଏହିପରି ମୂର୍ତ୍ତି ରଖିଲେ ବ୍ୟାପାରରେ ବୃଦ୍ଧି ହୁଏ ଓ ବାଧାବିଘ୍ନ ଦୂର ହୁଏ। ତେଣୁ ତାଙ୍କୁ ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜା ପ୍ରବାହିତ ହେବା ସହିତ ସୌଭାଗ୍ୟ ଓ ଉତ୍ସାହ ବୃଦ୍ଧି ହେବ।



### ଧନ ମୁଣି ଧରିଥିବା ମୂର୍ତ୍ତି:

ଧନର ମୁଣି ଧରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ବା କାର୍ଯ୍ୟସ୍ଥଳରେ ରଖିବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୁଏ। ଧନ, ସମୃଦ୍ଧି ଓ ଆର୍ଥିକ ସ୍ଥିରତା ଆଡ଼କୁ ଏହି ମୂର୍ତ୍ତି ଆକର୍ଷିତ କରେ। ଏଥିପାଇଁ ଏହାଙ୍କୁ ମୁଖ୍ୟ ଦ୍ୱାର ସମ୍ମୁଖରେ ବା ଧନ କୋଣ (ଦକ୍ଷିଣ-ପୂର୍ବ) ଦିଗରେ ରଖନ୍ତୁ। ତେବେ ମୂର୍ତ୍ତିର ମୁହଁ ଘରର ଭିତର ଆଡ଼କୁ ରହିବା ଉଚିତ।




### ଶୋଇଥିବା ଲାଫିଙ୍ଗ୍ ବୁଦ୍ଧ:

ଦୁର୍ଭାଗ୍ୟ ଓ ନକାରାତ୍ମକତା ଉର୍ଜାରୁ ମୁକ୍ତ ହେବା ପାଇଁ ଯଦି ଚାହୁଁଛନ୍ତି ତେବେ ଶୋଇଥିବା ପୋଜିସନ୍‌ର ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ଘରେ ରଖନ୍ତୁ। ଏହିପରି ମୂର୍ତ୍ତି ଶାନ୍ତି ଓ ସନ୍ତୁଳନ ଆଣିଥାନ୍ତି। ତାଙ୍କୁ ଆଣି ଡ୍ରଇଂ ରୁମ୍‌ରେ ରଖନ୍ତୁ। କିନ୍ତୁ ଭୂମିରେ ରଖିବେ ନାହିଁ। ଅତି କମ୍‌ରେ ଭୂମିଠାରୁ ୩୦ ଇଞ୍ଚ ଉପରେ ତାଙ୍କୁ ରଖିବା ଉଚିତ।


### ପିଲାଙ୍କ ସହିତ ଲାଫିଙ୍ଗ୍ ବୁଦ୍ଧ:

ପିଲାମାନଙ୍କ ସହିତ ବସିଥିବା ମୂର୍ତ୍ତି ସନ୍ତାନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଦୂର କରିଥାଏ। ଏହି ମୂର୍ତ୍ତି ପ୍ରଜନନ କ୍ଷମତା ଓ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଶୁଭ। ତେଣୁ ଏହିପରି ମୂର୍ତ୍ତିକୁ ପିଲାମାନଙ୍କ ପାଠପଢ଼ା ଘରେ ବା ପାରିବାରିକ କ୍ଷେତ୍ରରେ ରଖନ୍ତୁ। ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ରଖିଲେ ପରିବାରରେ ସୁଖ-ଶାନ୍ତି ବଜାୟ ରହିବ।



### ଧ୍ୟାନ ମୁଦ୍ରାର ମୂର୍ତ୍ତି:

ଧ୍ୟାନ ମୁଦ୍ରାରେ ବସିଥିବା ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ମାନସିକ ଶାନ୍ତି ଓ ଘରର ବାତାବରଣକୁ ଶୁଦ୍ଧ କରିଥାନ୍ତି। ସେଥିପାଇଁ ତାଙ୍କୁ ଡ୍ରଇଂ ରୁମ୍ ବା ଶାନ୍ତ ସ୍ଥାନରେ ରଖନ୍ତୁ। ଏହିପରି ମୂର୍ତ୍ତି ଚାପ କମ୍ କରାଇ ସକାରାତ୍ମକତାର ସଂଚାର କରନ୍ତି। ତାଙ୍କୁ ଆଣି ଉତ୍ତର-ପୂର୍ବ ଦିଗରେ ରଖିବେ।



### ଡ଼ଙ୍ଗାରେ ବସିଥିବା ମୂର୍ତ୍ତି:

ଏହିପରି ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ରଖିଲେ ସମସ୍ତ ପ୍ରକାରର ବାଧାବିଘ୍ନ ଓ ସମସ୍ୟା ଦୂର ହୁଏ। ଡ଼ଙ୍ଗାରେ ବସିଥିବା ମୂର୍ତ୍ତି ଜୀବନରେ ସ୍ଥିରତା ଓ ସୌଭାଗ୍ୟ ଆଣିଥାନ୍ତି। ସେଥିପାଇଁ ମୁଖ୍ୟ ଦ୍ୱାର କିମ୍ବା ଡ୍ରଇଁ ରୁମ୍‌ରେ ତାଙ୍କୁ ରଖନ୍ତୁ। ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଏହିପରି ମୂର୍ତ୍ତି ଶୁଭ।

## ହରର୍-କମେଡିରେ ମନୋଜ-ରାମ ଗୋପାଳ ଯୋଡ଼ି



ଅଭିନେତା ମନୋଜ ବାଜପେୟୀଙ୍କ ଆଗାମୀ ଫିଲ୍ମକୁ ନେଇ ଆସିଛି ଏକ ଅପଡେଟ୍। ଫିଲ୍ମ 'ପୁଲିସ୍ ଷ୍ଟେସନ୍ ମେଁ ଭୂତ୍'ର ଫାଷ୍ଟ ଲୁକ୍ ଜାରି ହୋଇଛି ଓ ଏଥିରେ ମନୋଜ ବାଜପେୟୀ ପୁଲିସ୍ ଭୂମିକାରେ ନଜର ଆସିବେ। ତେବେ ଫିଲ୍ମର ରହିଛି ଦୁଇଟି ବିଶେଷତା- ପ୍ରଥମ ମନୋଜ-ରାମ ଗୋପାଳ ବର୍ମାଙ୍କ ଯୋଡ଼ି ଅନେକ ବର୍ଷ ପରେ ଏକାଠି କାମ କରୁଛନ୍ତି ଓ ଦ୍ୱିତୀୟଟି ହେଉଛି ଏହା ଏକ ହରର୍-କମେଡି ଫିଲ୍ମ। ତେବେ ଏ ସମୟରେ ମନୋଜ ବାଜପେୟୀ କ୍ୟାରିୟର୍‌ର ଶୀର୍ଷ ସ୍ଥାନରେ ରହିଥିବା କାରଣରୁ ତାଙ୍କ ଖାତାରେ ରହିଛି ଅନେକ ଫିଲ୍ମ ଓ ୱେବ୍ ସିରିଜ। ତେବେ ଏହା ପୂର୍ବରୁ ମଧ୍ୟ କେତେକ ଫିଲ୍ମରେ ମନୋଜଙ୍କୁ ପୁଲିସ୍ ଭୂମିକାରେ ଦେଖିବାକୁ ମିଳିଛି। ତେବେ ମନୋଜ ସେୟାର୍ କରିଥିବା ଏକ ପୋଷ୍ଟରେ ପୁଲିସ୍ ଡ୍ରେସ୍‌ରେ ସେ ନଜର ଆସୁଛନ୍ତି ଓ ତାଙ୍କ ହାତରେ ରହିଛି ଏକ ଭୟଙ୍କର ଦେଖାଯାଉଥିବା କଣ୍ଢେଇ। ଏହା ସହିତ କ୍ୟାପ୍‌ସନ୍‌ରେ ସେ ଲେଖିଛନ୍ତି- 'ସତ୍ୟା'ରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ତାଙ୍କ ଯାତ୍ରାରେ ଏକ ଗୋଲା ପରି ସେ ବୁଲିବୁଲି ପହଞ୍ଚି ଯାଇଛନ୍ତି। ତେବେ ତିନି ଦଶକ ପରେ ପୁଣି ଥରେ ରାମ ଗୋପାଲ୍ ବର୍ମାଙ୍କ ସହିତ ରିୟୁନିଟ୍ କରିବାକୁ ଯାଉଛି ଯାହା ମୋ ପାଇଁ ବହୁତ ଖାସ୍।' ଏହା ମଧ୍ୟରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ୩୦ ବର୍ଷ ପୂରା କରିସାରିଲେଣି ମନୋଜ ବାଜପେୟୀ। ୧୯୯୪ରେ ରିଲିଜ ହୋଇଥିବା ଶେଖର କପୁରଙ୍କ ଫିଲ୍ମ 'ବ୍ୟାଣ୍ଡିଟ୍ କ୍ୱିନ୍'ରୁ ସେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ଡ଼ାକୁ ମାନସିଂହର ଏକ ଛୋଟ ଭୂମିକାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଫିଲ୍ମ 'ସତ୍ୟା' ତାଙ୍କୁ ଇଣ୍ଡଷ୍ଟ୍ରିର କିଙ୍ଗ୍ କରିଦେଇଥିଲା। ସେ ସମୟରେ ଶୁଲ୍, କୌନ୍, ଅକ୍ସ, ପିଞ୍ଜର ଓ ଜୁବେଦା ପରି ଫିଲ୍ମରେ ସେ ନଜର ଆସିଛନ୍ତି। ଏହାପରେ ତାଙ୍କ ପାଇଁ ଏକ ଥଣ୍ଡା ସମୟ ଆସିଥିଲା। ପରେ ଆସିଥିଲା ଫିଲ୍ମ 'ରାଜନୀତି' ଯାହାକୁ ମନୋଜ ଏକ ଟର୍ଣ୍ଣିଂ ପଏଣ୍ଟ ଭାବରେ ନିଅନ୍ତି। ତେବେ 'ଫ୍ୟାମିଲୀ ମ୍ୟାନ୍' ନାମକ ଏକ ୱେବ୍ ଶୋ' ଜରିଆରେ ସେ ଓଟିଟି ଡେବ୍ୟୁ ମଧ୍ୟ କରିସାରିଛନ୍ତି।

## ନୀଳ ଅଣ୍ଡାର ରହସ୍ୟ



ଯେଉଁଭଳି ଭାବରେ ପରିବାରର ଲୋକମାନେ ଏକ ଶିଶୁର ଜନ୍ମକୁ ଅପେକ୍ଷା କରି ରହିଥାନ୍ତି ସେହିଭଳି କର୍ଣ୍ଣାଟକର ଏକ ଗ୍ରାମରେ ପଶୁ ଚିକିତ୍ସକଙ୍କ ଏକ ଦଳ ଗୋଟିଏ କୁକୁଡ଼ାର ଅଣ୍ଡା ଅପେକ୍ଷାରେ ରହିଥିଲେ। ତେବେ ଏହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। କିନ୍ତୁ କୁକୁଡ଼ାଟି ମଧ୍ୟ ଏକ ଅସାମାନ୍ୟ କୁକୁଡ଼ା। କୁକୁଡ଼ାଟି ଏକ ନୀଳ ଅଣ୍ଡା ଦେଇ ତା'ର ମାଲିକକୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସାଧାରଣ କୁକୁଡ଼ା ବିଶେଷ କରି ଏସିଆନ୍ ପ୍ରଜାତିର ସେମାନେ ଲଗାତର ଦଶ ଦିନ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଏହାପରେ ପନ୍ଦର ଦିନ ପର୍ଯ୍ୟନ୍ତ ସେମାନେ ଅଣ୍ଡା ଦିଅନ୍ତି ନାହିଁ। କିନ୍ତୁ ଏହାର ମାଲିକଙ୍କ ଅନୁସାରେ କୁକୁଡ଼ାଟି ବିଗତ ଦୁଇ ବର୍ଷ ହେଲା ପ୍ରତି ଦିନ ଅଣ୍ଡା ଦେଉଛି। ତେଣୁ ନୀଳ ଅଣ୍ଡା ଦେଇଥିବା ବିଷୟରେ ଖବର ପ୍ରସାରିତ ହେବା ପରେ ଲୋକମାନେ ଏହି ଅଣ୍ଡାକୁ ଦେଖିବା ପାଇଁ ତାଙ୍କ ଘରେ ଯାଇ ପହଞ୍ଚିଥିଲେ। ତେବେ କୁକୁଡ଼ାପାଳନ ବିଜ୍ଞାନର ଜଣେ ପ୍ରଫେସରଙ୍କ ଅନୁସାରେ ଏହି ଅଣ୍ଡାକୁ ଦେଖିଲେ ବିଶ୍ୱାସ କରିହେଉ ନାହିଁ। ଅନ୍ୟ ଜଣେ ପ୍ରଫେସରଙ୍କ ଅନୁସାରେ ସାଧାରଣତଃ କୁକୁଡ଼ାମାନଙ୍କର ଚାରୋଟି ପ୍ରଜାତି ଅଛନ୍ତି ଯଥା- ଏସିଆନ୍ ପ୍ରଜାତି (ଭାରତରେ ଲୋକପ୍ରିୟ), ଇଂରେଜୀ ପ୍ରଜାତି ଯାହାକୁ କର୍ଣ୍ଣିସ୍ ବୋଲି କୁହାଯାଏ, ମଧ୍ୟ-ପୂର୍ବରେ ମିଳୁଥିବା ପ୍ରଜାତି (ଯେଉଁମାନଙ୍କୁ ଲେୟର୍ସ କୁହାଯାଏ), ଏମାନେ ଧଳା ଅଣ୍ଡା ଦିଅନ୍ତି ଓ ଚତୁର୍ଥରେ ଆମେରିକାନ୍ ପ୍ରଜାତି। ତେବେ ମୈନା ପରି ୧୦-୧୫ଟି ପ୍ରଜାତିର ପକ୍ଷୀ ଅଛନ୍ତି ଯେଉଁମାନେ ନୀଳ ରଙ୍ଗର ଅଣ୍ଡା ଦିଅନ୍ତି। କିନ୍ତୁ କୁକୁଡ଼ା ନୀଳ ରଙ୍ଗର ଅଣ୍ଡା ଦେବାକୁ ଏକ ଦୁର୍ଲଭ ମାମଲା ବୋଲି କୁହାଯାଇପାରେ, ବିଶେଷ କରି ଭାରତରେ ଏହା ଏକ ଅସାମାନ୍ୟ ଘଟଣା।

## ବୁଧିବାମନ ଓଷା



ଭାଦ୍ରବ ମାସର ଚାରିଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ ବୁଧିବାମନ ବା ବୁଧେଇ ଓଷା। ଏହି ଓଷାକୁ ଓଡ଼ିଶାର ସଧବା ନାରୀମାନେ ପାଳନ କରନ୍ତି। ଅନେକ ଗହ୍ମା ପୂର୍ଣ୍ଣିମାଠାରୁ ଇନ୍ଦୁ ପୂର୍ଣ୍ଣିମା ଓ ଆଉ କେତେକ ସଂକ୍ରାନ୍ତି ଅନୁଯାୟୀ ଭାଦ୍ର ସଂକ୍ରାନ୍ତିରୁ ଆଶ୍ୱିନ ସଂକ୍ରାନ୍ତି ହିସାବରେ ବୁଧେଇ ଓଷା ପାଳନ କରିଥାନ୍ତି। ଏହି ଓଷାରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧ ବା ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ବାମନ କହିଲେ ଭୈରବ ଯିଏ ସ୍ୱୟଂ ଜଗନ୍ନାଥ। ତେଣୁ ଏହି ଓଷାରେ ଆରାଧ୍ୟ ଦେବାଦେବୀ ହେଲେ ଶ୍ରୀ ଜଗନ୍ନାଥ ଓ ବିମଳା। କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ଓଷାରେ ନାରୀରୂପୀ ବୁଧ ଓ ମଙ୍ଗଳାଙ୍କୁ ପୂଜା କରାଯାଏ। କାରଣ ଏମାନେ ସୃଷ୍ଟିକର୍ତ୍ତା। ବୁଧିବାମନ ଓଷାର ପରମ୍ପରା ଅନୁସାରେ ପୂଜା ନିମନ୍ତେ ପାଞ୍ଚ ରଙ୍ଗର ଫୁଲ, ଫଳ, ଧୂପ, ପାଞ୍ଚଟି ଦୁବ ଓ ପାଞ୍ଚଟି ଅକ୍ଷତ ଦରକାର ହୁଏ। ବେଲପତ୍ର, ଫୁଲମାଳ, ଖଇମାଳ ଠାକୁରଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରୁ ଏଥିରେ ଗୋଟିଏ ନଡ଼ିଆ ଗୁଆ ବସାଯାଇ, ଶେଷ ପାଳିଦିନ ଏହାକୁ ଭାଙ୍ଗି ଠାକୁରଙ୍କୁ ସମର୍ପଣ କରାଯାଏ। ମଝି ପାଳିଗୁଡ଼ିକରେ ପିଠାପଣା ଭୋଗରାଗ ହୁଏ। ତେବେ ଶେଷ ପାଳିଦିନ ପାଞ୍ଚ ପ୍ରକାରର ପିଠାପଣା କରିବାର ବିଧି ରହିଛି। ପ୍ରତ୍ୟେକ ବୁଧବାର ଦିନଯାକ ଉପବାସ କରି ରାତିରେ ପୂଜାପରେ ଭୋଗ ଖିଆଯାଏ। ଶିଳ ଓ ଶିଳପୁଆ ଏହି ପୂଜାର ଦେବଦେବୀ ଅଟନ୍ତି। ପ୍ରଥମେ ଶିଳପୁଆକୁ ବଟା ଅଁଳା ପାଣି ସହ ଗଙ୍ଗା ଜଳରେ ସ୍ନାନ କରାଇ ହଳଦୀ, କଉଡ଼ି, କନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ନିଃସନ୍ତାନ ମହିଳାମାନେ ପ୍ରଥମ ପାଳିରୁ ଶେଷ ପାଳି ପର୍ଯ୍ୟନ୍ତ ଏହି ଓଷା କଲେ ସମସ୍ତଙ୍କ ଆଶିଷରୁ ସନ୍ତାନ ପ୍ରାପ୍ତ କରନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏହି ଓଷା ପାଇଁ ସ୍ୱତନ୍ତ୍ର ବହି ଅଛି।

## ମଧ୍ୟପ୍ରଦେଶର ମିନି କାଶ୍ମୀର



ମଧ୍ୟପ୍ରଦେଶର ପ୍ରସିଦ୍ଧ ହିଲ୍ ଷ୍ଟେସନ୍ ଜାମ୍ ଗେଟ୍ ଏ ସମୟରେ ପର୍ଯ୍ୟଟକମାନଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ସ୍ଥାନ ହୋଇଛି। ବର୍ଷାର ଆରମ୍ଭ ହେବା ମାତ୍ରେ ସେଠିକାର ଘାଟି ଓ ପାହାଡ଼ଗୁଡ଼ିକର ସବୁଜିମା ଦେଖିବାଯୋଗ୍ୟ ହୋଇଥାଏ। ସେଠାକୁ ଯାଉଥିବା ହଜାର ହଜାର ପର୍ଯ୍ୟଟକ ଏହି ହିଲ୍ ଷ୍ଟେସନ୍‌କୁ ମିନି କାଶ୍ମୀର ବୋଲି କହନ୍ତି। ବର୍ଷାଦିନେ ଜାମ୍ ଗେଟ୍ ଆଖପାଖର ସ୍ଥାନରେ ଛୋଟ-ବଡ଼ ଅନେକ ଝରଣା ପ୍ରବାହିତ ହୁଏ। ଝରଣାରେ ଉଠୁଥିବା ଥଣ୍ଡା ବାଷ୍ପ ପର୍ଯ୍ୟଟକମାନଙ୍କୁ ତାଜା ଅନୁଭବ ଦେଇଥାଏ। ସେଠିକାର ଶାନ୍ତ ବାତାବରଣ ଓ ଚାରିଆଡ଼ର ସବୁଜିମାମୟ ପରିବେଶ ଲୋକମାନଙ୍କୁ ପ୍ରକୃତିର ନିକଟତର କରିଥାଏ। ସମୁଦ୍ରପୃଷ୍ଠରୁ ପାଖାପାଖି ୨୦୦୦ ମିଟର ଉଚ୍ଚରେ ଅବସ୍ଥିତ ଜାମ୍ ଗେଟ୍ ହିଲ୍ ଷ୍ଟେସନ୍। ପାହାଡ଼ର ଶିଖରରେ ରହିଛି ଏକ ଐତିହାସିକ ଗେଟ୍ ଯାହାକୁ ଜାମ୍ ଗେଟ୍‌ର ପରିଚୟ ବୋଲି କୁହାଯାଏ। ଅନେକ ଲୋକ ଏହି ଗେଟ୍‌କୁ ଜାମ୍ ଦ୍ୱାର ବୋଲି କହନ୍ତି। ଏହି ଗେଟ୍ ପାଖରେ କେହି ଜଣେ ତଳକୁ ଚାହିଁଲେ ଘାଟିର ସୁନ୍ଦର ଦୃଶ୍ୟ, ବାଦଲର ଧଳା ଚାଦର ଓ ସବୁଜିମାମୟ ଦୃଶ୍ୟଗୁଡ଼ିକ ପେଣ୍ଟିଂ ପରି ନଜର ଆସନ୍ତି। ଖରଗୋନ୍ ଓ ଇନ୍ଦୋର ଜିଲ୍ଲାର ସୀମାରେ ଏହା ଅବସ୍ଥିତ। ଇନ୍ଦୋର ଠାରୁ ଜାମ୍ ଗେଟ୍‌ର ଦୂରତା ୫୦ କି.ମି ଓ ଖରଗୋନ୍ ଠାରୁ ୭୦ କି.ମି ଦୂର ହେବ। ସେଥିପାଇଁ ଛୁଟି ଓ ସପ୍ତାହାନ୍ତ ପାଇଁ ଇନ୍ଦୋର, ଖରଗୋନ୍, ଧାର୍ ଓ ବଡ଼ୱାନୀରୁ ବଡ଼ ସଂଖ୍ୟାରେ ପର୍ଯ୍ୟଟକମାନେ ସେଠାକୁ ଯାଇ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତି। ଆକାଶକୁ ଛୁଉଁଥିବା ବାଦଲ, ପାହାଡ଼ରେ ବ୍ୟାପ୍ତ କୁହୁଡ଼ି, ଗଛରୁ ପଡୁଥିବା ଟୋପା ଟୋପା ପାଣି ପର୍ଯ୍ୟଟକମାନଙ୍କୁ ଦେଇଥାଏ ରୋମାଞ୍ଚକ ଅନୁଭୂତି। ଖାଦ୍ୟପେୟ ପାଇଁ ମଧ୍ୟ ସେ ସ୍ଥାନଟି ବେଶ୍ ପ୍ରସିଦ୍ଧ। ଜାମ୍ ଗେଟ୍‌କୁ ଯିବା ରାସ୍ତାରେ ପଡୁଥିବା ଛୋଟ ଛୋଟ ଦୋକାନଗୁଡ଼ିକରେ ମିଳୁଥିବା ମକା, କଚୋଡ଼ି, ସିଙ୍ଗଡ଼ା ଓ ଗରମ ଗରମ ଚା'ର ମଜା ଯାତ୍ରୀମାନଙ୍କୁ ଏକ ସ୍ମରଣୀୟ ଦିନର ଅନୁଭବ ଦେଇଥାଏ। ଫଟୋଗ୍ରାଫି ପାଇଁ ଜାମ୍ ଗେଟ୍ ଏକ ସୁନ୍ଦର ସ୍ଥାନ।

# ମହାବିଦ୍ୟାଳୟରେ ସାନ୍ତାଳୀ ବିଷୟ ଖୋଲିବାକୁ ଦାବି

## ସାନ୍ତାଳୀ ସ୍ନାତକୋତ୍ତର ଛାତ୍ରସଂଘର ଦାବିପତ୍ର

**ବାରିପଦା,୨।୯/ଏନ୍‌ଏନ୍‌ଏସ୍:** ନିଖିଳ ଓଡ଼ିଶା ସାନ୍ତାଳୀ ସ୍ନାତକୋତ୍ତର ଛାତ୍ର ସଂଘର ସଭାପତି ବିକ୍ରମ ବେଶ୍ରାଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ରାଇରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ୍‌ଙ୍କୁ ପ୍ରଦାନ କରାଯାଇଛି। ରାଇରଙ୍ଗପୁର ମହାବିଦ୍ୟାଳୟ ବାମନଘାଟି ଉପଖଣ୍ଡର ପ୍ରଥମ ଏବଂ ସର୍ବପୁରାତନ ମହାବିଦ୍ୟାଳୟ। ଏଠାରେ ୭୦ରୁ ୮୦ ପ୍ରତିଶତ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ସାନ୍ତାଳୀ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ। ସାନ୍ତାଳୀ ଏକ ସମ୍ବିଧାନ ସ୍ୱୀକୃତ ସ୍ୱତନ୍ତ୍ର ଲିପି ଥିବା ଉନ୍ନତ ଭାଷା। ସାନ୍ତାଳୀ ଭାଷାର ଲିପି ଅଲଚିକିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଘର ମଧ୍ୟ ଏଠାରୁ ମାତ୍ର ୫ କିମି ଦୂର। ମୟୂରଭଞ୍ଜ ଜିଲ୍ଲାର ସାଂସଦ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି ଅଞ୍ଚଳର। ଛାତ୍ର ସଂଘ ପକ୍ଷରୁ ନିରନ୍ତର ଦୀର୍ଘ ୫ ବର୍ଷ ଧରି ଏହି ମହାବିଦ୍ୟାଳୟରେ ନୂତନ କରି ସାନ୍ତାଳୀକୁ ସମ୍ମାନ ଓ ଇଚ୍ଛାଧୀନ ବିଷୟ ଭାବେ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରାଯାଉଥିଲେ ମଧ୍ୟ ମହାବିଦ୍ୟାଳୟରେ ସାନ୍ତାଳୀ ସମ୍ମାନ ବିଷୟ ଖୋଲାଯାଇ ପାରିଲା ନାହିଁ।

ଅଧ୍ୟକ୍ଷଙ୍କ କହିବା ମୁତାବକ, ୩୨ଟି ସିଟ୍‌ରେ ସାନ୍ତାଳୀ ବିଷୟ ଖୋଲିବା ପାଇଁ ୨୦୨୨ ମସିହାରେ ସରକାରଙ୍କୁ ଦରଖାସ୍ତ ଦେଇଛନ୍ତି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ବାଲେଶ୍ୱରରୁ ମଧ୍ୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ମହାବିଦ୍ୟାଳୟକୁ ପରିଦର୍ଶନରେ ଆସି ଏହାର ତଦାରଖ କରି ଫାଇଲ୍‌କୁ କମିଟି ନିକଟକୁ ପଠାଇଥିଲେ। କିନ୍ତୁ ଦୀର୍ଘ ବର୍ଷ ଧରି ଫାଇଲ୍‌ଟି ସରକାରଙ୍କ ନିକଟରେ ପଡ଼ି ରହିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଶାସନ କରୁଥିବା ବେଳେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ମଧ୍ୟ ଉଚ୍ଚଶିକ୍ଷା ବିଭାଗରେ ଲାଗୁ କରାଯାଇଛି। ଏଥିରେ ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସରକାର ସାନ୍ତାଳୀ ଭାଷା ପାଇଁ ଏତେ ପାତର ଅନ୍ତର କ'ଣ ପାଇଁ ସୃଷ୍ଟି କରୁଛନ୍ତି ବୋଲି ଛାତ୍ର ସଂଘର ସଭାପତି ପ୍ରଶ୍ନ କରିଛନ୍ତି। ଯଦି ସରକାର ଏଥିପ୍ରତି ଗୁରୁତ୍ୱ ପ୍ରଦାନ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ଶ୍ରୀ ବେଶ୍ରାଙ୍କ ସମେତ କର୍ମକର୍ତ୍ତା ସୀତାମଣି ମୁର୍ମୁ, ଛୋଟରାୟ ମୁର୍ମୁ, ରାମଜିତ ଟୁଡୁ, ଶାନ୍ତି ସୋରେନ୍ ଓ ରାମ କିସ୍କୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜୋନ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ବାରିପଦା,୨।୯/ଏନ୍‌ଏନ୍‌ଏସ୍:** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିସିପୁର ଜୋନ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀଙ୍କ ଦିଗ୍‌ଦର୍ଶନରେ ବାରିପଦା ବ୍ଲକ୍‌କୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ ପିସିପୁର ଜୋନ୍‌ରେ ୧୦ଟି ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଉଭୟ ବର୍ଗର କବାଡ଼ି, ଖୋ-ଖୋ ଓ ଫୁଟବଲ୍ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଉଭୟ ବିଭାଗର ମୋଟ୍ ୯ଟି ଦଳ ଆସନ୍ତା ୨ ଦିନ ଧରି ଏମ୍‌ଟିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ସରୋଜ କୁମାର ରାମ, ଅଭିଷେକ ବେହେରା, ମନୋଜ କୁମାର ରାମ, ପ୍ରଶାନ୍ତ କୁମାର ଦଣ୍ଡପାଟ, ଧରିତ୍ରୀ ମହାନ୍ତ, ସୁପ୍ରଭା ପାତ୍ର, କାପୁରା ସୋରେନ, ଇପ୍‌ସିତା ମଲ୍ଲିକ, ଓ ମମତା ଦାସ ଖେଳ ପରିଚାଳନା କରିବା ସହ ଖେଳାଳି ଚୟନ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସମସ୍ତ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ସୋର ମେଡିକାଲ୍‌ରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସୋର,୨।୯/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ବାଗୁଡ଼ି ଅଞ୍ଚଳରେ କାମ କରୁଥିବା ଜଣେ ମହିଳା ଶ୍ରମିକଙ୍କ ସୋର ମେଡିକାଲ୍‌ରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କୁପାରୀ ଅଞ୍ଚଳର ରୁପାଲୀ ଖେରୁଆଲ (୪୦)। ରୁପାଲୀ ତାଙ୍କ ସ୍ୱାମୀ ଗୋପାଳ ଖେରୁଆଲଙ୍କ ସହିତ ବାଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ବିଳମ୍ବିତ ରାତିରେ ରୁପାଲୀ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଗୋପାଳ ତାଙ୍କୁ ଅଟୋ ଯୋଗେ ସୋର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ରୁପାଲୀଙ୍କ ମୃତ୍ୟୁ ହୋଇଥିଲା। ଏ ବାବଦରେ ରୁପାଲୀଙ୍କ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅପରାହ୍ନରେ ପୁଲିସ ସୋର ମେଡିକାଲ୍‌ରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଟପଡ଼ା ପ୍ରାଥମିକ ସ୍କୁଲ୍‌ର ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଧାରଣା

**ତିହିଡ଼ି,୨।୯/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଭାଟପଡ଼ା ସରକାରୀ ପ୍ରାଥମିକ ସ୍କୁଲ୍‌ର ସହକାରୀ ଶିକ୍ଷକ ଇତିଶ୍ରୀ ଦାସଙ୍କ ବଦଳି ପ୍ରତିବାଦରେ ମଙ୍ଗଳବାର ସ୍କୁଲ୍ ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀ, ଶିକ୍ଷା କମିଟି ସଦସ୍ୟ ଓ ଅଭିଭାବକମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଭାଟପଡ଼ା ସ୍କୁଲ୍‌ରେ ୫ଟି ଶ୍ରେଣୀରେ ୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଢ଼ାଉଥିଲେ। ମାତ୍ର ଅଗଷ୍ଟ ମାସରେ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସଙ୍କୁ ଭାଟପଡ଼ା ସ୍କୁଲ୍‌ରେ ନିଯୁକ୍ତି ଦିଆଯାଇଥିଲା। ସେପ୍ଟେମ୍ବର ୧ ତାରିଖରେ ସହକାରୀ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସଙ୍କୁ କାଁପଡ଼ା ବାସୁଳି ନୋଡାଲ୍ ସ୍କୁଲ୍‌କୁ ବଦଳି କରାଯାଇଛି। ଏହାର ପ୍ରତିବାଦରେ ସ୍କୁଲ୍ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସିଆର୍‌ସିସି ତ୍ରିନାଥ ସେଠୀ ସ୍କୁଲ୍‌ରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ବ୍ଲକ୍ ଶିକ୍ଷାଧିକାରୀ ମହାନ୍ତି ପରିଚାଳନା କମିଟିର ଜଣେ ସଦସ୍ୟଙ୍କ ସହିତ ଟେଲିଫୋନ୍‌ରେ ଯୋଗାଯୋଗ କରି ଆଗାମୀ ୨୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରିଚାଳନା କମିଟି ସଦସ୍ୟ ମୌଖିକ କଥାକୁ ବିଶ୍ୱାସ ନକରି ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ପରେ ସରପଞ୍ଚଅଂଶୁଭ୍ରନାରାୟଣ ସେଠୀ ସ୍କୁଲ୍‌ରେ ପହଞ୍ଚି ବ୍ଲକ୍ ଶିକ୍ଷାଧିକାରୀଙ୍କ ସହିତ ଟେଲିଫୋନ୍‌ରେ ଯୋଗାଯୋଗ କରିବା ପରେ ବ୍ଲକ୍ ଶିକ୍ଷାଧିକାରୀ ୨୦ରୁ ୩୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରିବେ ବୋଲି ସରପଞ୍ଚ ଶ୍ରୀ ସେଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ସରପଞ୍ଚ ଶ୍ରୀ ସେଠୀ ସ୍କୁଲ୍ ପରିଚାଳନା କମିଟିକୁ ଜଣାଇବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ତେବେ ବ୍ଲକ୍‌ରେ ଶିକ୍ଷକଙ୍କ ଅଭାବ ରହିଛି। ଆନୁପାତିକ ହାରରେ ଶିକ୍ଷକଙ୍କୁ ବଦଳି କରାଯାଇଥିଲେ ମଧ୍ୟ ସେମାନେ ନିର୍ଦ୍ଦେଶକୁ ନମାନି ରାଜନୈତିକ ଚାପ ସୃଷ୍ଟି କରି ବଦଳି ହେବା ସ୍ଥାନକୁ ଯାଉନାହାନ୍ତି। ଫଳରେ ସ୍କୁଲ୍ ମାନଙ୍କରେ ଶିକ୍ଷକ ଅଭାବ ପୂରଣ ହୋଇପାରୁ ନଥିବାରୁ ଏପରି ପରିସ୍ଥିତ ସୃଷ୍ଟି ହେଉଛି।



# ଅବକାରୀ ଚଢ଼ଉ, ୨ ଗିରଫ

**ବୈଶିଙ୍ଗା,୨।୯/ଏନ୍‌ଏନ୍‌ଏସ୍:** ବେତନଟୀ ଅବକାରୀ ବିଭାଗ ବଡ଼ସାହି ଏବଂ ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଦେଶୀମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବେତନଟୀ ଅବକାରୀ ଥାନାର ଭାରପ୍ରାପ୍ତ ଥାନାଧିକାରୀ ପ୍ରଦୀପ ବେହେରା ସଦଳବଳେ ବଡ଼ସାହି ଥାନା ଅଧୀନ ସିଙ୍ଗଟିଆ ଏବଂ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଗ୍ରାମରେ ଚଢ଼ଉ କରିଥିଲେ। ପୃଥକ୍ ପୃଥକ୍ ଚଢ଼ଉ ସମୟରେ ୨୭ ଲିଟର୍ ରନ୍ଧା ଦେଶୀମଦ ଜବତ କରାଯାଇଥିଲା।

ଏଥିରେ ସମ୍ପୃକ୍ତ ସିଙ୍ଗଟିଆ ଗ୍ରାମର ଟିକିମା ମଢ଼େଇ ଏବଂ ମାଣତ୍ରୀ ଗ୍ରାମର ସଞ୍ଜିତ ଦେହୁରୀକୁ ଗିରଫ କରାଯାଇଥିଲା। ସେହିପରି ବଡ଼ସାହି ଥାନା ଅଧୀନ ଡିଙ୍ଗିରିଆ ଗ୍ରାମର ଶୋଭାକର ହାଁସଦା ଏକ ବାଇକ୍ ଯୋଗେ ୨୦ ଲିଟର୍ ମଦ ନେଇ ବେତନଟୀ ବଜାର ଅଭିମୁଖେ ଆସୁଥିବା ବେଳେ ଅବକାରୀ ବିଭାଗର ଗାଡ଼ିକୁ ଦେଖି ବେତନଟୀସ୍ଥିତ ଆମ୍ବଯୋଡ଼ା ଗ୍ରାମ ଛକ ସନ୍ନିକଟରେ ବାଇକ୍‌କୁ ଛାଡ଼ି ଫେରାର୍ ହୋଇଯାଇଥିଲେ।

ଅବକାରୀ ପୁଲିସ ମଦ ଏବଂ ବ୍ୟବହୃତ ଗାଡ଼ିକୁ ଜବତ କରିଥିଲା। ଏନେଇ ୩ଟି ପୃଥକ୍ ମାମଲା ରୁଜୁ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଯୋଡ଼ା ପୌରପାଳିକାରେ ସ୍ୱାୟତ୍ତଶାସନ ଦିବସ




**ଯୋଡ଼ା,୨।୯/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ଯୋଡ଼ା ପୌରପାଳିକାରେ ସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳ ୪ଟା ୩୦ରେ ପ୍ରଭାତ ଫେରି, ୭ଟାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୮ଟାରେ ନଗରପାଳଙ୍କ ଦ୍ୱାରା ପୌରପାଳିକାରେ ପତାକା ଉତ୍ତୋଳନ, ୯ଟାରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ୧୦ଟାରେ ସରକାରୀ ଡାକ୍ତରଖାନା ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟନ, ୧୧ଟାରେ ୩ଟି ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ଅପରାହ୍ନ ୪ଟାରେ ସାଧାରଣ ସଭା, ୬ଟାରେ ମାନ୍ୟଗଣ ବ୍ୟକ୍ତିଙ୍କୁ ସମ୍ମାନ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଓ ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୧୧ଟାରେ ଶେଷ ହୋଇଥିଲା। ଏହି ସଭାରେ ପୌରାଧ୍ୟକ୍ଷ ଡକ୍ଟର ଜଗଦୀଶ ପ୍ରସାଦ ସାହୁ ଯୋଗଦେଇ ଯୋଡ଼ା ପୌରପାଳିକାସ୍ଥିତ ୧୪ଟି ୱାର୍ଡର କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେଥିପାଇଁ ପୌରପରିଷଦ ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ମୁଖ୍ୟବକ୍ତା ଭାବେ ବଡ଼ବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଫେସର୍ ଡକ୍ଟର୍ ଅସିତ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ଓଏମ୍‌ସି ଆଞ୍ଚଳିକ ମୁଖ୍ୟ ଅବନୀକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ମହାକୁଡ଼ ଯୋଡ଼ା ଖଣି ମଣ୍ଡଳରେ ଥିବା ପ୍ରତିଷ୍ଠିତ ଖଣି କମ୍ପାନୀକୁ ଆକ୍ଷେପ କରି ଜନଶୁଣାଣି ବେଳେ କମ୍ପାନୀ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନତି ଉପରେ ଗୁରୁତ୍ୱ ଦେବାର ପ୍ରତିଶ୍ରୁତି ଦେଇ ବର୍ତ୍ତମାନ ସମୟରେ ଯୋଡ଼ା ଅଞ୍ଚଳର ଲୋକଙ୍କୁ ନିଯୁକ୍ତି, ଉନ୍ନତି କ୍ଷେତ୍ରରେ ଅଣଦେଖା କରିବା ଅତ୍ୟନ୍ତ ଦୁଃଖଦ। ଆଗାମୀ ଦିନରେ ଯଦି କମ୍ପାନୀ ଏଥିପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଜୋରଦାର୍ ବିରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ପୌରପାଳିକାର ଉପନଗରପାଳ ସନ୍ଧ୍ୟା ପାତ୍ରଙ୍କ ସମେତ ୧୪ଟି ୱାର୍ଡର ୱାର୍ଡସଭ୍ୟ ଓ ପୌରପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ।


# ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ରରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ

**ବାଲେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ର ଆଧୁନିକ ଶିକ୍ଷାର ଏକ ନୂତନ ମାର୍ଗରେ ପଦାର୍ପଣ କରିଛି। ଗତ ଅଗଷ୍ଟ ୩୦ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଦୂରାନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ପୁଣି ନୂତନ କରି ୧୧ଟି ସ୍ନାତକ ପାଠ୍ୟକ୍ରମର ଅନୁମୋଦନ ମିଳିଛି। ସ୍ନାତକସ୍ତରରେ ଏବେ ଅର୍ଥନୀତି, ରାଜନୀତି ବିଜ୍ଞାନ, ସମାଜଶାସ୍ତ୍ର, ଇତିହାସ, ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ଶିକ୍ଷା ବିଷୟରେ ସମ୍ମାନ ସହିତ ବାଣିଜ୍ୟ, ବ୍ୟବସାୟ ପ୍ରଶାସନ, ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ଏବଂ ସ୍ନାତକୋତ୍ତରରେ ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ବିଷୟ ଆରମ୍ଭ ହୋଇଛି। ଏହାସହ ପୂର୍ବରୁ ଚାଲିଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ଅର୍ଥନୀତି, ରାଜନୀତି ବିଜ୍ଞାନ, ଇତିହାସ, ସମାଜଶାସ୍ତ୍ର ଓ ଶିକ୍ଷାରେ ସ୍ନାତକୋତ୍ତର, ସମାଜସେବା ବିଭାଗ ଓ ବାଣିଜ୍ୟରେ ପ୍ରଦାନ କରାଯାଉଛି। ଗତ ଫେବୃୟାରୀରେ ଉକ୍ତ କେନ୍ଦ୍ରର ପ୍ରଥମ ପର୍ଯ୍ୟାୟରେ ୨୨୧ ଜଣ ଛାତ୍ରଛାତ୍ରୀ ବିବିଧ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ ଦେଇଥିବାବେଳେ ବର୍ତ୍ତମାନ ଚାଲୁଥିବା ଜୁଲାଇ ପର୍ଯ୍ୟାୟରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିଛନ୍ତି। ତଥାପି ଭର୍ତ୍ତି ପ୍ରକ୍ରିୟା ଅକ୍ଟୋବର୍ ୧୫ ପର୍ଯ୍ୟନ୍ତ ଚାଲିଥିବାରୁ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଅନୁମୋଦନ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ। ଦୂର ଓ ଆଭାଷୀ ଶିକ୍ଷାଦ୍ୱାରା ଦୂରଦୂରାନ୍ତର ଛାତ୍ର, କାର୍ଯ୍ୟରତ କର୍ମଚାରୀ, ନାରୀ ଓ ଦ୍ୱିତୀୟ ସୁଯୋଗର ଅପେକ୍ଷା ରଖିଥିବା ଶିକ୍ଷାର୍ଥୀମାନେ ଗୁଣାତ୍ମକ ଶିକ୍ଷାର ସୁଯୋଗ ପାଇପାରିବେ। ଏହି ସଫଳତା କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଦୃଢ଼ ସଙ୍କଳ୍ପ ଓ ଉଚ୍ଚଶିକ୍ଷା ପ୍ରତି ସର୍ବୋଚ୍ଚ ପରିକଳ୍ପନା ଓ ସମସ୍ତଙ୍କୁ ପ୍ରେରଣା ଦେବାର କ୍ଷମତାକୁ ସ୍ପଷ୍ଟ କରେ। ଏହି ନୂତନ ପଦକ୍ଷେପ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ର ଓଡ଼ିଶା ସହିତ ସମଗ୍ର ଭାରତରେ ନୂତନ ପିଢ଼ିର ଶିକ୍ଷାର୍ଥୀଙ୍କୁ ଏକ ବିକଳ୍ପ ଶିକ୍ଷାର ମାଧ୍ୟମ ଦେଇପାରିବ। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଇଣ୍ଟରଫେସ୍ ମିଟିଂରେ ବିଭାଗୀୟ ମୁଖ୍ୟ ତଥା ନିୟୋଜିତ ଅଧ୍ୟାପକ-ଅଧ୍ୟାପିକାଙ୍କ ଉପସ୍ଥିତିରେ ପାଠ୍ୟ ସାମଗ୍ରୀ ପ୍ରସ୍ତୁତି, ଅଧ୍ୟାପକ ଅଧ୍ୟାପିକାଙ୍କ ପ୍ରଶିକ୍ଷଣ ଓ ପ୍ରକ୍ରିୟାଗତ କାର୍ଯ୍ୟସୂଚୀ ସମ୍ବନ୍ଧିତ ବିଭିନ୍ନ ଆଲୋଚନା କରାଯାଇଥିଲା।

# ପଞ୍ଚାୟତସମିତି ବୈଠକ

**ବାହାନଗା,୨।୯/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ୍‌ର ନବମ ଅଧିବେଶନର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବାହାନଗା ବ୍ଲକ୍‌ର ଚେୟାରମ୍ୟାନ୍ ବିଶ୍ୱନାଥ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ପ୍ରଥମେ ସାମ୍ବାଦିକମାନେ ସଭାଗୃହରୁ ଫଟୋ ଉଠାଇ ବାହାରକୁ ଚାଲିଯାଆନ୍ତୁ, ନହେଲେ ପଛରେ ଯାଇ ବସନ୍ତୁ ବୋଲି କହିଥିଲେ। ପରେ ସାମ୍ବାଦିକମାନେ ଫଟୋ ଉତ୍ତୋଳନ କରି ଶାନ୍ତି ଶୃଙ୍ଖଳାରେ ଆସି ତାଙ୍କର ନ୍ୟାୟ ପାଇଁ ସଭାଗୃହ ଆଗରେ ଧାରଣାରେ ବସିଥିଲେ। କିଛି ସମୟ ପାଇଁ ସଭାଟି ହୋହାଲ୍ଲାରେ ଗତି କରିଥିବା ବେଳେ ସାଂସଦଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି ଆସି ସାମ୍ବାଦିକଙ୍କୁ ବୁଝାସୁଝା କରିଥିଲେ। ସାମ୍ବାଦିକମାନେ ଉକ୍ତ ଘଟଣା ବାବଦରେ ସନ୍ତୋଷଜନକ ଉତ୍ତର ପାଇନଥିବାରୁ ବସି ରହିଥିଲେ। ଶେଷରେ କିଛି ସମୟ ପରେ ଚେୟାରମ୍ୟାନ୍ ବିଶ୍ୱନାଥ ମିଶ୍ର ସଭାରୁ ଆସି ସାମ୍ବାଦିକଙ୍କୁ କ୍ଷମା ମାଗିବାରୁ ସେମାନେ ଧାରଣାରେ ଉଠି ସଭାଗୃହକୁ ଯାଇଥିଲେ। ଉକ୍ତ ସଭାରେ ଅତିଥିଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସୋର ବିଧାୟକ ମାଧବ ଧଡ଼ା, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତୀ କୁମାର ମହାନ୍ତି, ବାହାନଗା ବ୍ଲକ୍ ବିଡିଓ ଶୁଭଶ୍ରୀ ଟୁଡୁ, ଜିଲ୍ଲାପରିଷଦ ସଭ୍ୟ ନିଳାମ୍ବର ମହାଳିକ, ବିନୋପ୍ରଭା ଶିଅଳ ଶିଶିର ଅଗସ୍ତି, ବ୍ଲକ୍ ଉପାଧ୍ୟକ୍ଷ ବାସନ୍ତୀ ପତି, ଏଇଇ ଲକ୍ଷ୍ମୀଧର ଦାସ ଓ ମେଡିକାଲ୍ ଅଫିସର୍ ଧିରେଶ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୫ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗରେ ପଡ଼ି ରହିଥିବା କାର୍ଯ୍ୟ ଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକମାନେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।

# ବିଜ୍ଞାନ ପାଇଁ ପଦଯାତ୍ରା କାର୍ଯ୍ୟକ୍ରମ



**ସୋର,୨।୯/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟରେ ଓଡ଼ିଶା ବିଜ୍ଞାନ ଚେତନା ମଞ୍ଚ ଏବଂ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପ୍ରାକ୍ତନ ଡେପୁଟି ଡାଇରେକ୍ଟର୍ ଶୁଭେନ୍ଦୁ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କେମେଷ୍ଟ୍ରି ବିଭାଗର ପ୍ରଫେସର୍ ସିଦ୍ଧାର୍ଥ ଭାରଦ୍ୱାଜ, ସମ୍ମାନିତ ଅତିଥିଭାବେ ବାଗୁଡ଼ି ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ବୈଜ୍ଞାନିକ ଚିନ୍ତାର ପ୍ରଚାର ପ୍ରସାର, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ରୋକିବାକୁ ଜନସଚେତନତା ସୃଷ୍ଟି କରିବା ବାବଦରେ ବିଭିନ୍ନ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଟେଲିସ୍କୋପ୍ ପ୍ରଦର୍ଶନ କରାଯିବା ପରେ ଏକ ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ବାଗୁଡ଼ି ବଜାର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମ ବାବଦରେ ପୁରାତନ ଛାତ୍ର ସଂସଦର ସଂଯୋଜକ କ୍ରିଷ୍ଣାରାଣୀ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନିରାକାର ସାହୁ ଟେଲିସ୍କୋପ୍ ଓ ମନୀଷା ପଟ୍ଟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପରିଚାଳନା କରିଥିବା ବେଳେ ଧର୍ମପଦ ବିଶ୍ୱାଳ, ସଂଘମିତ୍ରା ସାହୁ, ନିରୁପମା ଦାସ, ଶ୍ରୀଧର କୁମାର ନାୟକ, ଜ୍ଞାନରଞ୍ଜନ ପାଢ଼ୀ, ସୋମନାଥ ପରିଡ଼ା, ଭାଗିରଥୀ ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ଛାତ୍ର ସଂସଦର ଉପସଭାପତି ଦୀପକ ଗିରି ଧନ୍ୟବାଦ ଦେଇଥିଲେ।

# 'ରାଜନୈତିକ ହସ୍ତକ୍ଷେପ ଯୋଗୁ ପରିଷଦର ଉନ୍ନତି ହୋଇ ପାରୁନାହିଁ'

**ଧାମନଗର,୨।୯/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ଟିକସ ଆଦାୟରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟରେ ପ୍ରଥମ ହୋଇଥିବାରୁ ସରକାର ୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହାକୁ ଧାମନଗର ଅଧ୍ୟକ୍ଷା ନିବେଦିତା ଜେନା ସ୍ୱତନ୍ତ୍ର ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଗ୍ରହଣ କରିଛନ୍ତି। ଏହି ଅବସରରେ ଧାମନଗର ଏନ୍‌ଏସି ଅଞ୍ଚଳରେ ଗତ କିଛିଦିନ ହେବ ରାଜନୈତିକ ହସ୍ତକ୍ଷେପ କରି ବିକାଶରେ ବାଧା ସୃଷ୍ଟି କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଧ୍ୟକ୍ଷା ଶ୍ରୀମତୀ ଜେନା ଅଭିଯୋଗ କରିଥିଲେ। ଧାମନଗର ଏନ୍‌ଏସିରେ ଦୀର୍ଘଦିନ ହେବ ଟେଣ୍ଡର୍ ହୋଇଥିବା ଧାମନଗର ବାଇପାସ୍ ରୋଡ୍ ସମସ୍ୟାର ସ୍ଥାୟୀ ସମାଧାନ, ଧାମନଗର ଛକରୁ ଧାମନଗର ବଜାର ପୂର୍ବ ରାସ୍ତା ପର୍ଯ୍ୟନ୍ତ ଟେଣ୍ଡର ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବା, ଜଗୁସାଗର ପୋଖରୀର ପୁନଃରୁଦ୍ଧାର ଓ ଏହାର ସୌନ୍ଦର୍ଯ୍ୟକରଣ ସମସ୍ୟାର ସମାଧାନ, ଟେଣ୍ଡର୍ ହୋଇଥିବା ନୂତନ ଅଫିସ୍ ଗୃହ ନିର୍ମାଣ କାର୍ଯ୍ୟର ସମସ୍ୟା ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ।



ପ୍ରକାଶଥାଉକି ମଙ୍ଗଳବାର ଅଧ୍ୟକ୍ଷା ଶ୍ରୀମତୀ ଜେନା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଧାମନଗର ଏନ୍‌ଏସିକୁ ମୁଖ୍ୟମନ୍ତ୍ରୀ ୩ କୋଟି ଟଙ୍କା ପୁରସ୍କୃତ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହ ଅଫିସ୍‌ର କର୍ମଚାରୀଙ୍କ ପାଇଁ ଆଜି ଏହି ପୁରସ୍କାର ମିଳିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ଧାମନଗର ଏନ୍‌ଏସିରେ ଅଫିସର୍‌ଙ୍କ ସହଯୋଗ ମିଳୁନଥିବାରୁ ବିକାଶରେ ବାଧା ଉପୁଜୁଛି ବୋଲି ଅଧ୍ୟକ୍ଷା ଶ୍ରୀମତୀ ଜେନା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏମ୍‌ଡି ଏସଦାନି କାଦରୀ, କାଉନସିଲର୍ ନଜମା ଖାତୁନ୍, ରହିମା ଖାତୁନ୍ ଓ ଏମ୍‌ଡି ଜୟନୁଲ୍ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।


ନିତିଦିନ NITIDIN

### ୟୁଏସ୍ ଓପନ୍: ଗଫ୍‌ଙ୍କୁ ବିଦାକଲେ ଓସାକା

# ତୃତୀୟ ଥର କ୍ୱାର୍ଟର୍ ଫାଇନାଲ୍‌ରେ ସିନର୍

**ନ୍ୟୁୟର୍କ,୨।୯/ଏଜେନ୍ସି:** ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ୍ ସିନର୍ ଚଳିତ ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ୍ ଚତୁର୍ଥ ରାଉଣ୍ଡରେ କଜାଖସ୍ତାନର ଆଲେକ୍‌ଜାଣ୍ଡର୍ ବୁବ୍‌ଲିକ୍‌ଙ୍କୁ ହରାଇଛନ୍ତି। ସୋମବାର ରାତିରେ ନ୍ୟୁୟର୍କର ଆର୍ଥର୍ ଏଶ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସିନର୍

## ଅନ୍ତିମ-୮ରେ ସ୍ୱିଆଟେକ୍-ଅନିସିମୋଭା





୬-୧, ୬-୧, ୬-୧ରେ ବୁବ୍‌ଲିକ୍‌ଙ୍କୁ ମାତ୍ ଦେଇଛନ୍ତି। ଏଥିରେ ସେ କେବଳ ତିନି ଗେମ୍ ହାତଛଡ଼ା କରିଥିଲେ। ଏହି ମ୍ୟାଚ୍ ଏକ ଘଣ୍ଟା ୨୧ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା, ଯାହା ଚଳିତ ୟୁଏସ୍ ଓପନ୍‌ର ଦ୍ୱିତୀୟ ସବୁଠୁ କମ୍ ସମୟରେ ଶେଷ ହୋଇଥିବା ମ୍ୟାଚ୍। ଏହା ସିନର୍‌ଙ୍କ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମ୍‌ରେ ସିନର୍‌ଙ୍କ ଲଗାତାର ୨୫ତମ ବିଜୟ ହୋଇଥିବା ବେଳେ ସେ ତୃତୀୟ ଥର ପାଇଁ ଟୁର୍ଣ୍ଣାମେଣ୍ଟର ଅନ୍ତିମ-୮ରେ ସ୍ଥାନ ହାସଲ କରିଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ସିନର୍‌ଙ୍କ ମୁକାବିଲା ନିଜ ଦେଶର ଲୋରେଞ୍ଜୋ ମୁସେଟ୍ଟିଙ୍କ ସହ ହେବ। ଅନ୍ୟ ଏକ ମ୍ୟାଚ୍‌ରେ ମୁସେଟ୍ଟି ଚତୁର୍ଥ ରାଉଣ୍ଡରେ ସ୍ପେନ୍‌ର ଜୌମେ ମୁନାର୍‌ଙ୍କୁ ୬-୩, ୬-୦, ୬-୧ ସିଧା ସେଟ୍‌ରେ ହରାଇଛନ୍ତି। ଏହା ସହିତ ମୁସେଟ୍ଟି ପ୍ରଥମ ଥର ୟୁଏସ୍ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି।

ସେହିପରି ଅଷ୍ଟମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର୍ ସ୍ୱିଜରଲାଣ୍ଡର କ୍ୱାଲିଫାୟର୍ ଲେଆଣ୍ଡ୍ରୋ ରିଡିଙ୍କୁ ୬-୩, ୬-୨, ୬-୧ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ତାଙ୍କର ୬ଷ୍ଠ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍ ଫାଇନାଲ୍। ତେବେ ଏହା ପୂର୍ବରୁ ସେ କେବେ ବି କ୍ୱାର୍ଟରଫାଇନାଲ୍ ବାଧା ପାର୍ କରିପାରି ନାହାନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ କାନାଡାର ୨୫ତମ ସିଡ୍ ଫେଲିକ୍ସ ଆଗର୍-ଅଲିୟାସିମ୍‌ଙ୍କୁ ଭେଟିବେ। ଅଲିୟାସିମ୍ ଚତୁର୍ଥ ରାଉଣ୍ଡରେ ରୁଷର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସିଧା ସେଟ୍‌ରେ ହରାଇଛନ୍ତି।

ପୂର୍ବତନ ବିଶ୍ୱ ନମ୍ବର ଏକ ଜାପାନର ନାଓମୀ ଓସାକା ମଧ୍ୟ ଏହି ଗ୍ରାଣ୍ଡସ୍ଲାମ୍‌ର ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଆମେରିକାର କୋକୋ ଗଫ୍‌ଙ୍କୁ ୬-୩, ୬-୨ ସେଟ୍‌ରେ ହରାଇଛନ୍ତି। ୨୦୨୦ରେ ଟାଇଟଲ୍ ଜିତିବା ପରେ ଓସାକା ପ୍ରଥମ ଥର ଏହି ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ୬ଷ୍ଠ ମ୍ୟାଚ୍ ହୋଇଥିବା ବେଳେ ଗଫ୍‌ଙ୍କ ବିପକ୍ଷରେ ଓସାକାଙ୍କର ଏହା ଓଭରଅଲ୍ ୩ୟ ବିଜୟ। ଅନ୍ୟ ଏକ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୬-୩, ୬-୧ରେ ୧୩ଶ ସିଡ୍ ରୁଷର ଏକାଜେରିନା ଆଲେକ୍‌ସାନ୍ଦ୍ରୋଭ୍‌ଙ୍କ ହରାଇ ଅନ୍ତିମ ୮ରେ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଗ୍ରାଣ୍ଡସ୍ଲାମ୍‌ରେ ସ୍ୱିଆଟେକ୍ ଲଗାତାର ଏକଦଶ ମ୍ୟାଚ୍ ବିଜୟୀ ହୋଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଆମେରିକାର ଅମାଣ୍ଡା ଅନିସିମୋଭାଙ୍କୁ ଭେଟିବେ। ଅନିସିମୋଭା ୬-୦, ୬-୩ରେ ବେଟ୍ରିଜ୍ ହଦ୍ଦାଡ୍ ମାଇଆଙ୍କୁ ହରାଇଛନ୍ତି।

**ମହିଳା ଡବଲ୍ସ କ୍ୱାର୍ଟରରେ ଭିନସ୍-ଫର୍ଣ୍ଣାଣ୍ଡିଜ୍**

ମହିଳା ଡବଲ୍ସରେ ୪୫ ବର୍ଷୀୟା ଭିନସ୍ ୱିଲିୟମ୍ସ କାନାଡାର ଲେଲାହ ଫର୍ଣ୍ଣାଣ୍ଡିଜ୍‌ଙ୍କ ସହ ମିଶି ପ୍ରାୟ ଏକ ଦଶକ ପରେ କୌଣସି ଗ୍ରାଣ୍ଡସ୍ଲାମ୍ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ରୁଷର ଏକାତେରିନା ଆଲେକ୍‌ସାନ୍ଦ୍ରୋଭା ଏବଂ ଚୀନ୍‌ର ଝାଙ୍ଗ୍ ଶୁଆଇଙ୍କୁ ୬-୩, ୬-୪ରେ ହରାଇଛି। ଏହା ୨୦୧୬ ପରେ ଭିନସ୍‌ଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍।

# ଲିଡ୍ ସ୍ପନ୍‌ସର୍ ପାଇଁ ବିସିସିଆଇର ଟେଣ୍ଡର୍ ଜାରି

### ବିଡ୍ କରିପାରିବେନି ଆଲ୍‌କୋହଲ୍, ତମ୍ବାଖୁ ଏବଂ ବେଟିଂ କମ୍ପାନୀ

**ମୁମ୍ବାଇ,୨।୯/ଏଜେନ୍ସି:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ମଙ୍ଗଳବାର ଟିମ୍ ଇଣ୍ଡିଆର ଲିଡ୍ ସ୍ପନ୍‌ସର ଅଧିକାର ପାଇଁ ଟେଣ୍ଡର୍ ଆହ୍ୱାନ କରିଛି। ନିକଟରେ ଡ୍ରିମ୍-୧୧ ଭାରତୀୟ କ୍ରିକେଟ୍ ଟିମ୍‌ର ଲିଡ୍ ସ୍ପନ୍‌ସର୍‌ରୁ ଓହରି ଯାଇଥିଲା। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଅଗଷ୍ଟ ୨୫ ତାରିଖରେ ଏହି ସୂଚନା ଦେଇଥିଲେ। ବିସିସିଆଇ ଜାରି ବୟାନରେ କହିଛି, ଆଲ୍‌କୋହଲ୍, ତମ୍ବାଖୁ, ବେଟିଂ, ରିୟଲ୍ ମନି ଗେମିଂ (ଫାଣ୍ଟାସୀ ସ୍ପୋର୍ଟ୍ସ ଗେମିଂ ବ୍ୟତୀତ), କ୍ରିପ୍ଟୋକରେନ୍ସି ଏବଂ ପର୍ଣ୍ଣୋଗ୍ରାଫି କିମ୍ବା ସାର୍ବଜନୀନ ନୈତିକତାକୁ ଆଘାତ ଦେବା ପରି କାମ କରୁଥିବା ବ୍ରାଣ୍ଡ୍‌କୁ ଏହି ବିଡ୍‌ରେ ସାମିଲ କରାଯିବ ନାହିଁ। ବିସିସିଆଇ ନିଜ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡଲ୍‌ରେ ଏହି ସୂଚନା ଦେଇଛି। ଲିଡ୍ ସ୍ପନ୍‌ସର୍ ପାଇଁ ବୋର୍ଡ ଇନ୍‌ଭିଟେସନ୍ ଫର୍ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ (ଆଇଇଓଆଇ) ଜାରି କରିଛି।




ଏହା ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସେହିପରି ସେପ୍ଟେମ୍ବର ୧୬ ଟେଣ୍ଡର୍ ଦାଖଲର ଶେଷ ତାରିଖ ରହିଛି।

ଡ୍ରିମ୍-୧୧ ୨୦୨୩ରେ ବିସିସିଆଇ ସହିତ ୩୫୮ କୋଟି ଟଙ୍କାରେ ତିନିବର୍ଷିଆ ସ୍ପନ୍‌ସରଶିପ୍ ଚୁକ୍ତି କରିଥିଲା। କିନ୍ତୁ ନିକଟରେ ସରକାର ସଂସଦରେ ବିଲ୍ ଆଣି ଡ୍ରିମ୍-୧୧ ପରି ରିୟଲ୍-ମନି ଗେମିଂ ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିଦେଇଥିଲେ। ଏହି କାରଣରୁ ଏହି ସ୍ପନ୍‌ସରଶିପ୍ ସମାପ୍ତ ହୋଇଥିଲା।

### ଟି-୨୦ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା

# ଛୋଟ ଫର୍ମାଟ୍‌ରୁ ମିଚେଲ୍ ଷ୍ଟାର୍କଙ୍କ ସନ୍ନ୍ୟାସ

**ସିଡ୍‌ନୀ,୨।୯/ଏଜେନ୍ସି:** ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ଅନୁଭବୀ ଫାଷ୍ଟ ବୋଲର୍ ମିଚେଲ୍ ଷ୍ଟାର୍କ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ ଏବେ ଟେଷ୍ଟ କ୍ରିକେଟ୍ ଉପରେ ପୂରା ଧ୍ୟାନ ଦେବେ ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ନିଜକୁ ଫିଟ୍ ରଖିବାକୁ ଚାହାନ୍ତି ବୋଲି ଷ୍ଟାର୍କ କହିଛନ୍ତି।




ମିଚେଲ୍ ଷ୍ଟାର୍କ ଅଷ୍ଟ୍ରେଲିଆ ପକ୍ଷରୁ ପାଞ୍ଚ ଟି-୨୦ ବିଶ୍ୱକପ୍ ଖେଳିଛନ୍ତି। ଆହତ କାରଣରୁ କେବଳ ୨୦୧୫ ବିଶ୍ୱକପ୍ ଖେଳିପାରି ନଥିଲେ। ୨୦୨୧ରେ ଅଷ୍ଟ୍ରେଲିଆକୁ ପ୍ରଥମ ଟି-୨୦ ବିଶ୍ୱ ଜିତାଇବାରେ ତାଙ୍କର ବଡ଼ ଯୋଗଦାନ ରହିଥିଲା। ୩୫ ବର୍ଷୀୟ ଷ୍ଟାର୍କ ୨୦୧୨ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷରେ ଦୁବାଇ ଇଣ୍ଟରନାସ୍‌ନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେହିପରି ଶେଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଗତବର୍ଷ ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ଗ୍ରାସ୍ ଆଇଲେଟ୍‌ରେ ଖେଳିଥିଲେ। ଷ୍ଟାର୍କ ମୋଟ ୬୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୨୩.୮୧ ହାରାହାରିରେ ୭୯ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କ ଇକୋନୋମି ରେଟ୍ ୭.୭୪ ଥିବାବେଳେ ଥରେ ସେ ଇନିଂସ୍‌ରେ ୪ ୱିକେଟ୍ ନେଇଛନ୍ତି। ଏହି ଛୋଟ ଫର୍ମାଟ୍‌ରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍। ପ୍ରଥମ ସ୍ଥାନରେ ଆଦମ୍ ଜାମ୍ପା ରହିଛନ୍ତି। ଜାମ୍ପା ୧୦୩ ମ୍ୟାଚ୍‌ରେ ୧୦୩ ୱିକେଟ୍ ଅକ୍ତିଆର କରିଛନ୍ତି।

ମିଚେଲ୍ ଷ୍ଟାର୍କ କହିଛନ୍ତି, ‘ଟେଷ୍ଟ କ୍ରିକେଟ୍ ସର୍ବଦା ମୋର ସବୁଠୁ ବଡ଼ ପ୍ରାଥମିକତା। ମୁଁ ଟି-୨୦ ଅନ୍ତର୍ଜାତୀୟରେ ପ୍ରତ୍ୟେକ ମ୍ୟାଚ୍‌ର ମଜା ଉଠାଇଛି। ଆଗକୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍, ଆଶେସ୍ ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍ ଦୃଷ୍ଟିରୁ ମୋତେ ଲାଗୁଛି ଏହା ଠିକ୍ ସମୟ। ଏହା ଦ୍ୱାରା ମୁଁ ଫିଟ୍ ଓ ସତେଜ ରହିବି ଏବଂ ଟିମ୍‌କୁ ମଧ୍ୟ ନୂଆ ବୋଲର୍ ପ୍ରସ୍ତୁତ କରିବାକୁ ସମୟ ମିଳିବ।’

### ରୋହିତଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ୟୁଏଇ କ୍ୟାପ୍ଟେନ୍


# ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ଛକା



**ନୂଆଦିଲ୍ଲୀ,୨।୯/ଏଜେନ୍ସି:** ଭାରତୀୟ ଟିମ୍‌ର ପୂର୍ବତନ କ୍ୟାପ୍ଟେନ୍ ରୋହିତ ଶର୍ମାଙ୍କ ଏକ ବଡ଼ ଟି-୨୦ ଅନ୍ତର୍ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ଏହି ଫର୍ମାଟ୍‌ରେ କ୍ୟାପ୍ଟେନ୍ ଭାବେ ତାଙ୍କ ନାମରେ ସର୍ବାଧିକ ଛକାର ବିଶ୍ୱ ରେକର୍ଡ ରହିଥିଲା। ଏବେ ୟୁଏଇ କ୍ୟାପ୍ଟେନ୍ ମହମ୍ମଦ ୱାସିମ୍ ଏହା ଭଙ୍ଗ କରିଛନ୍ତି। ରୋହିତଙ୍କ ନାମରେ ଟି-୨୦ ଅନ୍ତର୍ଜାତୀୟରେ କ୍ୟାପ୍ଟେନ୍ ଭାବେ ସର୍ବାଧିକ ୧୦୫ ଛକା ମାରିବାର ରେକର୍ଡ ଥିଲା। କିନ୍ତୁ ଗତକାଲି ୟୁଏଇରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ତ୍ରିକୋଣୀୟ ସିରିଜ୍‌ର ଏକ ଟି-୨୦ ମ୍ୟାଚ୍‌ରେ କ୍ୟାପ୍ଟେନ୍ ଭାବେ ୱାସିମ୍ ୧୧୦ ଛକା ମାରିବାର ରେକର୍ଡ ସ୍ଥାପନ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ୬ ଛକା ମାରି ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ମହମ୍ମଦ ୱାସିମ୍ ଆଫଗାନିସ୍ତାନ ବିପକ୍ଷରେ ୩୭ ବଲ୍‌ରେ ୬୭ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ସତ୍ତ୍ୱେ ତାଙ୍କ ଟିମ୍ ୩୮ ରନ୍‌ରେ ପରାଜିତ ହୋଇଥିଲା।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଆସିଫ୍ ଅଲୀଙ୍କ ଅବସର

**ଲାହୋର,୨।୯/ଏଜେନ୍ସି:** ପାକିସ୍ତାନର ମିଡିଲ୍-ଅର୍ଡର୍ ବ୍ୟାଟ୍ସମ୍ୟାନ୍ ଆସିଫ୍ ଅଲୀ ୩୩ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ସୋମବାର ସୋସିଆଲ୍ ମିଡିଆରେ ସେ ଏହି ଘୋଷଣା କରିଛନ୍ତି। ତେବେ ସେ ଘରୋଇ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍ ଜାରି ରଖିବେ। ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଲେଖିଛନ୍ତି- ‘ପାକିସ୍ତାନର ଜର୍ସି ପିନ୍ଧିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ। ଦେଶ ପାଇଁ ଖେଳିବା ଗର୍ବର କ୍ଷଣ ଥିଲା। ଏବେ ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହୁଛି। କିନ୍ତୁ ଘରୋଇ ଏବଂ ଲିଗ୍ କ୍ରିକେଟ୍ ଖେଳିଚାଲିବି।’ ଆସିଫ୍ ୨୦୧୮ରେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ୨୧ ଦିନିକିଆ ଏବଂ ୫୮ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ନିଜର ପାୱାର ହିଟିଂ ଏବଂ ଫିନିଶର୍ ଭୂମିକା ପାଇଁ ବେଶ୍ ଜଣାଶୁଣା। ତାଙ୍କ କ୍ୟାରିୟର୍‌ର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ ୨୦୨୧ ଟି-୨୦ ବିଶ୍ୱକପ୍‌ରେ ଦେଖିବାକୁ ମିଳିଥିଲା। ଆଫଗାନିସ୍ତାନ ବିପକ୍ଷରେ ବିଜୟ ପାଇଁ ୧୨ ବଲ୍‌ରେ ୨୪ ରନ୍‌ର ଆବଶ୍ୟକତା ଥିବାବେଳେ ସେ କେବଳ ୭ ବଲ୍‌ରେ ଚାରି ଛକା ଜରିଆରେ ୨୫ ରନ୍ କରି ପାକିସ୍ତାନକୁ ବିଜୟୀ କରାଇଥିଲେ। ୨୦୨୨ ଏସିଆ କପ୍‌ରେ ମଧ୍ୟ ଭାରତ ବିପକ୍ଷରେ ସେ ୧୬ ରନ୍‌ର ଦ୍ରୁତ ଇନିଂସ୍ ଖେଳି ଟିମ୍‌କୁ ବିଜୟ ଦେଇଥିଲେ। ଏହା ସତ୍ତ୍ୱେ ସେ ଟିମ୍‌ରେ ଲମ୍ବା ସମୟ ପାଇଁ ସ୍ଥିର ସ୍ଥାନ ସୃଷ୍ଟି କରିପାରି ନଥିଲେ ଏବଂ ତାଙ୍କୁ ପ୍ରାୟ ସମୟରେ କମ୍ ବଲ୍ ଖେଳିବାକୁ ମିଳିଥିଲା।



### ଲିଡ୍ସ ଦିନିକିଆ: ମହାରାଜଙ୍କୁ ୪ ୱିକେଟ୍, ମାର୍କରମ୍‌ଙ୍କ ଅର୍ଦ୍ଧଶତକ

# ସାଉଥ୍ ଆଫ୍ରିକା ୭ ୱିକେଟ୍‌ରେ ବିଜୟୀ

## ଇଂଲଣ୍ଡ ୧୩୧ ରନ୍‌ରେ ଅଲ୍‌ଆଉଟ୍



**ଲିଡ୍ସ,୨।୯/ଏଜେନ୍ସି:** ସାଉଥ୍ ଆଫ୍ରିକା ପ୍ରଥମ ଦିନିକିଆରେ ଇଂଲଣ୍ଡକୁ ୭ ୱିକେଟ୍‌ରେ ହରାଇ ୧-୦ରେ ସିରିଜ୍ ଅଗ୍ରଣୀ ହୋଇଛି। ଲିଡ୍ସର ହେଡିଂଲେ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲିଶ୍ ଟିମ୍ ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସାଉଥ୍ ଆଫ୍ରିକା ୨୦.୫ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ତୃତୀୟ ଓଭର୍‌ରେ ହିଁ ଓପ୍ନର୍ ବେନ୍ ଡକେଟ୍‌ଙ୍କ ୱିକେଟ୍ ହରାଇଥିଲା। ସେ ୫ ରନ୍ କରିଥିବା ବେଳେ ନାନ୍ଦ୍ରେ ବର୍ଗର୍ ତାଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ପରେ କ୍ରିଜ୍‌କୁ ଆସିଥିବା ଜୋ ରୁଟ୍ ଦ୍ୱିତୀୟ ୱିକେଟ୍ ପାଇଁ ଜେମି ସ୍ମିଥ୍‌ଙ୍କ ସହ ୩୧ ରନ୍ ଯୋଡ଼ିବା ପରେ ବ୍ୟକ୍ତିଗତ ୧୪ ରନ୍‌ରେ ଲୁଙ୍ଗି ଏନ୍‌ଗିଡ଼ିଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସ୍ମିଥ୍‌ଙ୍କ ସହ କ୍ୟାପ୍ଟେନ୍ ହ୍ୟାରୀ ବ୍ରୁକ୍ ୩୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୧୨ ରନ୍ କରିଥିବା ବେଳେ ବ୍ରୁକ୍ ରନ୍‌ଆଉଟ୍ ହୋଇ ଫେରିଥିଲେ। ଓପ୍ନର୍ ସ୍ମିଥ୍ ଅର୍ଦ୍ଧଶତକ ହାସଲ କରିବା ସହିତ ଜୋସ୍ ବଟ୍‌ଲର୍‌ଙ୍କ ସହ ଟିମ୍‌କୁ ସ୍କୋର୍ ୧୦୦ ରନ୍ ପାର୍ କରିଥିଲେ। ସ୍ମିଥ୍ ୫୪ ରନ୍ କରି ୱିଆନ୍ ମୁଲ୍ଡର୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପରେ ଆଉ ୩୦ ରନ୍ ମଧ୍ୟରେ ଟିମ୍ ଶେଷ ୭ ୱିକେଟ୍ ହରାଇଥିଲା। ଜୋସ୍ ବଟ୍‌ଲର୍ ୧୫ ରନ୍ କରିଥିବା ବେଳେ ବାକି ୬ ବ୍ୟାଟ୍ସମ୍ୟାନ୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଟିମ୍ ୨୪.୩ ଓଭର୍‌ରେ ହିଁ ଅଲ୍‌ଆଉଟ୍ ହୋଇଯାଇଥିଲା। ସାଉଥ୍ ଆଫ୍ରିକା କେଶବ ମହାରାଜ ୪ଟି ଏବଂ ୱିଆନ୍ ମୁଲ୍ଡର୍ ୩ଟି ୱିକେଟ୍ ନେଇଥିବା ବେଳେ ନାନ୍ଦ୍ରେ ବର୍ଗର୍ ଓ ଲୁଙ୍ଗି ଏନ୍‌ଗିଡ଼ିଙ୍କୁ ୧-୧ ସଫଳତା ମିଳିଥିଲା।

୧୩୨ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ସାଉଥ୍ ଆଫ୍ରିକା ମଜଭୁତ ଆରମ୍ଭ କରିଥିଲା। ପ୍ରଥମ ପାୱାର୍‌ପ୍ଲେରେ ଟିମ୍ ୬୭ ରନ୍ କରିଥିଲା। ଦ୍ୱିତୀୟ ପାୱାର୍‌ପ୍ଲେରେ ଏଡ଼େନ୍ ମାର୍କରମ୍ ଓ ରାୟନ୍ ରିକେଲ୍‌ଟନ୍ ସତର୍କତାର ସହ ବ୍ୟାଟିଂ କରି ୧୬ ଓଭର୍‌ରେ ଟିମ୍‌ର ସ୍କୋର୍ ୧୦୦ ରନ୍‌ରେ ପହଞ୍ଚାଇଥିଲେ। ଇତିମଧ୍ୟରେ ଅର୍ଦ୍ଧଶତକ ହାସଲ କରିଥିବା ମାର୍କରମ୍ ୮୬ ରନ୍‌ରେ ଆଦିଲ୍ ରଶିଦ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ରିକେଲ୍‌ଟନ୍ ପରେ କ୍ୟାପ୍ଟେନ୍ ଟେମ୍ବା ବାଭୁମାଙ୍କ ସହ ୨୦ ଓଭର୍‌ରେ ସ୍କୋର୍ ସମାନ କରିଥିଲେ। ତେବେ ୨୧ତମ ଓଭର୍‌ର ଦ୍ୱିତୀୟ ବଲ୍‌ରେ ରଶିଦ୍ ବାଭୁମା (୬)ଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ଏହାପରେ ତୃତୀୟ ବଲ୍‌ରେ ଟ୍ରଷ୍ଟନ୍ ଟବ୍ସଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ପରେ କ୍ରିଜ୍‌କୁ ଆସିଥିା ଡେଭାଲ୍ଡ ବ୍ରେଭିସ୍ ବିଜୟୀ ଛକା ଲଗାଇ ଟିମ୍‌କୁ ୭ ୱିକେଟ୍‌ରେ ବିଜୟୀ କରାଇଥିଲେ। ରିକେଲ୍‌ଟନ୍ ୩୧ ଏବଂ ବ୍ରେଭିସ୍ ୬ ରନ୍‌ରେ ଅପରାଜିତ ଫେରିଥିଲେ।

# ଜିମ୍ବାୱେ ଟି-୨୦ ଟିମ୍‌କୁ ଫେରିଲେ ବ୍ରେଣ୍ଡନ୍ ଟେଲର୍

**ହରାରେ,୨।୯/ଏଜେନ୍ସି:** ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ପାଇଁ ଜିମ୍ବାୱେ ୧୬ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛି। ଚାରିବର୍ଷର ଆଇସିସି ବ୍ୟାନ୍ ପରେ ଦିନିକିଆ ଓ ଟେଷ୍ଟ ଟିମ୍‌କୁ ଫେରିଥିବା ୩୯ ବର୍ଷୀୟ ୱିକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ବ୍ରେଣ୍ଡନ୍ ଟେଲର୍‌ଙ୍କୁ ଟି-୨୦ ଟିମ୍‌ରେ ସ୍ଥାନ ମିଳିଛି। ସେହିପରି ୨୦୨୪ରେ ଶେଷ ଟି-୨୦ ଖେଳିଥିବା ଅନୁଭବୀ ଅଲ୍‌ରାଉଣ୍ଡର୍ ଶିନ୍ ୱିଲିଅମ୍ସ ମଧ୍ୟ ଟିମ୍‌ରେ ସ୍ଥାନ ହାସଲ କରିଛନ୍ତି। ଏହା ବ୍ୟତୀତ ବ୍ରାଡ୍ ଏଭନ୍ସ ଏବଂ ତାଦିୱାନାଶେ ମରୁମାନୀଙ୍କୁ ମଧ୍ୟ ଟିମ୍‌ରେ ସାମିଲ କରାଯାଇଛି। ଦୁହିଁଙ୍କୁ ଜୁଲାଇରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଓ ସାଉଥ୍ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୁଯୋଗ ମିଳି ନଥିଲା। ତ୍ରିକୋଣୀୟ ସିରିଜ୍ ଖେଳିଥିବା ନ୍ୟୁମାନ୍ ନ୍ୟାମ୍‌ହୁରୀ, ୱେସ୍‌ଲ ମଧେୱେରେ, ଭିନ୍‌ସେଣ୍ଟ ମସେକେସା ଓ ତଫାଡ୍‌ଜ୍ୱା ସିଗାଙ୍କୁ ଟିମ୍‌ରେ ସ୍ଥାନ ମିଳିନାହିଁ।



ଜିମ୍ବାୱେ ଟିମ୍ ଘରୋଇ ମାଟିରେ ଶ୍ରୀଲଙ୍କା ବିପକ୍ଷରେ ସୀମିତ ଓଭର୍ ସିରିଜ୍ ଖେଳୁଛି। ଦିନିକିଆ ସିରିଜ୍‌କୁ ଶ୍ରୀଲଙ୍କା ୨-୦ରେ ନିଜ ନାମରେ କରିଥିଲା। ଏବେ ବୁଧବାରଠାରୁ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳାଯିବ। ତିନିଟି ଯାକ ମ୍ୟାଚ୍ ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ।

**ଜିମ୍ବାୱେ ଟି-୨୦ ସ୍କ୍ୱାଡ୍:** ସିକନ୍ଦର ରଜା (କ୍ୟାପ୍ଟେନ୍), ବ୍ରାୟନ୍ ବେନେଟ୍, ରାୟନ୍ ବର୍ଲ, ବ୍ରାଡ୍ ଏଭନ୍ସ, ଟ୍ରେଭର୍ ଗ୍ୱାଣ୍ଡୁ, କ୍ଲାଇଭ୍ ମଦାନ୍ଦେ, ତିନୋତେନ୍ଦା ମପୋସା, ତାଦିୱାନାଶେ ମରୁମାନୀ, ୱେଲିଂଟନ୍ ମସାକାଦ୍‌ଜା, ଟୋନି ମୁନ୍ୟୋଙ୍ଗା, ତାଶିଙ୍ଗା ମୁସେକିୱା, ବ୍ଲେସିଂ ମୁଜରବାନୀ, ଡାୟନ୍ ମାୟର୍ସ, ରିଚାର୍ଡ ନଗାରଭା, ବ୍ରେଣ୍ଡନ୍ ଟେଲର୍ ଓ ଶିନ୍ ୱିଲିଅମ୍ସ।

# ଭାରତ ଓ ନ୍ୟୁଜିଲାଣ୍ଡ ସିରିଜ୍‌ରୁ କମିନ୍ସ ବାଦ୍



**ମେଲବର୍ଣ୍ଣ,୨।୯/ଏଜେନ୍ସି:** ଅଷ୍ଟ୍ରେଲିଆର ପ୍ରମୁଖ ଫାଷ୍ଟ ବୋଲର୍ ଏବଂ ଟେଷ୍ଟ କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ସୀମିତ ଓଭର୍ ସିରିଜ୍‌ରୁ ବାହାର ହୋଇଛନ୍ତି। କମିନ୍ସଙ୍କ ତଳ ଅଣ୍ଟା ଆଘାତ କାରଣରୁ ସଂଘର୍ଷ କରୁଥିବା ବେଳେ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ସ୍ପଷ୍ଟ କରିଛି ଯେ ଆଶେସ୍ ସିରିଜ୍‌କୁ ଧ୍ୟାନରେ ରଖି ତାଙ୍କର ରିହାବିଲିଟେସନ୍ ପ୍ରକ୍ରିୟା ଚାଲିଛି। ଆଗକୁ ଅଷ୍ଟ୍ରେଲିଆର କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ରହିଛି। ଟିମ୍ ଅକ୍ଟୋବର ୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏହାପରେ ଭାରତ ବିପକ୍ଷରେ ଅକ୍ଟୋବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଟି ଦିନିକିଆ ଏବଂ ଅକ୍ଟୋବର ୨୯ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିପରି ନଭେମ୍ବର ୨୧ରୁ ପର୍ଥରେ ଇଂଲଣ୍ଡ ବିପକ୍ଷରେ ଆଶେସ୍ ଆରମ୍ଭ ହେବ। କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଏକ ବୟାନରେ କୁହାଯାଇଛି, ‘କମିନ୍ସଙ୍କୁ ଭାରତ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର୍ ସିରିଜ୍ ପାଇଁ ଚୟନ କରାଯାଇ ନାହିଁ। ସେ ତାଙ୍କର ରିହାବିଲିଟେନ୍ ପ୍ଲାନ୍ ଜାରି ରଖିବେ ଏବଂ ବୋଲିଂକୁ ପ୍ରତ୍ୟାବର୍ତ୍ତନ ସମୟ ତାଙ୍କର ଆଶେସ୍ ପ୍ରସ୍ତୁତିର ଅଂଶବିଶେଷ ହେବ।’

୩୨ ବର୍ଷୀୟ କମିନ୍ସ ନିକଟରେ ଇଂଲଣ୍ଡ ଓ କ୍ୟାରିବିୟାନ୍ ଗସ୍ତରେ ଖେଳାଯାଇଥିବା ୪ ଟେଷ୍ଟ ମ୍ୟାଚ୍‌ରେ ୯୫ରୁ ଅଧିକ ଓଭର୍ ବୋଲିଂ କରିଥିଲେ। ଏହି ଅବସରରେ ସେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ମେଡିକାଲ୍ ସ୍କାନ୍ ପରେ ତାଙ୍କ ମେରୁଦଣ୍ଡର ହାଡ଼ରେ ଲମ୍ବର ବୋନ୍ ଷ୍ଟ୍ରେସ୍ ହୋଇଥିବା ଜଣାପଡ଼ିଛି, ଯାହାର ଆଗକୁ ସ୍ୱତନ୍ତ୍ର ଚିକିତ୍ସା ଏବଂ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏହା ତାଙ୍କର ପୁରୁଣା ଆଘାତ ଏବଂ ଏହା କ୍ୟାରିୟର୍ ଆରମ୍ଭରେ ତାଙ୍କୁ ବହୁ ସମୟ କ୍ରିକେଟ୍‌ରୁ ଦୂରେଇ ରଖିଥିଲା। ଏବେ ପୁଣିଥରେ ଏହି ସମସ୍ୟା ଫେରିଥିବାରୁ କମିନ୍ସ ସାତ ସପ୍ତାହ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଆଶେସ୍ ସିରିଜ୍‌ର ଚାପ ସହିପାରିବେ କି ନାହିଁ ସେ ନେଇ ଚିନ୍ତା ବୃଦ୍ଧି ପାଇଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra